ବର୍ଷ-୨୬, ସଂଖ୍ୟା-୭୯
ଭୁବନେଶ୍ୱର
୨୩, ମାର୍ଚ୍ଚ, ୨୦୨୬ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No.79
Bhubaneswar
23 March, , 2026 Monday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

## ରାଜ୍ୟସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ

# ୨୬୧୨ କୋଟିର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୨୨।୩(ମହାଭାରତ): ରାଜ୍ୟ ସ୍ତରୀୟ ବିଶ୍ୱ ଜଳ ଦିବସ ସମାରୋହ ୨୦୨୬ ଆଜି ସ୍ଥାନୀୟ ଲୋକ ସେବା ଭବନ କନଭେନଶନ ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଭିନ୍ନ ଜଳ ସମ୍ପଦ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିଛନ୍ତି।

ସୂଚନା ଯୋଗ୍ୟ ଯେ, ଆଜି ମୁଖ୍ୟମନ୍ତ୍ରୀ ସମୁଦାୟ ୨୬୧୨ କୋଟି ଟଙ୍କାର ବହୁମୂଲ୍ୟ ପ୍ରକଳ୍ପର ଶୁଭାରମ୍ଭ କରିଛନ୍ତି । ଏଥିମଧ୍ୟରୁ ପ୍ରାୟ ୨୨୯୨ କୋଟି ଟଙ୍କାର ୧୭ ଟି ପ୍ରକଳ୍ପର ଶିଳାନ୍ୟାସ ହୋଇଥିବା ବେଳେ ପ୍ରାୟ ୩୨୦ କୋଟି ଟଙ୍କାର ବ୍ୟୟ ବରାଦରେ ସମୁଦାୟ ୧୨୪ ଟି ପ୍ରକଳ୍ପର ଶୁଭ ଉଦଘାଟନ ହୋଇଛି ।

ଜଳର ଗୋଟିଏ ବୁନ୍ଦା ମଧ୍ୟ ବିଶ୍ୱର ଅନେକ ଲୋକଙ୍କ ପାଇଁ ଦୁର୍ମୂଲ୍ୟ । ତେଣୁ ଜଳର ଗୋଟିଏ ବୁନ୍ଦା ଯେପରି ନଷ୍ଟ ନ ହୁଏ, ସେଥିପାଇଁ ସମସ୍ତଙ୍କୁ ଶପଥ ନେବାକୁ କହି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିଶ୍ୱ ଜଳ ଦିବସରେ ଜଳ ଅପଚୟ ନ କରିବାର ବାର୍ତ୍ତା ପ୍ରତିଟି ଘରେ ପହଞ୍ଚିବା ଦରକାର । ପିଲାମାନଙ୍କୁ ସ୍କୁଲରୁ ହିଁ ପାଣି ବଞ୍ଚ ?ଇବାର ଶିକ୍ଷା ଦେବାକୁ ପଡିବ କାରଣ ସେମାନେ ହିଁ ଆଗାମୀ ଦିନର ଜଳ ସୈନିକ । ଆମେ ପାଣି ନଷ୍ଟ କରିବା ନାହିଁ ଏବଂ ବର୍ଷାପାଣିକୁ ସଞ୍ଚୟ କରି ମାଟିକୁ ସଜଳ ରଖିବା ବାର୍ତ୍ତା ସହ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣ ଆରମ୍ଭ କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନ୍ ?କୁ ଏକ ବୈପ୍ଳବିକ ଯୋଜନା ବୋଲି କହି ମୁଖ୍ୟମନ୍ତ୍ରୀ ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଜଳାଭାବକୁ ଦୂର କରିବା ବୋଲି ସଂକଳ୍ପ ନେବା ବୋଲି କହିଥିଲେ ।






- ୨,୨୯୨ କୋଟିର ୧୭ ପ୍ରକଳ୍ପର ଶିଳାନ୍ୟାସ, ୩୨୦ କୋଟିର ୧୨୪ ଟି ପ୍ରକଳ୍ପର ଉଦ୍ଘାଟନ
- ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ-ବୁନ୍ଦାଏ ବି ପାଣି ନଷ୍ଟ କରନ୍ତୁ ନାହିଁ
- ପ୍ରତି ଘରକୁ ପାଇପ୍ ଯୋଗେ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ଆମର ସଂକଳ୍ପ
- ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ଓ ଗ୍ରାମୀଣ ଅର୍ଥନୀତି ସୁଦୃଢ଼ ଆମର ଲକ୍ଷ୍ୟ : ମୁଖ୍ୟମନ୍ତ୍ରୀ

ଜଳ ଶକ୍ତି ଅଭିଯାନ ମାଧ୍ୟମରେ ଜଳ ସଂରକ୍ଷଣକୁ ଏକ ଜାତୀୟ ପ୍ରାଥମିକତା ଭାବେ ଗ୍ରହଣ କରିବା ଏବଂ ଉବସ୍ଥମଷ ସ୍ଥଷର ଜବସଭ ମାଧ୍ୟମରେ ମହିଳାମାନଙ୍କୁ ଜଳ ଗୁଣବତ୍ତା ପରୀକ୍ଷା ଏବଂ ପରିଚାଳନା ପାଇଁ ପ୍ରଶିକ୍ଷଣ ଦିଆଯାଉଛି । ଏହା ଫଳରେ ଜଳ ସେବା କ୍ଷେତ୍ରରେ ଆମେ କୌଣସି ବି ବର୍ଗଙ୍କୁ ପଛରେ ପକାଇବୁ ନାହିଁ ଏବଂ ସମସ୍ତଙ୍କ ପାଇଁ ସୁଲଭ ଜଳ ଉପଲବ୍ଧ ହେବ । ଜଳ ପରିଚାଳନାରେ ଲିଙ୍ଗଗତ ବୈଷମ୍ୟ ଦୂର କରିବା ସହିତ ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ କରିବା ପାଇଁ ଆମର ଲକ୍ଷ୍ୟ ରହିଛି । ସମୃଦ୍ଧ ଓ ବିକଶିତ ଓଡିଶା ଗଠନ ପାଇଁ ଜଳ ସୁରକ୍ଷା ହେଉଛି ପ୍ରମୁଖ ସର୍ତ୍ତ । ଏଥିପାଇଁ ମହିଳା ଏବଂ ସ୍ୱୟଂ ସହାୟକ ଗୋଷ୍ଠୀ ଗୁଡିକୁ ଜଳସାଥୀ ଭାବେ ନିଯୋଜିତ କରାଯାଇଛି । ସେଥିପାଇଁ ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବିଷୟବସ୍ତୁ 'ଜଳ ଏବଂ ଲିଙ୍ଗଗତ ସମାନତା'କୁ ଆଧାର କରି ସମସ୍ତ ରାଜ୍ୟବାସୀଙ୍କୁ ଜଳ ସୁରକ୍ଷା ପାଇଁ ଆଗେଇ ଆସିବା ପାଇଁ ମୁଖ୍ୟମନ୍ତ୍ରୀ ଅନୁରୋଧ କରିଥିଲେ ।

ରାଜ୍ୟରେ ବିଭିନ୍ନ ଜଳଭିତ୍ତିକ ଯୋଜନା ବିଷୟରେ କହିବାକୁ ଯାଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଜଳର ଅଭାବ ଗରିବ ଲୋକଙ୍କୁ ସବୁଠାରୁ ଅଧିକ ପ୍ରଭାବିତ କରେ । ତେଣୁ ସମାଜରେ ଶେଷ ପାହାଚରେ ଥିବା ବ୍ୟକ୍ତିଙ୍କ ପାଖରେ ବିଶୁଦ୍ଧ ଜଳ ପହଞ୍ଚାଇବା ଆମ ଅନ୍ତ୍ୟୋଦୟ ନୀତିର ଅଂଶ ବିଶେଷ । ଆମ ସରକାର ମିଶନ୍ ପାୱାର୍ ଅଧୀନରେ ପ୍ରତିଟି ଅପହଞ୍ଚ ଗାଁ, ଏବଂ ପଛୁଆ ଅଞ୍ଚଳକୁ ବିଶୁଦ୍ଧ ଜଳ ଯୋଗାଇବା ପାଇଁ କାର୍ଯ୍ୟ କରୁଛି । କୃଷି କ୍ଷେତ୍ରରେ ପ୍ରତି ବୁନ୍ଦା ଜଳରେ ଅଧିକ ଫସଲ ନୀତିକୁ ଆମେ ପ୍ରୋତ୍ସାହିତ କରୁଛୁ । 'ଏକ୍ ପେଡ୍ ମା କେ ନାମ୍' ଅଭିଯାନ ମାଧ୍ୟମରେ ବୃକ୍ଷ ରୋପଣ କରିବାରେ ଦେଶରେ ଓଡିଶା ଅଗ୍ରଣୀ ରାଜ୍ୟ ଭାବେ ନିଜର ସ୍ଥାନ ଅଧିକାର କରିଛି । ଆଗାମୀ ଦିନରେ ଜଳକୁ ନେଇ ଯେପରି କୌଣସି ବିବାଦ ନ ହୁଏ, ସେଥିପାଇଁ ମଧ୍ୟ ଆମ ରାଜ୍ୟ ସନ୍ତୁଳିତ ଜଳ ନୀତି ପ୍ରସ୍ତୁତ କରିଛି ।

ଆଗାମୀ ଦିନମାନଙ୍କରେ ଓଡିଶାର ଜଳ ସେଚନ ସୁବିଧା ପାଇଁ ଶସ୍ୟର ସାନ୍ଦ୍ରତା ବା ଉକ୍ସକ୍ଟକ୍ସ ଓଭସ୍ଥରଭସ୍ଥସସ୍ଥଛ କୁ ୨୦୩୬ ସୁଦ୍ଧା ୨୨୦ ପ୍ରତିଶତ ଏବଂ ୨୦୪୭ ସୁଦ୍ଧା ୨୫୦ ପ୍ରତିଶକୁ ବୃଦ୍ଧି କରିବା ହେଉଛି, ସରକାରଙ୍କ ପ୍ରମୁଖ ଲକ୍ଷ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହାଛଡା ଭୂତଳ ଜଳ ପୁନର୍ଭରଣ ପାଇଁ ଛାତ ଯୋଜନା ଏବଂ ଅରୁଆ ଯୋଜନା ଅଧିନରେ ଅନେକ ରିଚାର୍ଜ ଶାଫ୍ଟ ପ୍ରସ୍ତୁତ ସମ୍ପୂର୍ଣ୍ଣ କରାଯାଇଛି ।

କେନାଲ ଲାଇନିଂ ସିଷ୍ଟମ, ରିହାବିଲିଟେସନ୍ ପ୍ରୋଗ୍ରାମ୍, ଲୋୟର ସୁକତେଲ ଜଳ ସେଚନ ପ୍ରକଳ୍ପ ଏବଂ କୁସୁମୀ ସ୍ମାର୍ଟ ଜଳସେଚନ ପ୍ରକଳ୍ପର ସଫଳତା ଆମର ୨୧ ମାସର କାର୍ଯ୍ୟକାରିତାରେ ଏକ ଉତ୍ସାହଜନକ ନିଦର୍ଶନ ଏବଂ ବିଭିନ୍ନ ଜଳସେଚନ ଯୋଜନା ମାଧ୍ୟମରେ ପ୍ରାୟ ୨ ଲକ୍ଷ ୨୦ ହଜାର ହେକ୍ଟର ଜମିରେ ଅତିରିକ୍ତ ଜଳସେଚନ ବ୍ୟବସ୍ଥା କରାଯାଇଛି ବୋଲି ସେ କହିଥିଲେ । ସେ ଆହୁରି କହିଥିଲେ ଯେ, ଜଳର ଉପଯୁକ୍ତ ବ୍ୟବହାର ଏବଂ ଶୁଦ୍ଧ ପାନୀୟ ଜଳର ଉପଲବ୍ ?ଧତାକୁ ବୃଦ୍ଧି କରିବା ବର୍ତ୍ତମାନର ଆବଶ୍ୟକତା । ଏଣୁ ଓଡିଶା ଭିଜନ ଡକୁମେଣ୍ଟ ୨୦୩୬ ଏବଂ ୨୦୪୭ ମାଧ୍ୟମରେ ବିଭିନ୍ନ କ୍ଷେତ୍ରରୁ ବଢୁଥିବା ଚାହିଦାକୁ ପୂରଣ କରିବା ପାଇଁ ଜଳ ସୁରକ୍ଷା ଅତ୍ୟନ୍ତ ଆବଶ୍ୟକ ।

ଏଣୁ ଆମେ ସମସ୍ତେ ସଂକଳ୍ପ ନେବା ଯେ, ଜଳ ପରିଚାଳନରେ ପୁରୁଷ ଓ ମହିଳାଙ୍କ ସମାନ ଭାଗୀଦାରି ଦ୍ୱାରା ହିଁ ଆମେ ସମାଜରେ ପ୍ରକୃତ ପରିବର୍ତ୍ତନ ଆଣିବା । ଜଳକୁ ଜୀବନ ଭରି ଭଲ ପାଇବା ଓ ଏହାର ସୁରକ୍ଷା ପାଇଁ କାର୍ଯ୍ୟ କରିବା ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ରାଜୀବ ଭବନ ଠାରେ ଶିଶୁ ଯତ୍ନ କେନ୍ଦ୍ର ''କଳିକା''ର ଉଦଘାଟନ ହେବା ସହିତ ଏଆଇ ଚାଳିତ ନାଗରିକ ମତାମତ ବ୍ୟବସ୍ଥା 'ବିନ୍ଦୁ' ଚାଟବୋଟ'ର ପ୍ରୟୋଗିକ ଶୁଭାରମ୍ଭ କରିଥିଲେ । ଏଥି ସହିତ ଜଳ ସମ୍ପଦ ବିଭାଗ ପକ୍ଷରୁ କେନ୍ଦ୍ରୀୟ ଜଳ ଆୟୋଗଙ୍କ ସହ ଏକ ବୁଝାମଣା ପତ୍ର ସ୍ୱାକ୍ଷରିତ ହେବା ସହ ଏକ କଫି ଟେବୁଲ ବୁକ୍ 'ସୁଜଳା' ଏବଂ ନଦୀ ମାନଚିତ୍ର ବହିର ଉନ୍ମୋଚନ ମଧ୍ୟ ହୋଇଥିଲା ।

କାର୍ଯ୍ୟକ୍ରମରେ ଅଭିଭାଷଣ ରଖି ଉପମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରି କହିଥିଲେ ଯେ, ଯେଉଁ ସ୍ଥାନ ମାନଙ୍କରେ ଲୋୟର ଲେଭେଲ୍ ବ୍ରିଜ୍ ମାନଙ୍କୁ ଭଙ୍ଗାଯାଇ ଅଧିକ ଉଚ୍ଚତା ବିଶିଷ୍ଟ ବ୍ୟାରେଜ ନିର୍ମାଣ କରାଯାଉଛି, ସେ ସ୍ଥାନରେ ପୁରୁଣା ନିମ୍ନ ସ୍ତରରେ ଥିବା ବ୍ରିଜ୍ ମାନଙ୍କୁ ଭଙ୍ଗା ନ ଯାଇ ସେ ସବୁରେ ଗେଟ୍ ଲଗାଇ ଜଳ ସଂରକ୍ଷଣ ନିମିତ୍ତ ବ୍ୟବହାର କରାଯାଉ । ଏହି ପ୍ରସ୍ତାବକୁ ଷ୍ଟଡି କରି ରିପୋର୍ଟ ଦେବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ ।

# ଦେଶର ସବୁଠାରୁ ଦୀର୍ଘକାଳୀନ ଶାସନ ମୁଖ୍ୟ ମୋଦି

ନୂଆଦିଲ୍ଲୀ, ୨୨।୩(ମହାଭାରତ):ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୂଆ ରେକର୍ଡ । ଭାରତର ସବୁଠାରୁ ଦୀର୍ଘକାଳୀନ ଶାସନ ମୁଖ୍ୟ। ଶାସନ ମୁଖ୍ୟ ଭାବରେ ୮,୯୩୧ ଦିନ ପୂରଣ କରିଛନ୍ତି । ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଭାରତର ରାଜନୈତିକ ଇତିହାସରେ ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଜଣେ 'ଶାସନ ମୁଖ୍ୟ' ଭାବରେ ସେ ସବୁଠାରୁ ଅଧିକ ଦିନ କାର୍ଯ୍ୟ କରିବାର ରେକର୍ଡ ନିଜ ନାମରେ କରିଛନ୍ତି।

ମୋଦୀଙ୍କ ଶାସନ କାଳ ମୋଟ ୮ ହଜାର ୯୩୧ ଦିନ। ପ୍ରଥମେ ସେ ଗୁଜରାଟର ମୁଖ୍ୟମନ୍ତ୍ରୀ ଥିଲେ। ୭ ଅକ୍ଟୋବର ୨୦୦୧ ରୁ ୨୨ ମେ ୨୦୧୪ ପର୍ଯ୍ୟନ୍ତ ପ୍ରାୟ ୪,୬୧୪ ଦିନ ମୁଖ୍ୟମନ୍ତ୍ରୀ ରହିଥିଲେ। ୨୦୧୪ରୁ ସେ ଭାରତର ପ୍ରଧାନମନ୍ତ୍ରୀ ଅଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ଭାବେ ୨୬ ମେ ୨୦୧୪ରୁ ବର୍ତ୍ତମାନ ପର୍ଯ୍ୟନ୍ତ ଦାୟିତ୍ୱରେ ଅଛନ୍ତି। ଲଗାତାର ୩ଟି ଟର୍ମ ପ୍ରଧାନମନ୍ତ୍ରୀ ହୋଇଛନ୍ତି। ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ପଦକୁ ମିଶାଇ ସେ ୨୪ ବର୍ଷରୁ ଅଧିକ ସମୟ ଧରି ଶାସନ ମୁଖ୍ୟ ଦାୟିତ୍ୱ ତୁଲାଇଛନ୍ତି।

ଗୁଜରାଟର ମୁଖ୍ୟମନ୍ତ୍ରୀ ଓ ଦେଶର ପ୍ରଧାନମନ୍ତ୍ରୀ ଭାବେ ସେ ବର୍ତ୍ତମାନ ୮,୯୩୧ ଦିନ ଶାସନ ମୁଖ୍ୟ ହୋଇଛି ଏକ ନମ୍ବର ସ୍ଥାନରେ ଅଛନ୍ତି। ୮,୯୩୦ ଦିନ ସହ ଦ୍ୱିତୀୟରେ ଅଛନ୍ତି ପଓ୍ୱନ କୁମାର ଚାମଲିଂ।



ସିକିମର ମୁଖ୍ୟମନ୍ତ୍ରୀ ଭାବେ ସେ ଦୀର୍ଘ ୨୪ ବର୍ଷ ୧୬୫ ଦିନ ଶାସନ କରିଥିଲେ। ତୃତୀୟରେ ଅଛନ୍ତି ଓଡିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସେ ୮,୮୬୪ ଦିନ ଶାସନ କରିଥିଲେ। ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ ୨୪ ବର୍ଷ ୯୯ ଦିନ ଶାସନ କରିଥିଲେ। ୮,୫୨୦ ଦିନ ସହ ଚତୁର୍ଥ ସ୍ଥାନରେ ଅଛନ୍ତି ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ଜ୍ୟୋତି ବସୁ। ସେ ମୁଖ୍ୟମନ୍ତ୍ରୀ ଭାବେ ପ୍ରାୟ ୨୩ ବର୍ଷରୁ ଅଧିକ ସମୟ ଶାସନ କରିଥିଲେ। ପଞ୍ଚମରେ ଅଛନ୍ତି ୮,୨୫୦ ଦିନ ସହ ପଞ୍ଚମରେ ଅଛନ୍ତି ଗେଗୋଙ୍ଗ ଆପାଙ୍ଗ। ଅରୁଣାଚଳ ପ୍ରଦେଶର ମୁଖ୍ୟମନ୍ତ୍ରୀ ଭାବେ ସେ ପ୍ରାୟ ୨୨ ବର୍ଷରୁ ଅଧିକ ସମୟ ଦାୟିତ୍ୱରେ ଥିଲେ। ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀ ଉଭୟ ସ୍ତରରେ ଶାସନର ମୋଟ ଦିନକୁ ଆଧାରରେ ମୋଦି ଐତିହାସିକ ରେକର୍ଡ କରିଛନ୍ତି। ଯଦି କେବଳ ପ୍ରଧାନମନ୍ତ୍ରୀ ପଦ କଥା ଦେଖାଯାଏ, ତେବେ ଜବାହରଲାଲ ନେହେରୁ ଏବେ ବି ଶୀର୍ଷରେ ଅଛନ୍ତି। ନିଜର ଏହି ଐତିହାସିକ ଯାତ୍ରା ସମ୍ପର୍କରେ ସୂଚନା ଦେଇ ପ୍ରଧାନମନ୍ତ୍ରୀ କହିଛନ୍ତି ଯେ, ୨୦୦୧ ମସିହାରେ ସେ ଯେତେବେଳେ ଗୁଜରାଟର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ, ସେତେବେଳେ ରାଜ୍ୟ ଭୟଙ୍କର ଭୂକମ୍ପ, ବାତ୍ୟା ଓ ମରୁଡ଼ି ପରି ବିପର୍ଯ୍ୟୟ ଦେଇ ଗତି କରୁଥିଲା। ଏହି ଚ୍ୟାଲେଞ୍ଜଗୁଡ଼ିକ ତାଙ୍କୁ ଜନସେବା ପାଇଁ ଅଧିକ ସୁଦୃଢ଼ କରିଥିଲା। "ସବୁବେଳେ ଗରିବଙ୍କ ପାଇଁ କାମ କରିବା ଓ କେବେବି ଲାଞ୍ଚ ନେବ ନାହିଁ" ତାଙ୍କ ମାଆଙ୍କ ଏହି ପରାମର୍ଶ ତାଙ୍କ ସାର୍ବଜନୀନ ଜୀବନର ମୂଳମନ୍ତ୍ର ହୋଇ ରହିଛି ବୋଲି ସେ ପ୍ରକାଶ କରିଛନ୍ତି।

## ଏଥର ନୂଆ ରୂପରେ ଦେଖିବେ ରୁକୁଣା ରଥ

ଭୁବନେଶ୍ୱର୨୨।୩(ମହାଭାରତ): ଆଉ ମାତ୍ର ୪ ଦିନର ଅପେକ୍ଷା । ଆସନ୍ତା ୨୬ ତାରିଖରେ ମହାଧୁମଧାମରେ ପାଳିତ ହେବ ପ୍ରଭୁ ଲିଙ୍ଗରାଜଙ୍କ ପବିତ୍ର ରୁକୁଣା ରଥଯାତ୍ରା। ଏଥିପାଇଁ ଏବେ ରଥଖଳାରେ ଚାଲିଛି ଜୋରଦାର ପ୍ରସ୍ତୁତି । ୪୫ ଫୁଟ ଉଚ୍ଚ ଓ ୨୭ ଫୁଟ ଓସାର ବିଶିଷ୍ଟ ଭବ୍ୟ ରଥ ତିଆରିରେ ବ୍ୟସ୍ତ ଅଛନ୍ତି ୬୧ ଜଣ କାରିଗର। ହାତରେ ମାତ୍ର ୨ ଦିନ ସମୟ ଥିବାରୁ କାମ ଏବେ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୨୫ ତାରିଖ ସନ୍ଧ୍ୟା (ନେତ୍ରୋତ୍ସବ ପୂର୍ବରୁ) ସମସ୍ତ କାମ ସରିବ। ବୁଧବାରେ ମନ୍ଦିର ପ୍ରଶାସନକୁ ରଥ ହସ୍ତାନ୍ତର କରାଯିବ ଏବଂ ସେହି ରାତିରେ ହେବ ରଥ ପ୍ରତିଷ୍ଠା ନୀତି। ଏହି ରଥକୁ କୁହାଯାଏ 'ଅଣଲେଉଟା ରଥ' ଅର୍ଥାତ୍ ଏହା ପଛକୁ ଫେରେ ନାହିଁ। ପ୍ରଭୁ ଲିଙ୍ଗରାଜ ଏହି ରଥରେ ଚଢ଼ି ମାଉସୀ ମା' ଘର (ରାମେଶ୍ୱର ମନ୍ଦିର)କୁ ଯାତ୍ରା କରନ୍ତି। କିମ୍ବଦନ୍ତୀ ଅନୁସାରେ, ପ୍ରଭୁ ଶ୍ରୀରାମ ରାବଣ ବଧ ପରେ ବ୍ରହ୍ମହତ୍ୟା ଦୋଷ ମୁକ୍ତି ପାଇଁ ଏକାମ୍ରକ୍ଷେତ୍ରକୁ ଆସି ଲିଙ୍ଗରାଜଙ୍କ ପୂଜା କରିଥିଲେ। ପରେ ବର ମାଗିଥିବାରୁ ଲିଙ୍ଗରାଜ ଏହି ଦିନ ଯାତ୍ରା କରନ୍ତି ବୋଲି ମାନ୍ୟତା ରହିଛି। ଲୋକକଥାନୁସାରେ ମା' ଭୁବନେଶ୍ୱରୀ ମଧ୍ୟ ଏହି ଯାତ୍ରାରେ ସହଭାଗୀ ହୋଇଥାନ୍ତି।

## ପ୍ରଧାନମନ୍ତ୍ରୀଙ୍କ ଉଚ୍ଚସ୍ତରୀୟ ବୈଠକ

ନୂଆଦିଲ୍ଲୀ, ୨୨।୩(ମହାଭାରତ):ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିସ୍ଥିତି ମଧ୍ୟରେ ପେଟ୍ରୋଲିୟମ, ଅଶୋଧିତ ତୈଳ, ଗ୍ୟାସ, ବିଦ୍ୟୁତ୍ ଏବଂ ସାର କ୍ଷେତ୍ର ସହିତ ଜଡିତ ପରିସ୍ଥିତି ସମୀକ୍ଷା କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଅଧ୍ୟକ୍ଷତା ଏକ ଉଚ୍ଚସ୍ତରୀୟ ବୈଠକର। ଏହି ବୈଠକରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ , ସୀତାରମଣ, ହରଦୀପ ସିଂ ପୁରୀ, ଜେପି ନଡ୍ଡାଙ୍କ ସହ କେନ୍ଦ୍ର ମନ୍ତ୍ରିପରିଷଦର ବହୁ ବରିଷ୍ଠ ସଦସ୍ୟ



ପ୍ରମୁଖ ଉପସ୍ଥିତ ରହିଥିଲେ।

ଆଲୋଚନାରେ ଦେଶବ୍ୟାପୀ ନିରନ୍ତର ଯୋଗାଣ, ସ୍ଥିର ଲଜିଷ୍ଟିକ୍ସ ଏବଂ ଅତ୍ୟାବଶ୍ୟକୀୟ ସମ୍ପଦର ଦକ୍ଷ ବଣ୍ଟନ ସୁନିଶ୍ଚିତ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ପଶ୍ଚିମ ଏସିଆରେ ସଂଘର୍ଷ ଚତୁର୍ଥ ସପ୍ତାହରେ ପ୍ରବେଶ କରିଛି, ଯାହା ହର୍ମୁଜ୍ ପ୍ରଣାଳୀ ଦେଇ ବାଣିଜ୍ୟ ମାର୍ଗକୁ ବାଧାପ୍ରାପ୍ତ କରିଛି। ଫେବୃଆରୀ ୨୮ ତାରିଖରେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ମିଳିତ ସାମରିକ ଆକ୍ରମଣରେ ୮୬ ବର୍ଷୀୟ ଇରାନର ସର୍ବୋଚ୍ଚ ନେତା ଆୟତୁଲ୍ଲା ଅଲି ଖାମେନିଙ୍କ ହତ୍ୟା ପରେ ଉତ୍ତେଜନା ବୃଦ୍ଧି ପାଇଥିଲା। ପ୍ରତିଶୋଧ ସ୍ୱରୂପ, ଇରାନ ଅନେକ ଉପସାଗରୀୟ ଦେଶରେ ଇସ୍ରାଏଲୀ ଏବଂ ଆମେରିକୀୟ ସମ୍ପତ୍ତିକୁ ଟାର୍ଗେଟ କରିଥିଲା, ଯାହା ଜଳପଥରେ ଆହୁରି ବାଧା ସୃଷ୍ଟି କରିଥିଲା ଏବଂ ଅନ୍ତର୍ଜାତୀୟ ଶକ୍ତି ବଜାର ସହିତ ବିଶ୍ୱ ଆର୍ଥିକ ସ୍ଥିରତାକୁ ପ୍ରଭାବିତ କରିଥିଲା।

## ଇସ୍ରାଏଲ୍ ଉପରେ ଇରାନର ଆକ୍ରମଣ

ନୂଆଦିଲ୍ଲୀ, ୨୨।୩(ମହାଭାରତ): ଇସ୍ରାଏଲ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁ ରବିବାର ଦିନ ଡିମୋନା ଏବଂ ଆରାଦ ସହରରେ ମିଶାଇଲ୍ ଆଟାକ୍ ହୋଇଥିବା ସ୍ଥାନ ପରିଦର୍ଶନ କରିଥିଲେ। ସେ କହିଥିଲେ ଯେ ଗତ ୪୮ଘଣ୍ଟା ମଧ୍ୟରେ ଇରାନର କାର୍ଯ୍ୟକଳାପ ସ୍ପଷ୍ଟ କରିଛି ଯେ ଏହା ବିଶ୍ୱ ପାଇଁ ଏକ ବଡ଼ ବିପଦ ସୃଷ୍ଟି କରିଛି । ନେତାନ୍ୟାହୁ ଉଲ୍ଲେଖ କରିଥିଲେ ଯେ ଇରାନ ସାଧାରଣ ନାଗରିକଙ୍କୁ ଟାର୍ଗେଟ କରିଥିଲା । ଏହି ଅଞ୍ଚଳରେ ଶିଶୁଙ୍କ ଡେକେୟାର ସେଣ୍ଟର ଏବଂ ବୃଦ୍ଧଙ୍କ ପାଇଁ ଘର ରହିଛି, ତଥାପି କ୍ଷେପଣାସ୍ତ୍ର ମାଡ଼ କରାଯାଇଥିଲା। ସେ ଆହୁରି ଅଭିଯୋଗ କରିଥିଲେ ଯେ ଇରାନ କ୍ଲଷ୍ଟର ବୋମା ଭଳି ନିଷିଦ୍ଧ ଅସ୍ତ୍ରଶସ୍ତ୍ର ବ୍ୟବହାର କରୁଛି । ଏହି ଅଭ୍ୟାସ ଯାହା ଅନ୍ତର୍ଜାତୀୟ ଆଇନକୁ ଉଲ୍ଲଂଘନ କରେ ।

ନେତାନ୍ୟାହୁ ବିଶ୍ୱ ନେତାମାନଙ୍କୁ ନିବେଦନ କରିଥିଲେ, ସେମାନଙ୍କୁ ଏହି ଲଢେଇରେ ଖୋଲାଖୋଲି ଯୋଗଦେବାକୁ ଅନୁରୋଧ କରିଥିଲେ, କାରଣ ଏହା କରିବାର ସମୟ ଆସିଯାଇଛି। ଡୋନାଲ୍ଡ ଟ୍ରମ୍ପଙ୍କ ବକ୍ତବ୍ୟକୁ ସମର୍ଥନ କରି, ସେ ଦୃଢ଼ତାର ସହିତ କହିଥିଲେ ଯେ ଆମେରିକା ଏବଂ ଇସ୍ରାଏଲ କେବଳ ନିଜ ପାଇଁ ନୁହେଁ, ବରଂ ସମଗ୍ର ବିଶ୍ୱ ପାଇଁ ଲଢୁଛନ୍ତି। ସେ ମନ୍ତବ୍ୟ ଦେଇଥିଲେ ଯେ ବର୍ତ୍ତମାନ ପ୍ରଶ୍ନ ହେଉଛି ଅନ୍ୟ ରାଷ୍ଟ୍ରଗୁଡ଼ିକ କେତେ ଦିନ ଅପେକ୍ଷା କରିବେ । ତାଙ୍କ ଅନୁସାରେ, କାର୍ଯ୍ୟ କରିବାର ସମୟ ଏବେ ଆସିଛି, ଯାହା ଦ୍ୱାରା ଏହି ବିପଦକୁ ଏଡାଯାଇପାରିବ।

ନେତାନ୍ୟାହୁ ମଧ୍ୟ କହିଛନ୍ତି ଯେ ଇରାନ ଜେରୁସାଲେମ ନିକଟରେ ପବିତ୍ର ଧାର୍ମିକ ସ୍ଥଳଗୁଡ଼ିକୁ ଟାର୍ଗେଟ କରିଥିଲା। ତାଙ୍କ ଅନୁସାରେ, ବାଲିଷ୍ଟିକ୍ କ୍ଷେପଣାସ୍ତ୍ର ଏପରି ଏକ ଅଞ୍ଚଳରେ ପଡ଼ିଥିଲା ??ଯେଉଁଠାରୁ ପ୍ରମୁଖ ଧାର୍ମିକ ସ୍ଥଳଗୁଡ଼ିକ – ଯେପରିକି ପବିତ୍ର ସେପୁଲଚରର ଚର୍ଚ୍ଚ, ଅଲ-ଆକସା ମସଜିଦ ଏବଂ ପଶ୍ଚିମ ପ୍ରାଚୀର – ବିପଦରେ ପଡ଼ିଥାନ୍ତା। ସେ ଉଲ୍ଲେଖ କରିଛନ୍ତି ଯେ ଏହି ତିନୋଟି ସ୍ଥାନ ବିଶ୍ୱର ପ୍ରମୁଖ ଧର୍ମ ପାଇଁ ଗଭୀର ଭାବରେ ପବିତ୍ର ହୋଇଥିଲେ ମଧ୍ୟ ଇରାନ ସେମାନଙ୍କ ପ୍ରତି କୌଣସି ସମ୍ମାନ କରେ ନାହିଁ।ଇସ୍ରାଏଲୀ ବାୟୁସେନା ଏବଂ ହୋମ୍ ଫ୍ରଣ୍ଟ କମାଣ୍ଡ ଡିମୋନାରେ ହୋଇଥିବା ପ୍ରାରମ୍ଭିକ ଆକ୍ରମଣର ତଦନ୍ତ କରୁଛନ୍ତି ।

## ନବୀନଙ୍କୁ ସିଧା ନିଶାନା କଲେ ସୌଭିକ

ଭୁବନେଶ୍ୱର୨୨।୩(ମହାଭାରତ):ନବୀନ ପଟ୍ଟନାୟକଙ୍କୁ ସିଧା ନିଶାନା କଲେ ସୌଭିକ ବିଶ୍ୱାଳ। ସେ କହିଛନ୍ତି ବାପାଙ୍କ ପ୍ରତି ହୋଇଥିବା ଅପମାନକୁ ସହ୍ୟ କରିପାରିବି ନାହିଁ। ଯଦି ଏଥିପାଇଁ ମୋତେ ଗୁଳି ଖାଇବାକୁ ପଡେ ତାହାଲେ ସାମ୍ନା କରିବି।କେବଳ ବାପାଙ୍କ ପାଇଁ ବିଧାନସଭା ଯିବାକୁ ସୁଯୋଗ ମିଳିଛି। ମୋତେ ନିଲମ୍ବନ ନୁହେଁ ବହିଷ୍କାର କରିଥିଲେ ଖୁସି ହୋଇଥାନ୍ତି।ବାପାଙ୍କୁ ବହିଷ୍କାରର ୫ ଦିନପରେ ମୋତେ ନବୀନ ନିବାସରୁ ଡାକରା ଆସିଥିଲା। ଭାବିଥିଲି ମୋତେ ବାପାଙ୍କ ବିଷୟରେ ଡାକି କିଛି କହିବେ ବୋଲି ମାତ୍ରେ ସେଠାରେ ନିର୍ମାଲ୍ୟ ଛୁଆଁଇ ସଂତୃପ୍ତ ମିଶ୍ରଙ୍କୁ ଭୋଟ ଦେବାକୁ କହିଲେ। ମୁଁ ସିଧାମନା କରିଥିଲି, ଏହି ନିଷ୍ପତ୍ତି ମୁଁ ନେଇ ପାରିବିନି । ଏହି ନିଷ୍ପତ୍ତି ବାପା ନେବେ ମୁଁ ସେମାନଙ୍କୁ କହିଥିଲି।ଗତକାଲି ରାଜ୍ୟସଭା ନିର୍ବାଚନରେ କ୍ରସଭୋଟିଂ କରିଥିବା ୬ ଜଣ ବିଜେଡ଼ି ବିଧାୟକଙ୍କୁ ଦଳରୁ ନିଲମ୍ବନ କରାଯାଇଛି। ବିଧାୟକଙ୍କ ଭିତରେ ବାରବାଟୀର ବିଧାୟକ ସୌଭିକ ବିଶ୍ୱାଳ ଏଥିରେ ଅନ୍ତର୍ଭୁକ୍ତ।

## କାମାକ୍ଷାନଗର କଲେଜ ଛାତ୍ରୀ ମୃତ୍ୟୁ ଘଟଣାର ପର୍ଦ୍ଦାଫାସ

# ମୁଖ୍ୟ ଅଭିଯୁକ୍ତ ସମେତ ୪ ଗିରଫ

ଢେଙ୍କାନାଳ, ୨୨।୩(ମହାଭାରତ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗରରେ ଜଙ୍ଗଲରୁ କଲେଜ ଛାତ୍ରୀଙ୍କ ମୃତଦେହ ମିଳିବା ଘଟଣା। ମୁଖ୍ୟ ଅଭିଯୁକ୍ତ ସହିତ ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି ପୁଲିସ। ମୃତଦେହ ଉଦ୍ଧାର ହେବାର ୪୮ ଘଣ୍ଟା ଭିତରେ ମାମଲାର ପରଦ୍ଦାଫାସ କରି ପୁଲିସ ୪ ଅଭିଯୁକ୍ତଙ୍କୁ ବାନ୍ଧିଛି। ଏନେଇ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଢେଙ୍କାନାଳ ଏସପି ଅଭିନବ ସୋନକାରକ୍ଷ। ଗିରଫ ମୁଖ୍ୟ ଅଭିଯୁକ୍ତ ହେଲେ କାମାକ୍ଷାନଗର ଥାନା ସାଆନ୍ତାରାପୁର ଗାଁର ଗଙ୍ଗାଧର ପାତ୍ର ଓରଫ ଜଗା।

ପୋଲିସର କହିବା ମୁତାବିକ, ଅଭିଯୁକ୍ତ ଜଗା ଏକ କାର ଯୋଗେ ନାବାଳିକା ଛାତ୍ରୀ ଜଣଙ୍କୁ ପଲ୍ଲୀ ଗାଁ ନିକଟକୁ ନେଇ ସେଠାରେ ଦୁଷ୍କର୍ମ କରିଥିଲେ। ଅତ୍ୟଧିକ ରକ୍ତସ୍ରାବ ହେବା ସହ ପରବର୍ତ୍ତୀ ସମୟରେ ଛାତ୍ରୀ ଜଣଙ୍କର ମୃତ୍ୟୁ ହୋଇଥିଲା। ଯାହାକୁ ନେଇ ଅଭିଯୁକ୍ତ ଜଗାଙ୍କୁ ତାଙ୍କ ମାମୁଁ ପୁଅ ଭାଇ ସାନଇନ୍ଦିପୁର ଗାଁର ଚନ୍ଦନ କୁମାର ନାଏକ, ପରଜଙ୍ଗ ଥାନା କୁମୁସି ଗାଁର ମଉସା ରସାନନ୍ଦ ନାଏକ ଏବଂ ସାଆନ୍ତରାପୁର ଗାଁର ଅନ୍ୟ ଜଣେ ସହଯୋଗୀ ମଦନ ମୋହନ ପାତ୍ର ସହଯୋଗ କରିଥିଲେ। ଯେଉଁ ଘଟଣାକୁ ନେଇ ସମଗ୍ର ରାଜ୍ୟରେ ଆଲୋଡନ ସୃଷ୍ଟି ହୋଇଥିଲା।



ତେବେ ଘଟଣା ଘଟିବାର ୪୮ ଘଣ୍ଟା ନପୂରୁଣୁ ଅଭିଯୁକ୍ତଙ୍କୁ ଧରିବାରେ ସଫଳ ହୋଇଛି ପୋଲିସ। ଅନ୍ୟ ତିନି ଅଭିଯୁକ୍ତ ହେଲେ ସାନଇନ୍ଦିପୁର ଗାଁର ଚନ୍ଦନ କୁମାର ନାଏକ, ସାଆନ୍ତାରାପୁର ଗାଁର ମଦନ ମୋହନ ପାତ୍ର, ଓ ପରଜଙ୍ଗ ଥାନା କୁମୁସି ଗାଁର ରସାନନ୍ଦ ନାଏକ। ସେମାନଙ୍କ ଠାରୁ ହତ୍ୟାକାଣ୍ଡରେ ବ୍ୟବହୃତ ହୋଇଥିବା କାର, ୩ଟି ମୋବାଇଲ, ମୃତ କଲେଜ ଛାତ୍ରୀଙ୍କ ରକ୍ତଭିଜା ଓଢଣୀ ଓ କଲେଜ ବ୍ୟାଗକୁ ପୋଲିସ ଜବତ କରିଛି। ଏନେଇ କାମାକ୍ଷାନଗର ଥାନାରେ ପୋକ୍ସୋ ଆଇନ ଅନୁଯାୟୀ ମାମଲା ରୁଜୁ କରାଯାଇ ତଦନ୍ତ ଚଳାଇଛି ପୋଲିସ। ଏ ନେଇ କାମାକ୍ଷାନଗର ଥାନାରେ ୧୯୧/୨୬ କେସ ନମ୍ବର ରେ ଏକ ମାମଲା ରୁଜୁ କରାଯାଇ ବିଏନଏସ ୧୩୭(୨), ୬୪(୨)(ଖ)/ ୬୬/୧୦୩(୧)/୫୫/୨୩୮/୩(୫) ଏବଂ ବିଏନଏସ ଆରଡବ୍ଲୁ ସେକ୍ସନ -୦୬/୨୧ ପୋକ୍ସୋ ଆଇନ ଅନୁଯାୟୀ ଦଫା ରୁଜୁ କରାଯାଇଛି । ଯାହାକୁ ନେଇ ପ୍ରେସମିଟରେ ସୂଚନା ଦେଇଛନ୍ତି ଢେଙ୍କାନାଳ ଏସପି ଅଭିନବ ସୋନକାର । ଅନ୍ୟମାନଙ୍କ ମଧ୍ୟରେ ଢେଙ୍କାନାଳ ଅତିରିକ୍ତ ଏସପି, କାମାକ୍ଷାନଗର ଏସ୍‌ଡ଼ିପିଓ, ଥାନା ଅଧିକାରୀ ଉପସ୍ଥିତ ଥିଲେ ।

# ଭାରତ ପହଞ୍ଚିଲା ଆମେରିକାର ଏଲପିଜି ଜାହାଜ

ନୂଆଦିଲ୍ଲୀ, ୨୨।୩(ମହାଭାରତ) ମଧ୍ୟପ୍ରାଚ୍ୟରେ ଉତ୍ତେଜନା ପରେ, ବିଶ୍ୱ ତୈଳ ସଙ୍କଟ ଆହୁରି ଘନିଷ୍ଠ ହୋଇଛି । ଇରାନର ହର୍ମୁଜ ପ୍ରଣାଳୀ ଉପରେ ପହରାଦେବା ଜାହାଜଗୁଡ଼ିକୁ ସମୁଦ୍ରରେ ରହିବାକୁ ବାଧ କରିଛି ।ଏହି ସମୟରେ, ଆମେରିକାର ଟେକ୍ସାସରୁ ଏଲପିଜି ନେଇ ଯାଉଥିବା ଏକ ବଡ଼ ମାଲବାହୀ ଜାହାଜ ମାଙ୍ଗାଲୋର ବନ୍ଦରରେ ପହଞ୍ଚିଛି। ଏହା ସହିତ, 'ଆକ୍ୱା ଟାଇଟାନ' ନାମକ ଏକ ରୁଷୀୟ ତୈଳ ଟ୍ୟାଙ୍କର୍ – ଯାହା ମୂଳତଃ ଚାଇନା ଅଭିମୁଖେ ଯାଉଥିଲା – ମଧ୍ୟ ଶନିବାର ନ୍ୟୁ ମାଙ୍ଗାଲୋର ପହଞ୍ଚିଛି ।ପୃଥକ ଭାବରେ, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ରବିବାର ଏକ ଧମକ ଜାରି କରି କହିଛନ୍ତି ଯେ ଯଦି ତେହେରାନ ସାମୁଦ୍ରିକ ପରିବହନ ପାଇଁ ହର୍ମୁଜ ପ୍ରଣାଳୀକୁ ପୁନଃ ଖୋଲିବ ନାହିଁ, ତେବେ ସେ ଇରାନର ଶକ୍ତି କେନ୍ଦ୍ରଗୁଡ଼ିକୁ ସମ୍ପୂର୍ଣ୍ଣ ଭାବରେ ଧ୍ୱଂସ କରିଦେବେ। ଟ୍ରମ୍ପ ତେହେରାନକୁ ହର୍ମୁଜ ପ୍ରଣାଳୀକୁ ସମ୍ପୂର୍ଣ୍ଣ ପୁନଃ ଖୋଲିବା ପାଇଁ ୪୮ ଘଣ୍ଟାର ସମୟସୀମା ଦେଇଥିଲେ, ଯାହା ତୁରନ୍ତ କାର୍ଯ୍ୟକାରୀ ହେବ। ସେ ଏହି ବାର୍ତ୍ତା ସକାଳ ୫ଟା୧୪ରେ ପୋଷ୍ଟ କରିଥିଲେ, ଏହା ଦ୍ୱାରା ତେହେରାନକୁ ପାଳନ କରିବା ପାଇଁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ସମୟ ଦେଇଥିଲେ।

## କଖାରୁ ଫୁଲ ଅଣ୍ଡା ଚପ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚପ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚପ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚପ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚପ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।





**ଖବର**

# ତିନି ଦିନରେ ୫୦୦ କୋଟି ରୋଜଗାର କଲା 'ଧୁରନ୍ଧର ୨'



ରଣବୀର ସିଂଙ୍କ ଫିଲ୍ମ 'ଧୁରନ୍ଧର ୨' ରିଲିଜର ତୃତୀୟ ଦିନ ଅର୍ଥାତଶନିବାର ଭାରତରେ ୧୧୩ କୋଟି ଟଙ୍କା ଆୟ କରିଛି । ଫିଲ୍ମର ପେଡ୍ ପ୍ରିଭ୍ୟୁ ସମେତ ତିନି ଦିନରେ ଫିଲ୍ମର ମୋଟ କଲେକ୍ସନ ହୋଇଛି ୩୩୯.୨୭ କୋଟି ଟଙ୍କା ।୧୯ ମାର୍ଚ୍ଚରେ ମୁକ୍ତିଲାଭ କରିଥିଲା ଏହି ଫିଲ୍ମ । ବର୍ତ୍ତମାନ ଫିଲ୍ମ ସାରା ବିଶ୍ୱରେ ଚହଳ ପକାଇଛି । ଫିଲ୍ମଟି ସାରା ବିଶ୍ୱରେ ୫୦୦ କୋଟି ଟଙ୍କା ଆୟ କରିଛି ଏବଂ ତୃତୀୟ ଦିନର ଆୟରେ ଜବାନ, ବାହୁବଳୀ ୨ ଓ ଦଙ୍ଗଲ ଭଳି ବଡ଼ ଫିଲ୍ମକୁ ପଛରେ ପକାଇ ଦେଇଛି ।'ଧୁରନ୍ଧର ୨' ଏପର୍ଯ୍ୟନ୍ତ ବିଦେଶରେ ପାଖାପାଖି ୯୬.୫୦ କୋଟି ଟଙ୍କା ରୋଜଗାର କରିସାରିଛି, ଯେଉଁ କାରଣରୁ ସାରା ବିଶ୍ୱରେ ଫିଲ୍ମର ମୋଟ କଲେକ୍ସନ ହୋଇଯାଇଛି ୫୦୧.୦୪ କୋଟି ଟଙ୍କା ।ତୃତୀୟ ଦିନରେ ୨୦,୯୧୭ଟି ଶୋ'ରେ ଫିଲ୍ମର ୮୧.୬% ଅକ୍ୟୁପାନ୍ସି ରହିଥିଲା ଯ ହିନ୍ଦୀ ଭର୍ସନ ୧୦୫ କୋଟି ସହିତ ସର୍ବାଧିକ ଆୟ କରିଥିଲା । ତେଲୁଗୁରେ ୫ କୋଟି ଏବଂ ତାମିଲରେ ୨.୯୫ କୋଟିର କଲେକ୍ସନ ହୋଇଥିଲା । ଧୁରନ୍ଧର ୨ ତୃତୀୟ ଦିନରେ ବକ୍ସ ଅଫିସରେ ଶାନଦାର ରୋଜଗାର ସହିତ ୭ଟି ଫିଲ୍ମର ରେକର୍ଡ ଭାଙ୍ଗି ଦେଇଛି। ମାତ୍ର ତିନି ଦିନରେ ଧୁରନ୍ଧର-୨ ୩୩୯.୨୭ କୋଟି ଟଙ୍କା ଆୟ କରିଛି, ଯେଉଁଥିରେ ହିନ୍ଦୀ ଭର୍ସନ ୧୦୫ କୋଟି ଟଙ୍କାର ବିଜିନେସ୍ କରିଛି । ଯଦି ଆମେ ତୁଳନା କରିବା, ଏହାର ପ୍ରଥମ ପାର୍ଟ 'ଧୁରନ୍ଧର' ତୃତୀୟ ଦିନରେ ମାତ୍ର ୫୧.୬୦ କୋଟି ଟଙ୍କା ଆୟ କରିଥିଲା ।ଧୁରନ୍ଧର ୨ରେ ରଣବୀର ସିଂଙ୍କ ବ୍ୟତୀତ ଅର୍ଜୁନ ରାମପାଲ, ସଞ୍ଜୟ ଦତ୍ତ ଏବଂ ଆର. ମାଧବନ ମଧ୍ୟ ଅଭିନୟ କରିଛନ୍ତି । ଫିଲ୍ମର ଲେଖକ ଏବଂ ନିର୍ଦ୍ଦେଶକ ଅଛନ୍ତି ଆଦିତ୍ୟ ଧର । ଜ୍ୟୋତି ଦେଶପାଣ୍ଡେ, ଲୋକେଶ ଧର ଏବଂ ଆଦିତ୍ୟ ଧର ମିଳିତ ଭାବରେ ଫିଲ୍ମଟିକୁ ପ୍ରଯୋଜନା କରିଛନ୍ତି । ବି୬୨ ଷ୍ଟୁଡିଓ ବ୍ୟାନରରେ ନିର୍ମିତ ଏହି ଫିଲ୍ମକୁ ଜିଓ ଷ୍ଟୁଡିଓ ପ୍ରେଜେଣ୍ଟ କରିଛି।

# ମହାଭାରତ : ପ୍ରତିଶୋଧ ଭାବନା କ୍ଷତିକାରକ

ଜଉ ଘରରୁ ଜୀବନ ରକ୍ଷା କରି ଜଙ୍ଗଲରେ ବୁଲୁଥିବା ପାଣ୍ଡବମାନଙ୍କୁ ଅଙ୍ଗାରପର୍ଣ୍ଣ ନାମରେ ଗନ୍ଧର୍ବ ପ୍ରସିଦ୍ଧ ଋଷି ବଶିଷ୍ଠଙ୍କ ପୁତ୍ର 'ଶକ୍ତି'ଙ୍କ କଥା ଶୁଣାଇଥିଲା। ଋଷି ବଶିଷ୍ଠ ରାମାୟଣରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଥରେ ତାଙ୍କ ପୁତ୍ର ଶକ୍ତି ଜଙ୍ଗଲରେ ଯାଉଥିବା ସମୟରେ ବାଟରେ ଏକ ଝରଣା ପଡ଼ିଲା। ସେହି ଝରଣାରେ ଖୁବ୍ ଅଣଓସାରିଆ ପୋଲଟିଏ ଥିଲା। ସେ ପୋଲ ଉପରକୁ ଚଢ଼ିବା ସମୟରେ ସମ୍ମୁଖରୁ ରାଜା କଲ୍ମାଷପାଦ ପୋଲର ବିପରୀତ ଦିଗରକୁ ଆସୁଥିବା ଦେଖିପାରିଲେ। ଦୁଇ ଜଣଙ୍କ ମଧ୍ୟରୁ ଜଣଙ୍କୁ ହେଲେ ପଛକୁ ହଟିବାର ଥିଲା। ରାଜା ଶକ୍ତିଙ୍କୁ କହିଲେ, ମୁଁ ପ୍ରଥମେ ଆସିଛି, ତେଣୁ ତୁମେ ମୋତେ ରାସ୍ତା ଦିଅ। କିନ୍ତୁ ଶକ୍ତି ନିଜ ପିତାଙ୍କ ପ୍ରତିଷ୍ଠାର ଅହଂକାରରେ ମଦମତ୍ତ ହୋଇ ଶକ୍ତିଙ୍କୁ କହିଲା, ପ୍ରଥମେ ତୁମେ ରାସ୍ତା ଦିଅ। କାରଣ ମୁଁ ଜଣେ ବ୍ରାହ୍ମଣ ଏବଂ ମୁଁ ତୁମ ଠାରୁ ଉଚ୍ଚରେ । ହେଲେ ରାଜା ତାଙ୍କ କଥା ଶୁଣିଲେ ନାହିଁ। କ୍ରୋଧିତ ହୋଇ ରାଜାଙ୍କୁ ରାକ୍ଷସ ହୋଇଯିବା ଲାଗି ଅଭିଶାପ ଦେଲେ ଶକ୍ତି। ରାଜା ତୁରନ୍ତ ଏକ ନରଭକ୍ଷୀ ରାକ୍ଷସ ହୋଇଗଲେ। ଏହାପରେ ସେ ଶକ୍ତିଙ୍କୁ ଖାଇଦେଲେ । ନିଜ ପୁତ୍ରକୁ ହରାଇ ମହର୍ଷି ବଶିଷ୍ଠ ନିରାଶ ଥିଲେ। ତାଙ୍କର ଦୁଃଖ ଥିଲା ଯେ ସେ ହିଁ ନିଜ ପୁତ୍ରକୁ ବରଦାନ ଏବଂ ଅଭିଶାପ ଦେବାର ଶକ୍ତି ଦେଇଥିଲେ। ଯେଉଁ ଶକ୍ତିର ସେ ଦୁରୁପଯୋଗ କରି ନିଜେ ହିଁ ତାହାର ଶିକାର ହେଲେ। ଶକ୍ତିଙ୍କ ପୁତ୍ର ପରାଶର ନିଜ ଜେଜେବାପା ବଶିଷ୍ଠଙ୍କ ସଂରକ୍ଷଣରେ ବଡ଼ ହେଲେ। ବଡ଼ ହେବା ପରେ ନିଜ ପିତାଙ୍କ ସହ ଘଟିଥିବା ଘଟଣା ସମ୍ପର୍କରେ ସେ ଅବଗତ ହେଲେ। ଏହାପରେ ସେ ପ୍ରତିଶୋଧ ନେବାକୁ ବାହାରିଲେ । ସେ ଏକ ଯଜ୍ଞ ଆୟୋଜନ କରିବାର ଯୋଜନା କଲେ । ଏହି ଯଜ୍ଞ ଦ୍ୱାରା ସମସ୍ତ ନରଭକ୍ଷୀ ଆଦିମ ମନୁଷ୍ୟ ଅଗ୍ନିରେ ପଡ଼ି ପ୍ରାଣ ହରାଇବେ। ହେଲେ ବଶିଷ୍ଠ ତାଙ୍କୁ ତାହା କରିବା ଲାଗି ବାରଣ କଲେ। ବଶିଷ୍ଠ କହିଲେ ଯେ ତୁମର ପିତା ଜଣଙ୍କୁ ଅଭିଶାପ ଦେଲେ ଏବଂ ସେହି ଅଭିଶାପ ହିଁ ତାଙ୍କୁ ମାରିଲା। ଯଦି ତୁମେ ପ୍ରତିଶୋଧ ନେବା ଲାଗି ଚାହୁଁଛ, ତା'ହେଲେ ଏହି ପ୍ରତିଶୋଧର ଚକ୍ର କେବେ ହେଲେ ଶେଷ ହେବ ନାହିଁ। ତୁମେ ସେହି ରାକ୍ଷସ ବିଷୟରେ ନୁହେଁ, ବରଂ ସେମାନଙ୍କ ପାଇଁ ଚିନ୍ତାକରଣ ଯେଉଁମାନେ ତୁମ ପାଇଁ ବହୁମୂଲ୍ୟବାନ ଅଟନ୍ତି। ପରାଶର ନିଜ ପିତାମହଙ୍କ ଆଜ୍ଞା ମାନିଲେ। ଏହାପରେ ସେ ମହାନ ଋଷି ବେଦବ୍ୟାସଙ୍କ ପିତା ହୋଇପାରିଥିଲେ। ବେଦବ୍ୟାସ ହିଁ ମହାଭାରତର କାହାଣୀରେ ମହତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ଅଙ୍ଗାରପର୍ଣ୍ଣ ପାଣ୍ଡବମାନଙ୍କୁ ଶକ୍ତି ଋଷିଙ୍କ କଥା ଏଥିପାଇଁ ଶୁଣାଇଥିଲା, କାରଣ ସେମାନଙ୍କ ହୃଦୟରେ ମଧ୍ୟ ପ୍ରତିଶୋଧ ଏବଂ ଘୃଣାର ଭାବନାକୁ ସେ ଦେଖିପାରିଥିଲା । ପାଣ୍ଡବମାନଙ୍କ ସହିତ ଅନେକ ଥର ଭୁଲ ବାଟରେ ବିଶ୍ୱାସଘାତକତା କରାଯାଇଥିଲା। ଏହାଠାରୁ ବଳି ସେମାନଙ୍କ ପ୍ରାଣ ନେବା ଲାଗି ମଧ୍ୟ ଚେଷ୍ଟା ହୋଇଥିଲା। ଥରେ ତ' ମା' ସମେତ ପାଞ୍ଚ ଭାଇଙ୍କୁ ମାରିବା ଲାଗି ଯୋଜନା ମଧ୍ୟ ହୋଇଥିଲା। ସେମାନେ ପ୍ରତିଶୋଧ ନେବା ଲାଗି ସୁଯୋଗ ଖୋଜୁଥିଲେ। ସେମାନଙ୍କୁ କାହାଣୀ ଶୁଣାଇବା ପରେ ଅଙ୍ଗାରପର୍ଣ୍ଣ ସେମାନଙ୍କୁ ପରାମର୍ଶ ଦେଇ କହିଲା ଯେ ଆପଣମାନେ ପ୍ରତିଶୋଧ ଭାବନା ତ୍ୟାଗ କରନ୍ତୁ । ଏଥିରେ ନିଜର ସମୟ ନଷ୍ଟ କରନ୍ତୁ ନାହିଁ । ଆପଣମାନେ ରାଜା ହୋଇପାରିବେ। ସେଥିପାଇଁ ପ୍ରଥମେ ଜଣେ ପୁରୋହିତଙ୍କୁ ଖୋଜନ୍ତୁ, ବିବାହ କରନ୍ତୁ, ଭୂମି ହାସଲ କରନ୍ତୁ, ନିଜେ ନିଜର ରାଜ୍ୟ ପ୍ରତିଷ୍ଠା କରନ୍ତୁ ଏବଂ ରାଜା ହୁଅନ୍ତୁ। ପ୍ରତିଶୋଧ ନେବା ଲାଗି ପ୍ରୟାସ କରନ୍ତୁ ନାହିଁ। ଏହି କାହାଣୀ ଶୁଣିବା ପରେ ପାଣ୍ଡବମାନଙ୍କ ହୃଦୟରେ ପ୍ରତିଶୋଧର ନିଆଁ ଯଦିଓ ପ୍ରଶମିତ ହୋଇଯାଇଥିଲା, ତାହା ସମ୍ପୂର୍ଣ୍ଣ ଭାବେ ଲିଭିନଥିଲା। ସେମାନେ ପ୍ରଥମେ ଜଣେ ପୂଜାରୀଙ୍କୁ ଖୋଜିଲେ। ଏହି ସନ୍ଧାନରେ ସେମାନେ ଦେବଳ ମୁନିଙ୍କ କନିଷ୍ଠ ଭ୍ରାତା ଧୌମ୍ୟଙ୍କ ସନ୍ଧାନ ପାଇବେ । ସେ ନିକଟରେ ଥିବା ଏକ ଆଶ୍ରମରେ ରହୁଥିଲେ। ତାଙ୍କୁ ସେମାନେ ନିଜ ପୁରୋହିତ ହେବା ଲାଗି ଅନୁରୋଧ କଲେ। ଦ୍ୱାପର ଯୁଗରେ ପାରିବାରିକ ପୁରୋହିତ ରଖିବା ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ଥିଲା। କାରଣ ପ୍ରତ୍ୟେକ ମୁହୂର୍ତ୍ତରେ ଏକ ଶକ୍ତିଶାଳୀ ଯଜ୍ଞର ଆବଶ୍ୟକତା ରହିଥିଲା। ସେମାନେ ଧୌମ୍ୟଙ୍କ ରୂପରେ ଜଣେ ସମର୍ଥ ପୁରୋହିତ ପାଇଗଲେ ଯିଏକି ସର୍ବଦା ସେମାନଙ୍କ ପକ୍ଷରେ ଛିଡ଼ା ହୋଇ ରହୁଥିଲେ। ପାଞ୍ଚାଳ ଦେଶର ରାଜକୁମାରୀ ଦ୍ରୌପଦୀଙ୍କ ସ୍ୱୟମ୍ବର ହେଉଥିବା ଖବର ପାଇ ପାଣ୍ଡବମାନେ ଏହାପରେ ସେହି ଦିଗକୁ ଗଲେ।



# ରାସ୍ତାରେ ଗଡୁନି ଶଗଡ଼, ହଜିଯାଉଛି ହଳ ବଳଦ



ବର୍ତ୍ତମାନ ବିଜ୍ଞାନ ଯୁଗରେ ପୁର ପଲ୍ଲୀ ସବୁଠି ଆଧୁନିକତାର ଛାପ। ଆଧୁନିକତାର ଛାପରେ ବଦଳିଗଲାଣି ପାରମ୍ପରିକ ଚାଷ ପ୍ରଣାଳୀ। ଗାଁ ଦାଣ୍ଡରେ ଆଉ ଗଡୁନି ଶଗଡ଼। ଦିଶୁନାହାନ୍ତି ହଳ ବଳଦ। ଶୁଣାଯାଉନାହିଁ ଗୋରୁ, ବଳଦଙ୍କ ହମ୍ବା ରଡ଼ି। ଦିନ ଥିଲା ଶଗଡ଼ ଗାଡ଼ି ଯାତ୍ରୀ ପରିବହନଠାରୁ ଆରମ୍ଭ କରି ମାଲ ପରିବହନ ପାଇଁ ଏକମାତ୍ର ମାଧ୍ୟମ ଥିଲା। ଅଧିକାଂଶ ଘରେ ବଳଦ, ଲଙ୍ଗଳ ଓ ଶଗଡ଼ ଗାଡ଼ି ଥିବାର ଦେଖିବାକୁ ମିଳୁଥିଲା। ଗ୍ରାମୀଣ ଜୀବନରେ ମଧ୍ୟ ଆଧୁନିକତାର ଚାକଚକ୍ୟରେ ଶଗଡ଼ ଗାଡ଼ିର କେଁ କଟର ଶବ୍ଦ କାଳର କରାଳ ଗର୍ଭରେ ହଜିଗଲାଣି। ଦିନେ ଗାଁ ଗଣ୍ଡାରେ ବାସ କରୁଥିବା ସମ୍ଭ୍ରାନ୍ତ ତଥା ସାହୁକାର ଶ୍ରେଣୀର ମୁଖ୍ୟ ପରିଚୟ ଥିଲା ଶଗଡ଼। ଗାଁ ଠାରୁ ସହର ପର୍ଯ୍ୟନ୍ତ ଶଗଡ଼ର ବହୁଳ ବ୍ୟବହାର ଦେଖିବାକୁ ମିଳୁଥିଲା। ଆଧୁନିକ ଜ୍ଞାନ କୌଶଳର ଉଦ୍ଭାବନ ଓ ଏହାର ପ୍ରୟୋଗ ଫଳରେ ଆଜିକାଲି ପ୍ରାୟ ଶଗଡ଼ ଅଲୋଡ଼ା ହୋଇ ପଡିଛି। ସେହିପରି ହଳ ବଳଦ କଥା ନକହିଲେ ଭଲ। ପୁରୁଷାନୁକ୍ରମେ ଭୋର ୪ଟାରୁ ଚାଷୀମାନେ ହଳ ଲଙ୍ଗଳ ନେଇ ବିଲରେ ଚାଷ କରୁଥିଲେ। ଶଗଡ଼ରେ ଜମିକୁ ଖତ ବୋହୁଥିଲେ। ସେଠାରୁ ଫସଲ ଆଣୁଥିଲେ। ପୂର୍ବରୁ ଶୁଣାଯାଉଥିବା ଶଗଡ଼ର କେଁ କଟର ଶବ୍ଦ, ଶଗଡ଼ିଆଙ୍କ ଗୀତ ଆଉ ନାହିଁ। ଜମିରେ ଲଙ୍ଗଳ ବଦଳରେ ବୁଲୁଛି ଟ୍ରାକ୍ଟର, ପାୱାର ଟିଲର ଓ ହାର୍ଭେଷ୍ଟର ଭଳି ଆଧୁନିକ ଯନ୍ତ୍ରପାତି। ଏହି ଯାନ୍ତ୍ରିକ ଗାଡ଼ିର କର୍କଶ ଶବ୍ଦରେ କାନ ଫାଟିଯାଉଛି। ଯନ୍ତ୍ରପାତିର ବ୍ୟବହାର ଦ୍ୱାରା କମ୍ ? ସମୟରେ ଅଧିକ କାର୍ଯ୍ୟ ହୋଇପାରୁଛି ସତ, କିନ୍ତୁ ଏଥିଯୋଗୁଁ ଗାଁ ଗହଳିରେ ଏବେ ଲୋକେ କାମ ପାଉନାହାନ୍ତି। ଅନେକ ଚାଷୀ ଚାଷ କାର୍ଯ୍ୟ ଛାଡ଼ି ଦାଦନ ଖଟିବାକୁ ବାହାରକୁ ଚାଲିଯାଉଛନ୍ତି। ଏହି ଯାନ୍ତ୍ରିକରୁ ବାହାରୁଥିବା କଳାଧୂଆଁ ପରିବେଶକୁ ପ୍ରଦୂଷିତ କରୁଛି। କାଁ ଭାଁ ଗ୍ରାମାଂଚଳରେ ଗରିବ, ଆର୍ଥିକ ଦୁର୍ବଳ ଓ ସ୍ୱାବଲମ୍ବୀ ଚାଷୀ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି ।ବହୁବର୍ଷ ପୂର୍ବରୁ ଲୋକେ ବ୍ୟବହାର କରୁଥିବା ଶଗଡ଼ ଗାଡ଼ି ଏବଂ ଏଥିରେ ଲାଗିଥିବା ଚକ, ଅଖ, ହଳ, ଲଙ୍ଗଳ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡ଼ିଛି ତ କେଉଁଠି ପିଣ୍ଡାରେ ଅଜାଡ଼ି ହୋଇ ତା ଉପରେ ବହଳେ ଧୂଳି ଆସ୍ତରଣ ଜମାଟ ବାନ୍ଧି ପରିତ୍ୟକ୍ତ ଅବସ୍ଥାରେ ପଡି ଅତୀତର ସ୍ମୃତିକୁ ଜାହିର କରୁଛି। ଏଭଳି ବିକଳ ଚିତ୍ର ଅତ୍ୟାଧୁନିକ ହାଇଟେକ୍? ସଂସ୍କୃତିର ନୂତନ ପିଢ଼ିଙ୍କ ମନରେ ଜିଜ୍ଞାସା ଭାବ ସୃଷ୍ଟି କରୁଛି ।କାରଣ ଶଗଡ଼ ନିର୍ମାଣ ପାଇଁ ବ୍ୟବହାର ହେଉଥିବା ଉପଯୁକ୍ତ କାଠ ଏବେ ସୁଲଭ ମୂଲ୍ୟରେ ମିଳୁ ନାହିଁ। ବଳଦ ଚରାଇବା ପାଇଁ ଲୋକଙ୍କ ଅଭାବ ତଥା ସରକାର କିମ୍ବା ସାମାଜିକସ୍ତରରେ ସେମିତି ଶଗଡ଼ ଗାଡ଼ିର ବ୍ୟବହାର ପାଇଁ କୌଣସି ପ୍ରୋତ୍ସାହନ ମିଳୁ ନାହିଁ। ଫଳରେ ଲୋକେ ଶଗଡ଼ ଗାଡ଼ି ଉପରେ ନିର୍ଭରଶୀଳ ନ ହୋଇ ଟ୍ରାକ୍ଟର,ପାୱାର ଟିଲର ପ୍ରତି ଆଗ୍ରହ ପ୍ରକାଶ କରୁଛନ୍ତି। ତେଣୁ ଶଗଡ ଗାଡ଼ି ଓ ହଳବଳଦ ର ଚାହିଦା ଗାଁ ଠାରୁ ସହର ପର୍ଯ୍ୟନ୍ତ କାଁ ଭାଁ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ବୟସ୍କ ଚାଷୀ ଲକ୍ଷ୍ମୀଧର ରାଉତ କୁହନ୍ତି, ଗ୍ରାମାଞ୍ଚଳରେ କାଁ ଭାଁ ସ୍ୱାବଲମ୍ବୀ ଚାଷୀ ବଳଦ, ହଳ, ଲଙ୍ଗଳ ରଖିଥିବା ବେଳେ ଶଗଡ଼ ଗାଡ଼ିରେ ଧାନ କ୍ଷେତରୁ ଧାନ ଅମଳ କରି ଖଳାକୁ ଆଣୁଥିବାର ବିରଳ ଦୃଶ୍ୟ କ୍ୱଚିତ ଦେଖିବାକୁ ମିଳୁଛି। ପୁରୁଣା କାଳରେ ଲୋକେ ବ୍ୟବହାର କରୁଥିବା ଲଙ୍ଗଳ ଫାଳ, ଜୁଆଳି ଓ ଶଗଡ଼ ଗାଡ଼ିରେ ଲାଗୁଥିବା ଚକ ବର୍ଜ୍ୟବସ୍ତୁ ଭଳି କେଉଁଠି ରାସ୍ତା କଡ଼ରେ ପଡିଛି ତ କେଉଁଠି ପିଣ୍ଡାରେ ଡେରା ହୋଇଛି। ସେହିପରି ପୂର୍ବତନ ପ୍ରାଧ୍ୟାପକ ତଥା ଗବେଷକ ଗୋପାଳ ଦାସ କୁହନ୍ତି, ନିଜକୁ ଆଧୁନିକ ବୋଲାଉଥିବା ମଣିଷ ନିଜର ପୁରୁଣା ଜିନିଷକୁ ଭୁଲିବାରେ ଲାଗିଛି। ଆଜିର ଯୁବପିଢ଼ି କେବଳ ବର୍ଣ୍ଣବୋଧ ବହିରେ ଚକ, ଅଖ, ଶଗଡ଼ ଚିହ୍ନୁଛନ୍ତି। ଯନ୍ତ୍ରପାତିର ବହୁଳ ବ୍ୟବହାର ଯୋଗୁ ମାଟି, ପାଣି, ପବନ ବିଷାକ୍ତ ହେବାରେ ଲାଗିଛି। ଯେଉଁ କାରଣରୁ ନାନାବିଧ ରୋଗରେ ପଡ଼ି ମଣିଷ ଛଟପଟ ହେଉଛନ୍ତି।

# ଭଗବାନ ବୁଦ୍ଧଙ୍କ ଦିବ୍ୟ ଉପଦେଶ

ବୋଧିବୃକ୍ଷ ତଳେ ଅନେକ ବର୍ଷ ପର୍ଯ୍ୟନ୍ତ ବସି ଧ୍ୟାନ କରିବା ପରେ ଗୌତମ ଅଲୌକିକ ଜ୍ଞାନ ପ୍ରାପ୍ତ କରିଥିଲେ । ସେବେଠାରୁ ସେ ମହାତ୍ମା ବୁଦ୍ଧ ନାମରେ ପରିଚିତ ହୋଇଥିଲେ । ସେ ବୁଦ୍ଧତ୍ୱ ପ୍ରାପ୍ତ



କରିବା ସମୟରେ ଆକାଶରୁ ପୁଷ୍ପ ବର୍ଷା ହୋଇଥିଲା । ଦେବତାମାନେ ଭଗବାନ ବୁଦ୍ଧଙ୍କ ବନ୍ଦନା କରିଥିଲେ । ବ୍ରହ୍ମା ତାଙ୍କୁ କହିଥିଲେ ଯେ ସେ ଜନକଲ୍ୟାଣ ନିମନ୍ତେ ଉପଦେଶ ଦିଅନ୍ତୁ । ବୁଦ୍ଧ ନିଜର ପ୍ରଥମ ଉପଦେଶ ବାରାଣସୀ ନିକଟବର୍ତ୍ତୀ ସାରନାଥ ଠାରେ ଦେଇଥିଲେ । ବୁଦ୍ଧଙ୍କ ଉପଦେଶରୁ ହିଁ ଭାରତରେ ଏକ ନୂଆ ଧର୍ମର ଅଭ୍ୟୁଦୟ ହୋଇଥିଲା- ବୌଦ୍ଧ ଧର୍ମ ।

ବୁଦ୍ଧ ନିଜର ପ୍ରଥମ ଉପଦେଶ କହିଥିଲେ ଯେ ଜୀବନରେ ଅତ୍ୟଧିକ ଭୋଗ କରିବା ଉଚିତ୍ ନୁହେଁ କିମ୍ବା ଅତି ତ୍ୟାଗ କରିବା ମଧ୍ୟ ଉଚିତ୍ ନୁହେଁ । ମଧ୍ୟମ ମାର୍ଗ ଆପଣାଇ ଜୀବନ ଯାପନ କରିବା ଲାଗି ସେ ପରାମର୍ଶ ଦେଇଥିଲେ । ବୁଦ୍ଧ ଜୀବନରେ ଦୁଃଖର କାରଣ ଏବଂ ପରିଣାମ ରହସ୍ୟ ମଧ୍ୟ ଉନ୍ମୋଚନ କରିଥିଲେ । ସେ ସମଗ୍ର ମାନବଜାତିକୁ ବୁଝାଇଥିଲେ ଯେ ଆମେମାନେ ଭୋଗୁଥିବା ଅନେକ ଦୁଃଖର କାରଣ କେବଳ ଆମ ଭିତରେ ରହିଥିବା ଅଜ୍ଞାନ ଏବଂ ମିଥ୍ୟାଦୃଷ୍ଟି । କେବଳ ସତ୍ୟର ଜ୍ଞାନ ମାଧ୍ୟମରେ ଦୁଃଖର ନାଶ କରିବା ସମ୍ଭବ । ସତ୍ୟ ଅର୍ଥାତ୍ ଯଥାର୍ଥ ଜ୍ଞାନ ହିଁ ସମ୍ୟକ ଜ୍ଞାନ । ଏଣୁ ସତ୍ୟର ସନ୍ଧାନ ପାଇବାକୁ ହେଲେ ଦୁଃଖରୁ ମୁକ୍ତି ପାଇବା ପରମ ଆବଶ୍ୟକ । ଅଜ୍ଞାତ ସତ୍ୟର ସନ୍ଧାନ କରାଯାଇଥାଏ । ପୂର୍ବରୁ ରହିଥିବା ପରମ୍ପରାକୁ ଖଣ୍ଡନ କରି ବୁଦ୍ଧ ଏକ ନୂତନ ମାର୍ଗରେ ସତ୍ୟ ସନ୍ଧାନ କରିବା ଲାଗି ଉପଦେଶ ଦେଇଥିଲେ । ବୁଦ୍ଧ ନିଜେ କାହା ପ୍ରତି ପ୍ରତିବଦ୍ଧ ହୋଇନଥିଲେ କିମ୍ବା ନିଜ ଶିଷ୍ୟମାନଙ୍କୁ ମଧ୍ୟ କେଉଁଠି ବାନ୍ଧିନଥିଲେ । ବୁଦ୍ଧ କହୁଥିଲେ ଯେ ମୋ କଥାକୁ ମଧ୍ୟ ସହଜରେ ମାନିନେବା ଉଚିତ୍ ନୁହେଁ । ବୁଦ୍ଧଙ୍କ କଥାରେ ମଧ୍ୟ ସନ୍ଦେହ କର ଏବଂ ବିଭିନ୍ନ ଢଙ୍ଗରେ ତାହାର ପରୀକ୍ଷା କର । ଜୀବନରେ ତା'କୁ ପରୀକ୍ଷା କର, ନିଜ ଅନୁଭବକୁ ମିଶାଅ, ଯଦି ତୁମେ ଉଚିତ୍ ଜ୍ଞାନକୁ ସ୍ୱୀକାର କରିପାରିବ ତା'ହେଲେ ତୁମେ ଜୀବନରେ ଆଗକୁ ବଢ଼ିପାରିବ । ତୃଷ୍ଣା ପରିତ୍ୟାଗ କରିବା, ହିଂସା ତ୍ୟାଗ କରିବା, ଜୀବମାତ୍ରକେ ସ୍ନେହ କରିବା ଲାଗି ବୁଦ୍ଧ ପରାମର୍ଶ ଦେଇଥିଲେ । ମିଥ୍ୟା ମଧ୍ୟ ହିଂସା ବୋଲି ସେ କହୁଥିଲେ । ତେଣୁ ସତ୍ୟ ମାଧ୍ୟମରେ ତାହାର ଦମନ କରିବା ଲାଗି କହୁଥିଲେ । ନ୍ୟାୟପୂର୍ଣ୍ଣ ଢଙ୍ଗରେ ଅର୍ଜନ କରାଯାଇଥିବା ବସ୍ତୁ ଉପରେ ହିଁ ଅଧିକାର ସାବ୍ୟସ୍ତ କରିବା ଲାଗି ସେ କହୁଥିଲେ । କେବଳ ନିଜ ପରିଶ୍ରମ ଉପରେ ଭରସା କରିବା ଲାଗି ବୁଦ୍ଧ ଉପଦେଶ ଦେଇଥିଲେ । ସେହିପରି ମଦ୍ୟପାନ ନିଷିଦ୍ଧ ବୋଲି ବୁଦ୍ଧ ପରାମର୍ଶ ଦେଇଥିଲେ । ସମସ୍ତ ବାସନା ପରିତ୍ୟାଗ କରିବା ଲାଗି ବୁଦ୍ଧ ମନୁଷ୍ୟ ସମାଜକୁ ଶିକ୍ଷଣ ଦେଇଥିଲେ । କାରଣ ମୁକ୍ତି ପାଇବାରେ ଏସବୁ କେବଳ ଗୋଟିଏ ଗୋଟିଏ ବାଧା ।

ନଗରନକ୍ସା ମହାନଗରର ନିଜ ଭାଷା



# ଗଙ୍ଗୁଆ ନାଳର ହେବ ପୁନରୁଦ୍ଧାର : ଅପରାଜିତା

ଭୁବନେଶ୍ୱର,୨୨।୩ (ମହାଭାରତ): ଭୁବନେଶ୍ୱର ସର୍କିଟ ହାଉସରେ ସଂସଦୀୟ କ୍ଷେତ୍ରର ଦୁଇଟି ବିଭାଗର ମୁଖ୍ୟ ସଚିବ ଏବଂ ଭୁବନେଶ୍ୱର ମହାନଗର ନିଗମ କମିଶନରଙ୍କ ଉପସ୍ଥିତିରେ ବିଭାଗର ବିକାଶ କାର୍ଯ୍ୟର ସମୀକ୍ଷା ବୈଠକ ହୋଇଯାଇଛି । ଆୟୋଜିତ ବୈଠକରେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଅଧ୍ୟକ୍ଷତା କରିଥିଲେ । ଏହି ବୈଠକରେ ପୂର୍ତ୍ତ ବିଭାଗର ପ୍ରିନ୍ସିପାଲ୍ ସେକ୍ରେଟାରୀ ସଂଜୟ ସିଂ ଏବଂ ଜଳସଂପଦ ବିଭାଗର ପ୍ରିନ୍ସିପାଲ୍ ସେକ୍ରେଟାରୀ ଶୁଭା ଶର୍ମା ଉପସ୍ଥିତ ରହିଥିଲେ । ରାଜଧାନୀ ଭୁବନେଶ୍ୱରରେ ଟ୍ରାଫିକ୍ ସମସ୍ୟା ଦୂର କରିବାକୁ ବିଶେଷ ଭାବରେ ଆଲୋଚନା ହୋଇଥିଲା । ଏନେଇ ପୂର୍ତ୍ତ ବିଭାଗ ଅଧିନରେ ୩୭ଟି ପ୍ରକଳ୍ପ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଥିଲା । ରାଜଧାନୀକୁ କିପରି ଟ୍ରାଫିକ୍ ମୁକ୍ତ ବା ଟ୍ରାଫିକ୍ ଭିଡ କମାଯାଇ ପାରିବ, ସେ ଦିଗରେ ଆଲୋଚନା କରିଥିଲେ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ୩୭ଟି ପ୍ରକଳ୍ପ ମଧ୍ୟରୁ ୩ଟି ପ୍ରକଳ୍ପର ଟେଣ୍ଡର ହୋଇଯାଇଛି, ବାକି ୩୪ଟି ପ୍ରକଳ୍ପର ଟେଣ୍ଡର କିପରି ଯଥାଶୀଘ୍ର ହୋଇ କାର୍ଯ୍ୟ ଆରମ୍ଭ ହେବ ତା ଉପରେ ବିଭାଗୀୟ ସଚିବ ସଂଜୟ ସିଂଙ୍କ ସହିତ ସବିଶେଷ ଆଲୋଚନା କରିଛନ୍ତି ସାଂସଦ ମହୋଦୟା ।



ସମୀକ୍ଷା ବୈଠକରେ ଜଳ ସମ୍ପଦ ବିଭାଗର ସଚିବଙ୍କ ସହିତ ଗଙ୍ଗୁଆ ନାଳର ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟ କରଣ କାମ ସମ୍ପର୍କରେ ଆଲୋଚନା ହୋଇଥିଲା । ଗଙ୍ଗୁଆ ନାଳ ପୁନରୁଦ୍ଧାର ଏବଂ ସୌନ୍ଦର୍ଯ୍ୟକରଣ ଦିଗରେ ମୋଟ୍ ୮ ହଜାର ୭୩୬ କୋଟି ଟଙ୍କାର ବ୍ୟୟ ଅଟକଳ ରହିଛି । ରାଜଧାନୀ ଇଂଜିନିୟରିଂ କଲେଜ ନିକଟରୁ ଆରମ୍ଭ ହୋଇ ଗଙ୍ଗୁଆ ନାଳର ପୁନରୁଦ୍ଧାର କାର୍ଯ୍ୟ ଜଟଣୀ ନିକଟ କଣ୍ଟି ଗ୍ରାମ, ପ୍ରାୟ ୩୩ କିଲୋମିଟର ପୁନରୁଦ୍ଧାର କରାଯିବ । ବିଭାଗୀୟ ମୁଖ୍ୟ ସଚିବ ଶୁଭା ସିଂଙ୍କ ସହିତ ଏ ଦିଗରେ କିପରି ଯଥାଶୀଘ୍ର କାମ ଆରମ୍ଭ ହେବ, ସେ ନେଇ ସବିଶେଷ ଆଲୋଚନା କରିଛନ୍ତି ଭୁବନେଶ୍ୱର ସାଂସଦ । ଏହା ସହିତ ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ଓ ବିକାଶ ସମ୍ପର୍କରେ ଆଲୋଚନା ହୋଇଛି । ବାରଙ୍ଗଠାରୁ ଆରମ୍ଭ କରି ଜଟଣୀ ପର୍ଯ୍ୟନ୍ତ ପ୍ରାୟ ୩୪.୮୬ କିଲୋମିଟର ଦୂର ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ହାତକୁ ନିଆଯାଇଛି । ଏହି ପ୍ରକଳ୍ପର ମୋଟ୍ ବ୍ୟୟ ଅଟକଳ ୪୪୮ କୋଟି ଟଙ୍କା ରହିଛି । ଏହି ବୈଠକରେ ଜଳସଂପଦ ବିଭାଗ ମୁଖ୍ୟ ସଚିବ ଶୁଭା ଶର୍ମା ଏବଂ ଅନ୍ୟ ଅଧିକାରୀଙ୍କ କହିତ କିପରି ଦୟା ପଶ୍ଚିମ କେନାଲର କାମ ଯଥାଶୀଘ୍ର ଆରମ୍ଭ ହୋଇପାରିବ, ସେ ଦିଗରେ ଆଲୋଚନା କରିଥିଲେ । ବିଶେଷ କରି ଗଙ୍ଗୁଆ ନାଳର ପୁନରୁଦ୍ଧାର ଏବଂ ଦୟା ପଶ୍ଚିମ କେନାଲର ପୁନରୁଦ୍ଧାର ହୋଇପାରିଲେ, ଏହା ବହୁ ପରିମାଣରେ ଲୋକଙ୍କୁ ସହାୟକ ହେବ । ଯେପରିକି ଏହା ଟ୍ରାଫିକ୍ ସମସ୍ୟା ଦୂର କରିବ ଏବଂ ମାର୍ଟିତଳେ ଜଳସ୍ତର ରକ୍ଷା କରିବାରେ ବିଶେଷ ଭୂମିକା ନେବ ବୋଲି ସମୀକ୍ଷା ବୈଠକରେ ମତ ପ୍ରକାଶ ପାଇଛି । ଆୟୋଜିତ ସମୀକ୍ଷା ବୈଠକରେ ଜଳ ସମ୍ପଦ ବିଭାଗ ପୂର୍ତ୍ତ ବିଭାଗକୁ ସମସ୍ତ କାର୍ଯ୍ୟରେ ସହାୟତା କରିବାକୁ କହିଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ । ଭୁବନେଶ୍ୱର ମହାନଗର ନିଗମ ଅଧ୍ୟକ୍ଷଙ୍କ ସହିତ ଡ୍ରେନ ସମସ୍ୟାର ସମୀକ୍ଷା କରିଥିଲେ ସାଂସଦ । ବର୍ଷା ଦିନ ପୂର୍ବରୁ ସମସ୍ତ ଡ୍ରେନେଜ ସଫେଇ ଓ ପୁନରୁଦ୍ଧାର କାମ ସାରିବାକୁ କହିଛନ୍ତି ଭୁବନେଶ୍ୱର ସାଂସଦ । ଏହି ବୈଠକରେ ୱାଟକୋ ଏମଡି ମଧ ଉପସ୍ଥିତି ରହିଥିଲେ । ତାଙ୍କ ସହିତ ସ୍ୱେରେଜ କାମ ସମ୍ପର୍କରେ କଥା ହୋଇଛନ୍ତି ।ସେହିପରି କିପରି ଆହୁରି ଅଧିକ ନୂଆ ପାର୍କ ନିର୍ମାଣ ହୋଇପାରିବ ସେ ଦିଗରେ ମଧ ଆଲୋଚନା ହୋଇଛି । ସଂସଦୀୟ କ୍ଷେତ୍ରରେ ସମସ୍ତ ଲୋକଙ୍କ ନିକଟରେ କିପରି ବିକାଶମୂଳକ କାମର ଲାଭ ପହଁଚି ପାରିବ ସେ ଦିଗରେ ଧ୍ୟାନ ରଖିବାକୁ ଅଧିକାରୀଙ୍କୁ ପରାମର୍ଶ ଦେଇଛନ୍ତି ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ । ସର୍କିଟ୍ ହାଉସ ସମୀକ୍ଷା ବୈଠକରେ ଭୁବନେଶ୍ୱର ମ୍ୟୁନିସିପାଲିଟି କରପୋରେସନର ବରିଷ୍ଠ ଅଧିକାରୀ, ପୂର୍ତ୍ତ ବିଭାଗର ବରିଷ୍ଠ ଅଧିକାରୀ, ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ରହିଥିଲେ

# ଚନ୍ଦ୍ରଶେଖରପୁରରେ ନବବର୍ଷ ପାଳିତ

ଭୁବନେଶ୍ୱର,୨୨।୩ (ମହାଭାରତ): ସ୍ଥାନୀୟ ଚନ୍ଦ୍ରଶେଖରପୁର ସ୍ଥିତ ହାଉସିଂବୋର୍ଡ ଦୁର୍ଗା ପୂଜା ପଡ଼ିଆରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଚନ୍ଦ୍ରଶେଖର ଭାଗ, ଭୁବନେଶ୍ୱର ଦ୍ୱାରା ପାଳିତ ହୋଇଯାଇଛି ରାଷ୍ଟ୍ରୀୟ ନବ ବର୍ଷ। ଏହି ଅବସରରେ ପ୍ରଭାତରୁ ଏକ ପଥ ସଞ୍ଚାଳନ ସ୍ଥାନୀୟ ଅଞ୍ଚଳରେ ଘୋଷ ବାଦ୍ୟ ସହ ଭ୍ରମଣ କରିଥିଲା । ଏହି ସଂଚଳନରେ ଥିବା ଗୈରିକ ଧ୍ୱଜକୁ ବିଭିନ୍ନ ସ୍ଥାନରେ ସ୍ୱାଗତ କରିଥିଲେ ମାତୃଶକ୍ତି। ସଂଖଳନ ପରେ ଦଣ୍ଡ(ଲାଠି), ନ୍ୟୁଦ୍ଧ (କରାଟେ), ଯୋଗାସନ ପରି ଶାରୀରିକ ପ୍ରଦର୍ଶନ ହୋଇଥିଲା। ପରେ ପରେ ସାମୂହିକ ଗୀତ ସମସ୍ତ ସ୍ୱୟଂସେବକ ମାନେ ଗାନ କରିଥିଲେ । କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ ଆଦରଣୀୟ ଶ୍ରୀ ବିଦ୍ୟୁତ୍ ମୁଖାର୍ଜି , କ୍ଷେତ୍ର ସମ୍ପର୍କ ପ୍ରମୁଖ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ । ଭାରତୀୟ ବୈଜ୍ଞାନିକ ସମ୍ମତ କାଳଗଣନା ସମ୍ବନ୍ଧରେ ବିସ୍ତୃତ ଭାବରେ ବୁଝାଇବା ସହ ସ୍ୱ ନବ ବର୍ଷ ପାଳନ ଉପରେ ଯୁକ୍ତି ବାଢ଼ି ଥିଲେ । ନବ ବର୍ଷ ତିଥିର ମହତ୍ୱ ମହତ୍ତ୍ୱ: ଭଗବାନ ବ୍ରହ୍ମାଙ୍କ ଦ୍ୱାରା କଲଗଣନା ଆରମ୍ଭ, ସୃଷ୍ଟିର ପ୍ରଥମ ଦିବସ, ପ୍ରଭୁ ଶ୍ରୀରାମଚନ୍ଦ୍ର ଓ ଧର୍ମରାଜ ଯୁଧିଷ୍ଠିରଙ୍କ ରାଜ୍ୟାଭିଷେକ, ସମ୍ରାଟ ବିକ୍ରମାଦିତ୍ୟଙ୍କ ଦ୍ୱାରା ବିକ୍ରମ ସମ୍ବତ ପ୍ରଚଳନ, ଶକାବ୍ଦ ଗଣନା ପ୍ରାରମ୍ଭ,ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ଆର୍ଯ୍ୟ ସମାଜ ପ୍ରତିଷ୍ଠା ପରି ଅନେକ ବିନ୍ଦୁ ଉପସ୍ଥାପିତ କରିଥିଲେ। ସଂଘ ସଂସ୍ଥାପକ ଡକ୍ଟର ହେଡଗେୱାରଙ୍କର ଆଜି ଜନ୍ମ ଦିବସ। ତାଙ୍କ ଜୀବନୀକୁ ମଧ ସ୍ମରଣ କରାଇ ଥିଲେ। ମଞ୍ଚରେ ତାଙ୍କ ସହ ଓଡ଼ିଶା ପୂର୍ବ ପ୍ରାନ୍ତର କାର୍ଯ୍ୟବାହ ଡକ୍ଟର ଅନିଲ ମିଶ୍ର ଓ ଚନ୍ଦ୍ରଶେଖର ଭାଗ ସଂଘଚାଳକ ଶ୍ରୀ ସୁକାନ୍ତ କୁମାର ଦାଶ। କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ଚନ୍ଦ୍ରଶେଖର ଭାଗ କାର୍ଯ୍ୟବାହ ଇଂ ଦେବୀପ୍ରସାଦ ମହାପାତ୍ର । ଶାରୀରିକ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ ଶ୍ରୀ ହରେକୃଷ୍ଣ ବେହେରା ଓ ଟୁଲୁ ଗୁମାନସିଂହ ।

# ଆଇଆଇଟି ଭୁବନେଶ୍ୱରରେ ଆସ୍ୱାୟାର କାର୍ଯ୍ୟକ୍ରମ

ଭୁବନେଶ୍ୱର,୨୨।୩ (ମହାଭାରତ): ଭାରତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଆଇଆଇଟି) ଭୁବନେଶ୍ୱର, ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ ସହିତ ମିଳିତ ଭାବରେ 'ଆସ୍ୱାୟାର' ଆୟୋଜନ କରିଥିଲା, ଯାହା ନିର୍ମାଣ ଜଗତର ଆକାଂକ୍ଷୀ ଯୁବପିଢ଼ିଙ୍କ ପାଇଁ ଜ୍ଞାନ ଆଦାନପ୍ରଦାନକୁ ପ୍ରୋତ୍ସାହିତ କରିବା ଏବଂ ସଂସ୍ଥାଗତ ବିଶେଷଜ୍ଞତାକୁ ବିସ୍ତାର କରିବା ପାଇଁ ଏକ ଅନନ୍ୟ ପ୍ରୟାସ। ୧୭ ମାର୍ଚ୍ଚରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ଅଂଶଗ୍ରହଣକାରୀମାନଙ୍କୁ ମାର୍ଗଦର୍ଶିତ ପାରସ୍ପରିକ କ୍ରିୟା, ଏକ୍ସପୋଜର ଏବଂ ପରାମର୍ଶ ମାଧ୍ୟମରେ ପ୍ରମୁଖ ପ୍ରତିଷ୍ଠାନଗୁଡ଼ିକର ପଥ କଳ୍ପନା କରିବାକୁ ପ୍ରେରଣା ଏବଂ ସଶକ୍ତ କରିବାକୁ ଚେଷ୍ଟା କରିଥିଲା। ୯ମରୁ ଦ୍ୱାଦଶ ଶ୍ରେଣୀରେ ଅଧ୍ୟୟନରତ ପ୍ରାୟ ୫୦ ଜଣ ଛାତ୍ରଛାତ୍ରୀ, ସେମାନଙ୍କ ଅଭିଭାବକଙ୍କ ସହିତ, ଆଇଆଇଟି ଭୁବନେଶ୍ୱରର କ୍ୟାମ୍ପସ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମଟି ଏକ ଆନୁଷ୍ଠାନିକ ଉଦଘାଟନୀ ଅଧିବେଶନ ସହିତ ଆରମ୍ଭ ହୋଇଥିଲା, ଯେଉଁଥିରେ ପ୍ରସଙ୍ଗ ସ୍ଥାପନ, ଆନୁଷ୍ଠାନିକ ଦୀପ ପ୍ରଜ୍ୱଳନ ଏବଂ ବିଶିଷ୍ଟ ଗଣ୍ୟମାନ୍ୟ ବ୍ୟକ୍ତିଙ୍କ ଅଭିଭାଷଣ ଅନ୍ତର୍ଭୁକ୍ତ ଥିଲା। ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପାଦ କରମାଲକର; ପ୍ରଫେସର ରାଜେଶ ରୋଶନ ଦାଶ, ଡିନ୍ (ଛାତ୍ର ବ୍ୟାପାର); ଏବଂ ପ୍ରତିଷ୍ଠାନର ଡିନ୍ (ପ୍ରାୟୋଜିତ ଗବେଷଣା ଏବଂ ଶିଳ୍ପ ପରାମର୍ଶ) ପ୍ରଫେସର ଦିନକର ପାସଲା; ଇନତେଖାବ ଆଲାମ, ଜୋନାଲ ମୁଖ୍ୟ - ମାର୍କେଟିଂ, ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ (ପୂର୍ବ ବି); ଏର୍। ପ୍ରଦୀପ କୁମାର ଝା, ଜୋନାଲ ମୁଖ୍ୟ - ଟିଏଏସସି, ଅଲଟ୍ରାଟେକ୍ ସିମେଣ୍ଟ ଲିମିଟେଡ୍ (ପୂର୍ବ ବି) ପ୍ରମୁଖ ଉପସ୍ଥିତ ଥିଲେ। ଏକ ଭବିଷ୍ୟତବାଦୀ ଏବଂ ପ୍ରଭାବଶାଳୀ ବାର୍ତ୍ତା ପ୍ରଦାନ କରି, ପ୍ରଫେସର ଶ୍ରୀପାଦ କର୍ମାଲକର ଛାତ୍ରଛାତ୍ରୀମାନଙ୍କୁ ଅନୁଭୂତ ସୀମାବଦ୍ଧତାରୁ ଉପରକୁ ଉଠି ଆତ୍ମବିଶ୍ୱାସ, ଶୃଙ୍ଖଳା ଏବଂ ଉଦ୍ଦେଶ୍ୟର ସ୍ପଷ୍ଟତା ବିକଶିତ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ପାରସ୍ପରିକ କ୍ରିୟାର ବିଷୟବସ୍ତୁଗୁଡ଼ିକରୁ ଆକର୍ଷିତ ହୋଇ, ସେ ଆଲୋକପାତ କରିଥିଲେ ଯେ 'ସମ୍ବଳଗୁଡ଼ିକର ଉପଲବ୍ଧତା ଭିନ୍ନ ହୋଇପାରେ, କିନ୍ତୁ ଶେଷରେ ଜଣଙ୍କର କ୍ଷମତା ଏବଂ ସ୍ଥାୟୀ ଦୃଢ଼ତା ଉପରେ ବିଶ୍ୱାସ ହିଁ ବ୍ୟକ୍ତିଙ୍କୁ ସଫଳତାର ପଥ ଖୋଜିବାରେ ସକ୍ଷମ କରିଥାଏ। ଛାତ୍ରଛାତ୍ରୀମାନଙ୍କୁ ଅନ୍ୟମାନଙ୍କ ସହିତ ନିଜକୁ ତୁଳନା କରିବା ପରିବର୍ତ୍ତେ ସେମାନଙ୍କର କ୍ଷମତା ବୃଦ୍ଧି କରିବା ଉପରେ ଧ୍ୟାନ ଦେବା ଉଚିତ।' ଆକାଂକ୍ଷାର ନୀତିକୁ ଦୃଢ଼ କରି, ବକ୍ତାମାନେ ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ପ୍ରତିଭାକୁ ଚିହ୍ନିବା ଏବଂ ସୁରକ୍ଷା ଦେବା, ଜିଜ୍ଞାସୁ ରହିବା ଏବଂ ଶିଖିବାର ସୁଯୋଗରେ ସକ୍ରିୟ ଭାବରେ ନିୟୋଜିତ ହେବା ପାଇଁ ଉତ୍ସାହିତ କରିଥିଲେ, ଏବଂ ପାରସ୍ପରିକ ପ୍ରଶ୍ନୋତ୍ତର ଅଧିବେଶନ ମାଧ୍ୟମରେ ଆଲୋଚନା ପାଇଁ ଏକ ଖୋଲା ପରିବେଶ ସୃଷ୍ଟି କରିଥିଲେ। ଶିଳ୍ପ ପ୍ରତିନିଧିମାନେ କ୍ଷଣସ୍ଥାୟୀ ପ୍ରେରଣା ଅପେକ୍ଷା ଶୃଙ୍ଖଳା, ସ୍ଥିରତା ଏବଂ କଠିନ ପରିଶ୍ରମର ମୂଲ୍ୟ ଉପରେ ଆଲୋକପାତ କରିଥିଲେ, ଅଧ୍ୟବସାୟ ଏବଂ ଅଭିଜ୍ଞତାମୂଳକ ଶିକ୍ଷା ଦ୍ୱାରା ଚାଳିତ ଅଭିବୃଦ୍ଧିର ବାସ୍ତବ ଜୀବନ ଯାତ୍ରାକୁ ବାଣ୍ଟିଥିଲେ, ବିଶେଷକରି ଯେଉଁ କ୍ଷେତ୍ରରେ ସମୟ ସହିତ ଆନୁଷ୍ଠାନିକ ତାଲିମ ପଥ ବିକଶିତ ହୋଇଛି। ଆଇଆଇଟିର ଛାତ୍ରଛାତ୍ରୀମାନଙ୍କ ସହିତ ଏକ ପ୍ୟାନେଲ୍ ଆଲୋଚନା ପ୍ରତିଯୋଗିତାମୂଳକ ପରୀକ୍ଷା ଏବଂ ଶିକ୍ଷାଗତ ଯାତ୍ରାକୁ ପରିଚାଳନା କରିବା ପାଇଁ ବ୍ୟବହାରିକ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଆଲୋଚନାରେ ରଣନୈତିକ ଯୋଜନା, ସଠିକ୍ ଦିଗନିର୍ଦ୍ଦେଶ ଏବଂ ନିରନ୍ତର ପ୍ରସ୍ତୁତିର ଗୁରୁତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା, ବିଶେଷକରି ବର୍ଦ୍ଧିତ ପ୍ରତିଯୋଗିତା ଏବଂ ସୀମିତ ସୁଯୋଗ ପରିପ୍ରେକ୍ଷୀରେ।

# ଛେଣ୍ଡିପଦାରେ ୧୭୨ କୋଟି ଟଙ୍କାର ପ୍ରକଳ୍ପ ଲୋକାର୍ପଣ ଓ ଶିଳାନ୍ୟାସ

ଭୁବନେଶ୍ୱର,୨୨।୩ (ମହାଭାରତ): ପ୍ରତ୍ୟେକ ଗ୍ରାମରେ ବିକାଶର ଧାରାକୁ ସୁଦୃଢ଼ କରି ଜନସାଧାରଣଙ୍କ ଜୀବନଶୈଳୀରେ ସକାରାତ୍ମକ ପରିବର୍ତ୍ତନ ଆଣିବା ହିଁ ଆମର ମୂଳ ଲକ୍ଷ୍ୟ ବୋଲି ଶନିବାର ଅନୁଗୋଳ ଜିଲ୍ଲା ଛେଣ୍ଡିପଦା ଠାରେ ପ୍ରାୟ ୧୭୨ କୋଟି ଟଙ୍କା ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଭୂମିପୂଜନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି, ଛେଣ୍ଡିପଦା ଅଞ୍ଚଳର ପ୍ରଗତି ପାଇଁ ନିର୍ମିତ ହେବାକୁ ଥିବା ଷ୍ଟାଡିୟମ୍ ଓ ନୂତନ କମ୍ୟୁନିଟି ସେଣ୍ଟର ଭଳି ବୃହତ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି । ଏଥିସହିତ ୪୨ ଜଣ ହିତାଧିକାରୀଙ୍କୁ ସରକାରୀ ଯୋଜନାର ସୁଫଳ ପ୍ରଦାନ କରାଯାଇଛି । ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି ଯେ, ଆଗାମୀ ଦିନରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅନୁଗୋଳ ଜିଲ୍ଲାକୁ ପ୍ରାୟ ୨୫,୦୦୦ରୁ ଅଧିକ ଘର ଆସିବ ଏବଂ ଡବଲ ଇଞ୍ଜିନ ସରକାର ସମସ୍ତ ଯୋଗ୍ୟ ହିତାଧିକାରୀଙ୍କ ପାଖରେ ଭତା ପହଂଚାଇବାକୁ ସଂକଳ୍ପବଦ୍ଧ । ଜିଲ୍ଲାରେ ପର୍ଯ୍ୟଟନ ଶିଳ୍ପର ବିକାଶ ଲକ୍ଷ୍ୟରେ ଡେରଜଙ୍ଗ ପ୍ରକଳ୍ପରେ ଏକ ଆଧୁନିକ ବୋଟିଂ ଫ୍ୟାସିଲିଟିର ଲୋକାର୍ପଣ କରାଯାଇଛି। ଏହାଦ୍ୱାରା ସ୍ଥାନୀୟ ଲୋକଙ୍କ ଆମଦାନୀ ଓ ରୋଜଗାର ବୃଦ୍ଧି ପାଇବ ବୋଲି ମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ 'ବିକଶିତ ଭାରତ' ଓ ଓଡ଼ିଶା ସରକାରଙ୍କ 'ବିକଶିତ ଓଡ଼ିଶା' ଲକ୍ଷ୍ୟ ତେବେ ସମ୍ଭବ ହେବ, ଯେବେ ଆମ ଅନୁଗୋଳ ଓ ଛେଣ୍ଡିପଦା ବିକଶିତ ହେବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ।




ଆଗାମୀ ପିଢ଼ି ପାଇଁ ଏକ ସ୍ୱଚ୍ଛ ପରିବେଶ ଗଢ଼ିବା ଲକ୍ଷ୍ୟରେ ସେ ସ୍କୁଲଗୁଡ଼ିକୁ ସମ୍ପୂର୍ଣ୍ଣ ପ୍ଲାଷ୍ଟିକମୁକ୍ତ କରିବା ପାଇଁ ସମସ୍ତ ଶିକ୍ଷକମାନଙ୍କ ସହଯୋଗ ଲୋଡ଼ିଛନ୍ତି ଶ୍ରୀ ପ୍ରଧାନ । ଶେଷରେ ଶ୍ରୀ ପ୍ରଧାନ କହିଛନ୍ତି ଯେ, ୨୦୩୬ ସୁଦ୍ଧା ଓଡ଼ିଶାକୁ ଏକ ସମୃଦ୍ଧ ରାଜ୍ୟରେ ପରିଣତ କରିବା ସହ ପାଣି, ଘର ଓ ରୋଜଗାର ଭଳି ସମସ୍ୟାର ସମାଧାନ ପାଇଁ ସରକାର ନିରନ୍ତର କାର୍ଯ୍ୟ କରୁଛନ୍ତି ।

ଏହି କାର୍ଯ୍ୟକ୍ରମ ପରେ ଶ୍ରୀ ପ୍ରଧାନ ଛେଣ୍ଡିପଦା ଠାରେ ଦଳର ଏକ ନୂତନ କାର୍ଯ୍ୟାଳୟ ଉଦଘାଟନ କରିବା ସହ ମିଶ୍ରଣ ପର୍ବରେ ନୂଆ ସଦସ୍ୟଙ୍କୁ ଦଳରେ ସ୍ୱାଗତ କରିଥିଲେ । ସେ କହିଥିଲେ, ଏହି କାର୍ଯ୍ୟାଳୟ କେବଳ ଏକ କୋଠା ନୁହେଁ, ବରଂ ଏହା ଆମ ସମସ୍ତ କାର୍ଯ୍ୟକର୍ତ୍ତାଙ୍କ ସେବା, ସଂକଳ୍ପ ଏବଂ ସମର୍ପଣର ଏକ ନୂଆ କେନ୍ଦ୍ରବିନ୍ଦୁ । ଆଗାମୀ ଦିନରେ ଏହା ଅଂଚଳର ଜନସାଧାରଣଙ୍କ ସମସ୍ୟା ସମାଧାନ ଓ ବିକାଶମୂଳକ ଆଲୋଚନାର ପ୍ରମୁଖ ସ୍ଥଳ ସାଜିବ । ମିଶ୍ରଣ ପର୍ବରେ ନୂତନ ସଦସ୍ୟଙ୍କ ଯୋଗଦାନ ଛେଣ୍ଡିପଦା ଅଞ୍ଚଳରେ ସଂଗଠନକୁ ଅଧିକ ସୁଦୃଢ଼ ଓ ଗତିଶୀଳ କରିବ । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦର୍ଶୀ ନେତୃତ୍ୱ ସମ୍ପର୍କରେ ଆଲୋକପାତ କରି କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ, 'ଆଜି ଭାରତ ବିଶ୍ୱ ଦରବାରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି । ପ୍ରଧାନମନ୍ତ୍ରୀଙ୍କ 'ସବକା ସାଥ୍, ସବକା ବିକାଶ, ସବକା ବିଶ୍ୱାସ ଏବଂ ସବକା ପ୍ରୟାସ' ମନ୍ତ୍ର କୋଟି କୋଟି ଭାରତୀୟଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିପାରିଛି । ଆମର ମୁଖ୍ୟ ଲକ୍ଷ୍ୟ ହେଉଛି 'ଅନ୍ତ୍ୟୋଦୟ' । 'ସମାଜର ଶେଷ ଧାଡ଼ିରେ ଥିବା ବ୍ୟକ୍ତିଙ୍କ ପାଖରେ ଯେପରି ପ୍ରତ୍ୟେକ ସରକାରୀ ଯୋଜନାର ସୁଫଳ ସଠିକ୍ ଭାବେ ପହଞ୍ଚିପାରିବ, ସେଥିପାଇଁ ନିଷ୍ଠାର ସହ ଦାୟିତ୍ୱ ନେବାକୁ କାର୍ଯ୍ୟକର୍ତ୍ତାମାନଙ୍କୁ ଆହ୍ୱାନ ଦେଇଛନ୍ତି ।

# ବିଏମ୍‌ସି ପକ୍ଷରୁ ସ୍ମାର୍ଟ ଜନପଥରେ ସ୍ମାର୍ଟ କିଓସ୍କ ଆବଣ୍ଟନ

ଭୁବନେଶ୍ୱର,୨୨।୩ (ମହାଭାରତ): ସ୍ମାର୍ଟ ସିଟିର ସ୍ମାର୍ଟ ଜନପଥରେ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଗଲା ସ୍ମାର୍ଟ କିଓସ୍କ । ଭୁବନେଶ୍ୱର ମହାନଗର ନିଗମ(ବିଏମ୍ ସି) ମୁଖ୍ୟାଳୟସ୍ଥିତ ଏକାମ୍ର ହଲରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମେୟର ଶ୍ରୀମତୀ ସୁଲୋଚନା ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ମେୟର ଶ୍ରୀମତୀ ମଂଜୁଲତା କହଁର, ଅତିରିକ୍ତ କମିଶନର ଶ୍ରୀ ରତ୍ନାକର ସାହୁ, ଶ୍ରୀ କୈଳାସ ଚନ୍ଦ୍ର ଦାସ, ୨୫ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ମାନସୀରାଣୀ ସୁନ୍ଦରାୟ, ୩୫ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ରଞ୍ଜୁଲତା ରାୟ, ୪୬ ନମ୍ବର ୱାର୍ଡ କର୍ପୋରେଟର ଶ୍ରୀମତୀ ପୁଷ୍ପା ରାଉତ, ଡେପୁଟି କମିଶନର ଶ୍ରୀ ଅଜୟ କୁମାର ମହାନ୍ତି, ଅଡିଟର ଶ୍ରୀମତୀ ସୌଦାମିନୀ ବେହେରା ସହକାରୀ କମିଶନର ଶ୍ରୀ ସତ୍ୟଜିତ୍ ଦାଶ ପ୍ରମୁଖ ମଂଚାସୀନ ଥିଲେ। ତାଲିକାଭୁକ୍ତ ମୋଟ ୧୦୪ ଜଣ ହିତାଧିକାରୀଙ୍କ ମଧ୍ୟରୁ ଆଜି ୬୪ ଜଣ ହିତାଧିକାରୀଙ୍କୁ ସ୍ମାର୍ଟ ଜନପଥରେ ଖାଲି ଥିବା ୬୬ଟି ସ୍ମାର୍ଟ କିଓସ୍କ ପାଇଁ ସଂରକ୍ଷିତ ଥିବା ୫ଟିକୁ ମଧ ଲଟେରୀ ମାଧ୍ୟମରେ ଆବଣ୍ଟନ କରାଯାଇଛି । ଅବଶିଷ୍ଟ




ଆବଣ୍ଟନ କରାଯାଇଛି । ପୂର୍ବରୁ ୩୫ ଜଣ ହିତାଧିକାରୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ସେମାନଙ୍କୁ ୩୫ଟି କିଓସ୍କ ଲଟେରୀ ମାଧ୍ୟମରେ ପ୍ରଦାନ କରାଯାଇଛି । ସେହିପରି ବଳକାଥିବା ୨୯ଟି କିଓସ୍କ ମଧ୍ୟରୁ ବିଦ୍ୟାଙ୍ଗ ଓ ମହିଳାମାନଙ୍କ ୬୪ ଜଣ ହିତାଧିକାରୀଙ୍କ ମଧ୍ୟରୁ ପ୍ରଥମ ପର୍ଯ୍ୟାୟ ଲଟେରୀ ମାଧ୍ୟମରେ ୨୬ ଜଣ ହିତାଧିକାରୀଙ୍କୁ ଚୟନ କରାଯାଇଥିଲା । ପରେ ୨୬ ଜଣ ହିତାଧିକାରୀଙ୍କୁ ଦ୍ୱିତୀୟ ପର୍ଯ୍ୟାୟ ଲଟେରୀ ମାଧ୍ୟମରେ କିଓସ୍କ ଆବଣ୍ଟନ କରାଯାଇଛି । ମାଷ୍ଟର କ୍ୟାଣ୍ଟିନ, ରାମ ମନ୍ଦିର ଓ କେନ୍ଦ୍ରୀୟ ବିଦ୍ୟାଳୟ-୧ ସମ୍ମୁଖରେ ଥିବା କିଓସ୍କଗୁଡିକୁ ଏହି ସବୁ ହିତାଧିକାରୀଙ୍କୁ ପ୍ରଦାନ କରାଯାଇଛି । ଅବଶିଷ୍ଟ ୩୮ ଜଣ ହିତାଧିକାରୀଙ୍କୁ ପର୍ଯ୍ୟାୟ କ୍ରମେ କିଓସ୍କ ପ୍ରଦାନ କରାଯିବ ବୋଲି ବିଏମ୍ ସି ପକ୍ଷରୁ କୁହାଯାଇଛି। କିଓସ୍କ ପାଇଥିବା ଲୋକ କୌଣସି ପରିସ୍ଥିତିରେ ମଧ ଅନ୍ୟକୁ ଭଡା ନ ଦେବା ପାଇଁ ତାଗିଦ କରିଦେଇଛନ୍ତି ମେୟର । ଅପରପକ୍ଷେ କିଓସ୍କ ହସ୍ତାନ୍ତର ପରେ ପରେ ସଂଗେ ସଂଗେ ପୁରୁଣା ସ୍ଥାନ ଛାଡିବାକୁ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଭୁବନେଶ୍ୱରକୁ ସ୍ୱଚ୍ଛ, ସବୁଜ ଓ ସୁନ୍ଦର ରଖିବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଛନ୍ତି ମେୟର ଶ୍ରୀମତୀ ଦାସ । ଲଟେରୀ ମାଧ୍ୟମରେ କିଓସ୍କ ପାଇବା ପରେ ଅନେକ ବ୍ୟକ୍ତି ଖୁସିରେ କାନ୍ଦି ପକାଇଥିଲେ । ଆଗାମୀ ଦିନରେ ତାଙ୍କ ପରିବାର ଭରଣ ପୋଷଣର ଏକମାତ୍ର ମାଧ୍ୟମ ଏହି କିଓସ୍କ ହେବ ବୋଲି କାନ୍ଦି କାନ୍ଦି କହିଥିଲେ । ସଂପୂର୍ଣ୍ଣ ସ୍ୱଚ୍ଛତା ଉପାୟ ଅବଲମ୍ବନ କରି ସମସ୍ତଙ୍କ ସମ୍ମୁଖରେ ଲଟେରୀ ମାଧ୍ୟମରେ କିଓସ୍କ ଆବଣ୍ଟନ କରାଯାଇଥିବାରୁ ସମସ୍ତେ ଖୁସି ବ୍ୟକ୍ତ କରିଛନ୍ତି ।

# ଉଦଘାଟିତ ହେଲା ସିଏସଆଇଆର ସ୍ମାର୍ଟ ଭିଲେଜ

ଭୁବନେଶ୍ୱର,୨୨।୩ (ମହାଭାରତ): କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ରାଜନଗର ବ୍ଲକର କୁସୁନପୁର ଗ୍ରାମରେ ଆଜି 'ସିଏସଆଇଆର ସ୍ମାର୍ଟ ଭିଲେଜ' ଉଦଘାଟିତ ହୋଇଛି । ଏହା ଗ୍ରାମୀଣ ସମୁଦାୟ ନକଟରେ ବୈଜ୍ଞାନିକ ଉଦ୍ଭାବନ ଏବଂ ବ୍ୟବହାରିକ ସମାଧାନ ପହଂଚାଇବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ବୈଷୟିକ ଜ୍ଞାନକୌଶଳ-ଚାଳିତ ଏବଂ ସ୍ଥାୟୀ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରିବା ଦିଗରେ ଏହି ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ ବୋଲି ଦୃଢ ମତ ପୋଷଣ କଟାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଅନୁସନ୍ଧାନ ପ୍ରତିଷ୍ଠାନ, ସ୍ଥାନୀୟ ପ୍ରଶାସନ ଏବଂ କାର୍ଯ୍ୟାନ୍ୱୟନ କରୁଥିବା ସହଯୋଗୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଗ୍ରାମୀଣ ସମୁଦାୟ ନିକଟକୁ ବୈଜ୍ଞାନିକ ଉଦ୍ଭାବନ ଏବଂ ବ୍ୟାବହାରିକ ସମାଧାନ ପହଞ୍ଚାଇବା। ଏହି କାର୍ଯ୍ୟକ୍ରମରେ ବୈଜ୍ଞାନିକ ଏବଂ ଶିଳ୍ପ ଅନୁସନ୍ଧାନ ବିଭାଗର ସଚିବ ତଥା ସିଏସଆଇଆରର ମହାନିର୍ଦ୍ଦେଶକ ଡକ୍ଟର ଏନ୍. କଲାଇସେଲଭି ମୁଖ୍ୟ ଅତିଥି ଭାବେ ଭର୍ଚୁଆଲ ମାଧ୍ୟମରେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ଜିଲ୍ଲାପାଳ ତଥା ଜିଲ୍ଲା ମାଜିଷ୍ଟ୍ରେଟ ରଘୁରାମ ଆର. ଆୟର, ସହଭାଗୀ ସିଏସଆଇଆର ପ୍ରୟୋଗଶାଳାର ବରିଷ୍ଠ ବୈଜ୍ଞାନିକ ଏବଂ ପ୍ରାତିଷ୍ଠାନିକ ପ୍ରତିନିଧିମାନଙ୍କ ସହ ଉପସ୍ଥିତ ଥିଲେ। ପ୍ରଫେସର ପ୍ରଦୀପ କୁମାର ରାମନଚାର୍ଲାଙ୍କ ନେତୃତ୍ୱରେ ରୁର୍କି ସ୍ଥିତ ସିଏସଆଇଆର—କେନ୍ଦ୍ରୀୟ ଭବନ ଅନୁସନ୍ଧାନ ପ୍ରତିଷ୍ଠାନ ଦ୍ୱାରା ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା. ଏଥିରେ ସିଏସଆଇଆର-ଏବଂ ସିଏସଆଇଆର-ଆଇଏମଏମଟି ଭଳି ଅଂଶଗ୍ରହଣକାରୀ ପ୍ରୟୋଗଶାଳାର ନିର୍ଦ୍ଦେଶକମାନେ ସାମିଲ ଥିଲେ। ଓଡ଼ିଶା ସରକାରଙ୍କ ପ୍ରଶାସନିକ ଅଧିକାରୀ ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସହଯୋଗୀ 'ବାଲ ରକ୍ଷା ଭାରତ' (ସେଭ୍ ଦ ଚିଲଡ୍ରେନ୍ ଇଣ୍ଡିଆ) ର ସିଇଓ ଶାନ୍ତନୁ ଚକ୍ରବର୍ତ୍ତୀ ଏବଂ 'ନେଚର୍ସ କ୍ଲବ'ର ସଚିବ ମଧୁସ୍ମିତ ପତିଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବରେ ସିଏସଆଇଆର-ଆଇଏମଏମଟି, ଭୁବନେଶ୍ୱରର ନିର୍ଦ୍ଦେଶକ ଡକ୍ଟର ରାମାନୁଜ ନାରାୟଣ ଉପସ୍ଥିତ ଥିଲେ। ଏଥିସହ ଅନେକ ସିଏସଆଇଆର ପ୍ରୟୋଗଶାଳାର ବୈଜ୍ଞାନିକ ଏବଂ ବୈଷୟିକ କର୍ମଚାରୀ, ଓଡ଼ିଶା ସରକାରଙ୍କ ଅଧିକାରୀ, ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସହଯୋଗୀ ସଂସ୍ଥାର ପ୍ରତିନିଧି, କର୍ପୋରେଟ୍ ଏବଂ ଶିକ୍ଷା କ୍ଷେତ୍ରର ସଦସ୍ୟ ଏବଂ କୁସୁନପୁର ଗ୍ରାମବାସୀ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

# ଆର୍ଯ୍ୟସମାଜର ୧୫୨ତମ ପ୍ରତିଷ୍ଠା ଦିବସ

ଭୁବନେଶ୍ୱର,୨୨।୩ (ମହାଭାରତ): ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱାରା ପ୍ରତିଷ୍ଠିତ ଆର୍ଯ୍ୟସମାଜର ୧୫୨ତମ ପ୍ରତିଷ୍ଠା ଦିବସ ଗୁରୁବାର ପୂର୍ବାହ୍ନରେ ଚନ୍ଦ୍ରଶେଖରପୁର, ଶ୍ରୀଅରବିନ୍ଦ ନଗରସ୍ଥିତ ସ୍ୱାମୀ ବ୍ରହ୍ମାନନ୍ଦ ଭବନ ପରିସରରେ ଅନୁଷ୍ଠାନର ଅଧ୍ୟକ୍ଷ ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି।

ଆର୍ଯ୍ୟ ପଣ୍ଡିତ ବିନୋଦ ବିହାରୀ ଦାଶଙ୍କ ଦ୍ୱାରା ବୈଦିକ ଶାନ୍ତିଯଜ୍ଞ ପରେ ଆଜି ଦିବସର ମହତ୍ୱ ଉପରେ ଆଲୋକପାତ କରି ଡଃ ଜ୍ଞାନେନ୍ଦ୍ର କହିଲେ ଯେ, ଆଜି ଦିବସଟି ବିଭିନ୍ନ ଦୃଷ୍ଟିକୋଣରୁ ପବିତ୍ର। ଆଜକୁ ୧,୯୬,୦୮,୫୩,୧୨୬ ବର୍ଷ ତଳେ ସୃଷ୍ଟିର ପ୍ରାରମ୍ଭ ହୋଇଥିଲା ବୋଲି ସନାତନୀ ଗଣିତଜ୍ଞମାନଙ୍କର ମତ। ସେହିପରି ଆଜି କଳିଯୁଗ ବ□ମାନ ସୁଦ୍ଧା ୫୧୨୮ ବର୍ଷ ଭୋଗ କରିଥିବା ବେଳେ, ବିକ୍ରମାଦିତ୍ୟଙ୍କ ଶାସନ କାଳରେ ପ୍ରଚଳିତ ଅବ୍ଦ ଅନୁସାରେ ଆଜି ୨୦୮୩ ବିକ୍ରମ ସମ୍ବତ୍ସର। ଆଜିର ଦିନରେ ମହାରାଜା ଯୁଧିଷ୍ଠିରଙ୍କର ଓ ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ ହୋଇଥିଲା।

ଏହି ଅବସରରେ ଆଜିର ଦିନକୁ ସ୍ମରଣ କରି ରଖିବା ପାଇଁ ମର୍ଯ୍ୟାଦା ପୁରୁଷୋତମ ଶ୍ରୀରାମଙ୍କ ପ୍ରତି ସମର୍ପିତ ପ୍ରାଣ, ଭୁବନେଶ୍ୱର ଚିତ୍ରକୂଟ ଆଶ୍ରମର ବରେଣ୍ୟ ସଂଚାଳକ ନିରଞ୍ଜନ ପାଢୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମୁଖ୍ୟ ଅତିଥି, ମହାତ୍ମାଗାନ୍ଧୀ ଅହିଂସା ଐତିହ୍ୟ ନ୍ୟାସର ମ୍ୟାନେଜିଙ୍ଗ ଟ୍ରଷ୍ଟି, ପ୍ରଫେସର ଡଃ ବୁଦ୍ଧଦେବ ମିଶ୍ର କହିଲେ ଯେ, ଭାରତବର୍ଷରେ ମହର୍ଷି ଦୟାନନ୍ଦ ଯେଉଁ ସାମାଜିକ ଓ ଧାର୍ମିକ ଆନ୍ଦୋଳନ ଆରମ୍ଭ କରିଥିଲେ, ତା ଭିତରୁ ହିଁ ଆର୍ଯ୍ୟସମାଜର ସୃଷ୍ଟି। ଭାରତବର୍ଷର ସ୍ୱାଧୀନତା ସଂଗ୍ରାମରେ ଆର୍ଯ୍ୟସମାଜର ଅବଦାନକୁ କୌଣସି ପରିସ୍ଥିତିରେ ଗୌଣ କରାଯାଇ ପାରିବ ନାହିଁ।

କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ପ୍ରଫେସର ଡଃ ଯୁଧିଷ୍ଠିର ଖଟୁଆ କହିଲେ ଯେ, ସମାଜରୁ ଜାତିପ୍ରଥା ଓ କୁସଂସ୍କାର ବିରୋଧରେ ଭାରତବର୍ଷରେ ଆରମ୍ଭ ହୋଇଥିବା ଆନ୍ଦୋଳନର ନେତୃତ୍ୱ ଆର୍ଯ୍ୟସମାଜ ହିଁ ନେଇଥିଲା। ଏହି ଗୌରବମୟ ଇତିହାସକୁ ଆଜିର ଯୁବପିଢି ଅଧ୍ୟୟନ କରିବା ଉଚିତ୍। କାର୍ଯ୍ୟକ୍ରମରେ ବିଧାନ ଚନ୍ଦ୍ର ଜେନା ସ୍ୱାଗତ ଭାଷଣ ଓ ନଳିନୀକାନ୍ତ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ମାନସିକ ଅସ୍ଥିରତା ଦେଇ ଗତି କରୁଛନ୍ତିପ୍ରଭାତ ବିଶ୍ୱାଳ

ଭୁବନେଶ୍ୱର,୨୨।୩ (ମହାଭାରତ): ଚିଟ୍‌ଫଣ୍ଡ ଭଳି ଦୁର୍ନୀତି ମାମଲାରେ ଛନ୍ଦି ହୋଇଥିବା ପୂର୍ବତନ ବିଧାୟକ ପ୍ରଭାତ ବିଶ୍ୱାଳ ବିଜୁ ଜନତା ଦଳର ନୀତି ଓ ନୈତିକତାକୁ ନେଇ ଟିପ୍ପଣୀ ଦେବା ଜଣେ ପାଗଳର ବାଚଳାମୀ । ରାଜ୍ୟସଭା ନିର୍ବାଚନରେ ପୁଅ ସୌଭିକ ବିଶ୍ୱାଳଙ୍କୁ ଘୋଡ଼ା ବେପାରରେ ସାମିଲ କରାଇ କୋଟି କୋଟି ଟଙ୍କା ହାତେଇ ବିଜେଡି ସୁପ୍ରିମୋ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ ସହିତ ଯେଉଁ ବିଶ୍ୱାସ ଘାତକତା କରିଛନ୍ତି, ତାଙ୍କୁ କଟକବାସୀ କେବେ କ୍ଷମା ଦେବେ ନାହିଁ ବୋଲି କହି ବର୍ଷିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦିକା ଡ଼ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ପ୍ରଭାତ ବିଶ୍ୱାଳ ୧୯୯୫ ମସିହାରେ ତତ୍କାଳୀନ କଂଗ୍ରେସ ସରକାର ସମୟରେ ନଳକୂପ ବସାଇବା ଦୁର୍ନୀତିରେ ସମ୍ପୃକ୍ତ ରହି କୋଟି କୋଟି ଟଙ୍କା ହାତେଇ ଥିଲେ । ବିଗତ ଦିନରେ ନିଜର ଖର୍ଚ୍ଚ ପାଇଁ ବିଭିନ୍ନ ସଂକୀର୍ତ୍ତନ ମଣ୍ଡଳୀରୁ କେତେ ଟଙ୍କା ଚାନ୍ଦା ନେଇଛନ୍ତି ତାହା କଟକବାସୀଙ୍କୁ ଭଲ ଭାବେ ଜଣା । ଦଳରୁ ନିଲମ୍ବନ ହେବା ପରେ, ସେ କେତେବେଳେ କ'ଣ କହୁଛନ୍ତି ନିଜେ ଜାଣିପାରୁ ନାହାନ୍ତି । ତାଙ୍କ ବକ୍ତବ୍ୟରୁ ଜଣାପଡୁଛି ସେ ଦୀର୍ଘ ଦିନ ହେଲା ଚାପରେ ଅଛନ୍ତି । ଗଣମାଧ୍ୟମରେ ସମ୍ମୁଖରେ ସେ ଯେଉଁ ବକ୍ତବ୍ୟ ରଖୁଛନ୍ତି, ସେଥିରୁ ଜଣାପଡୁଛି ସେ ବିଜୁ ଜନତା ଦଳକୁ ଦୁର୍ବଳ କରିବା ପାଇଁ ସତେ ଯେମିତି ଠିକା ନେଇଛନ୍ତି । ବିଜେଡି ହେଉଛି ସାଢ଼େ ୪ କୋଟି ଓଡ଼ିଶାବାସୀଙ୍କ ଦଳ । ଓଡ଼ିଶାବାସୀଙ୍କ ସ୍ୱାର୍ଥ ପାଇଁ ସର୍ବଦା ଲଢ଼େଇ କରୁଥିବା ବିଜୁ ଜନତା ଦଳକୁ ଦୁର୍ବଳ କରିବାକୁ ଯେଉଁମାନେ ଷଡ଼ଯନ୍ତ୍ର କରୁଛନ୍ତି, ଓଡ଼ିଶାବାସୀ ତାଙ୍କୁ କେବେ ବି କ୍ଷମା ଦେବେନି। ଡ଼ ସାମନ୍ତସିଂହାର ଆହୁରି କହିଥିଲେ ଯେ, ପ୍ରଭାତ ବିଶ୍ୱାଳ



୧୫ ଦିନ ତଳେ କହୁଥିଲେ ଭି. କାର୍ତ୍ତିକେୟନ ପାଣ୍ଡିଆନଙ୍କ ପତ୍ନୀ ଶ୍ରୀମତୀ ସୁଜାତା କାର୍ତ୍ତିକେୟନଙ୍କୁ ଦଳର ଦାୟିତ୍ୱ ଦିଆଯାଉ ଏବଂ ତାଙ୍କୁ ରାଜ୍ୟସଭାକୁ ପଠାଯାଉ । ଆଜି ପୁଣି ତାଙ୍କ ବିରୋଧରେ ବିଷୋଦଗାର କରିବା ପାଗଳର ପ୍ରଳାପ ସଦୃଶ । ସେ ଆଜି ନିଜ ବକ୍ତବ୍ୟରେ କହିଥିଲେ କି, ଦିଲ୍ଲୀରେ ରେଜିଷ୍ଟ୍ରେସନ ହୋଇଥିବା ଟ୍ରଷ୍ଟରେ ବିଜୁ ଜନତା ଦଳର ୪ ହଜାର କୋଟି ଟଙ୍କା ଭି.କେ ପାଣ୍ଡିଆନ ଓ ସଂତୃପ୍ତ ମିଶ୍ର ନିଜ ମାଲିକାନାକୁ ନେଇଗଲେ । ତାଙ୍କର ଏହି ବକ୍ତବ୍ୟକୁ ଗୋଟିଏ ଶବ୍ଦରେ କହିବାକୁ ଗଲେ ଏହା ହେଉଛି ପାଗଳର ପ୍ରଳାପ । ନିଜେ ନବୀନ ବାବୁ ସ୍ପଷ୍ଟ କରିଛନ୍ତି ଯେ, ଏହା ତାଙ୍କର ବ୍ୟକ୍ତିଗତ ଏବଂ ପରିବାରର ଭାଇ, ଭଉଣୀ ସମସ୍ତଙ୍କ ଜଣାନ୍ତରେ ଏ ଟ୍ରଷ୍ଟ ଗଠନ କରାଯାଇଛି । ନବୀନ ବାବୁ ନିଜସ୍ୱ ପାଣ୍ଠିରୁ ୧ ଲକ୍ଷ ଟଙ୍କା ଟ୍ରଷ୍ଟକୁ ଦେଇଛନ୍ତି । ଏହା ହେଉଛି ଚିରାଚରିତ ସତ୍ୟ । ଟ୍ରଷ୍ଟରେ ଦଳର ୪ ହଜାର କୋଟି ଟଙ୍କା ଥିବା କହି ପ୍ରଭାତ ବିଶ୍ୱାଳ ଜନସାଧାରଣଙ୍କୁ ଭ୍ରମିତ କରିବାର ମନ୍ଦ ଉଦ୍ଦେଶ୍ୟ ଆଜି ପ୍ରମାଣିତ ହୋଇଛି । ବିଜୁ ବାବୁ 'ୟୁନିସ୍କୋ' ଭଳି ସାଇଣ୍ଟିଫିକ୍ ଆୱାର୍ଡ଼ କରିଥିଲେ, କିନ୍ତୁ ତାକୁ ଏ ସରକାର ବନ୍ଦ କରିଦେଲେ । ସେହି କାମକୁ ଆଗକୁ ନେବା ପାଇଁ ଏ ଟ୍ରଷ୍ଟ ଗଠନ କରାଯାଇଛି, କାହାର ହରିଲୁଟ୍ ପାଇଁ ଏ ଟ୍ରଷ୍ଟ ଗଠନ କରାଯାଇନି । ନବୀନ ବାବୁ ଓ ବିଜୁ ବାବୁ ସର୍ବଦା ଲୋକଙ୍କ ସେବା କରୁଥିଲେ । ତାଙ୍କର କଟକସ୍ଥିତ ବାସଭବନ ଲୋକଙ୍କ ସେବାରେ ସମର୍ପିତ ହୋଇଛି । ବିଜୁ ଜନତା ଦଳ ସର୍ବଦା ଓଡ଼ିଶାବାସୀଙ୍କ ଲୋକପ୍ରିୟ ଦଳ ହୋଇ ରହିଆସିଛି ଏବଂ ଆଗାମୀ ଦିନରେ ରହିବ । ପ୍ରଭାତ ବିଶ୍ୱାଳ ଯେତେ ଚେଷ୍ଟା କଲେ ବି ଦଳକୁ ଦୁର୍ବଳ କରିପାରିବେନି । ତାଙ୍କର ଏହି ହୀନ କାର୍ଯ୍ୟ ପାଇଁ ଓଡ଼ିଶାବାସୀ ଆଗାମୀ ଦିନରେ ତାଙ୍କୁ ଉଚିତ୍ ଜବାବ ଦେବେ।

# ଦର ବୃଦ୍ଧି, ଲୋକେ ଆତଙ୍କିତ

ତୈଳ ଦର ବୃଦ୍ଧି ଯୋଗୁ ପରିବହନ ଖର୍ଚ୍ଚ ମଧ୍ୟ ବଢ଼ିଛି। ଆଶ୍ୱସ୍ତିର ବିଷୟ ହେଲା ଭାରତରେ ଏ ଯାବତ ପେଟ୍ରୋଲ ଏବଂ ଡିଜେଲ ଦର ଅପରିବର୍ତ୍ତିତ ରହିଛି। କିନ୍ତୁ ରନ୍ଧନ ଗ୍ୟାସ ବା ଏଲପିଜିର ଅଭାବ ପରିଲକ୍ଷିତ ହେଉଛି। ସାଧାରଣରେ ଏହାକୁ ନେଇ ଆତଙ୍କ ସୃଷ୍ଟି ହୋଇଛି। ଭାରତୀୟ ଲୋକଙ୍କର ଏହା ହେଉଛି ଚରିତ୍ର। ସେମାନେ ଅଯଥାରେ ଆତଙ୍କିତ ହୋଇ ଆଗୁଆ ସବୁ ଜିନିଷ କିଣି ଘରେ ମହଜୁଦ ରଖନ୍ତି। ଏହାର ଫାଇଦା ଉଠାନ୍ତି ଅସାଧୁ ବ୍ୟବସାୟୀ। ସେମାନେ ଲୋକଙ୍କ ଆତଙ୍କକୁ ପୁଞ୍ଜି କରି କଳାବଜାରୀ କରନ୍ତି। ଏବେ ଭାରତରେ ଠିକ ସେହି ଅବସ୍ଥା। ଲୋକେ ଏଲପିଜିର ଅଭାବ ଆଶଙ୍କା କରି ଏଥିପାଇଁ ଏହାର ଆବଣ୍ଟନକାରୀଙ୍କ ଆଗରେ ଲମ୍ବା ଧାଡ଼ି ଲଗାଇଛନ୍ତି। ସ୍ୱାଭାବିକ ଭାବେ ସେମାନେ ହଇରାଣ ହେଉଛନ୍ତି, ଦୁର୍ଦ୍ଦଶାର ଶିକାର ହେଉଛନ୍ତି। ଅନେକ ଛାନିଆରେ ଅଧିକ ଟଙ୍କା ଦେଇ କଳାବଜଚାରୀଙ୍କ ଠାରୁ ଗ୍ୟାସ କିଣୁଛନ୍ତି। ଯାହାର ତତ୍କାଳ ଆବଶ୍ୟକତା ନାହିଁ, ସେ ଗ୍ୟାସ ପାଇଁ ଧାଡ଼ି ଲଗାଉଛି। ଫଳରେ ଯାହାର ବାସ୍ତବରେ ତତ୍କାଳ ଏଲପିଜର ଆବଶ୍ୟକତା ରହିଛି ସେ ହଇରାଣ ହେଉଛି। ସରକାର ବାରମ୍ବାର କହୁଛନ୍ତି ଗ୍ୟାସ ପାଇଁ ଆତଙ୍କିତ ହୁଅନ୍ତୁ ନାହିଁ। ଟିକେ ଅଭାବ ରହିଛି, କିନ୍ତୁ ଅଚଳାବସ୍ଥା ସୃଷ୍ଟି ହୋଇନାହିଁ। ଟିକେ ସାବଧାନରେ ଚଳନ୍ତୁ, ଅଧିକ ଦିନ ଗ୍ୟାସକୁ ନିଅନ୍ତୁ। ଆବଶ୍ୟକ ପଡ଼ିଲେ ବିକଳ୍ପ ଇନ୍ଧନ ବ୍ୟବସ୍ଥା କରନ୍ତୁ। ଶୀଘ୍ର ସମସ୍ୟାର ସମାଧାନ ହୋଇଯିବ, ସମସ୍ତଙ୍କୁ ଗ୍ୟାସ ମିଳିଯିବ। କିନ୍ତୁ ସରକାରଙ୍କ ଆଶ୍ୱସନା ପ୍ରତି କେହି କର୍ଣ୍ଣପାତ କରୁ ନାହାଁନ୍ତି। ସାରା ଦେଶରେ ଏଲପିଜି ଅଭାବ ନେଇ ଏକ ପ୍ରକାର ହାହାକାର ପରିସ୍ଥିତି ସୃଷ୍ଟି ହୋଇଛି। ଏହା ଏକ ଅସ୍ୱାଭାବିକ ପରିସ୍ଥିତି ଯାହାକୁ ସହଜରେ ଏଡ଼ାଇ ଦିଆଯାଇପାରିବ। କିନ୍ତୁ ଏଭଳି ପରିସ୍ଥିତି ସରକାରଙ୍କୁ ଚିନ୍ତିତ କରିଛି। କାରଣ ଯାହା ବି ହେଲେ ସରକାର ଜନତାଙ୍କ ନିକଟରେ ଉତ୍ତରଦାୟୀ। ଏଲପିଜି ଅଭାବ ଦୂର କରିବାକୁ ସରକାର କୂଟନୈତିକ ସ୍ତରରେ ଆହଲୋଚନା କରୁଛନ୍ତି। ୩ଟି ଏଲପିଜି ଟ୍ୟାଙ୍କ ବିଦେଶରୁ ଆସି ଭାରତରେ ପହଞ୍ଚିଛି। ଦେଶରେ ଏଲପିଜି ଉତ୍ପାଦନକୁ ୨୫% ବୃଦ୍ଧି କରାଯାଇଛି। କିନ୍ତୁ ଭାରତ ଭଳି ଏତେ ବଡ଼ ଦେଶରେ ଲୋକେ ଯଦି ଛାନିଆ ହୋଇ ଗ୍ୟାସ କିଣିବେ, ତେବେ ପରିସ୍ଥିତିକୁ କେହି ସମ୍ଭାଳିପାରିବେ ନାହିଁ। ଏଲପିଜିର ଅଭାବ ଲାଗି ସରକାର ଦାୟୀ ନୁହଁନ୍ତି। କିନ୍ତୁ ସରକାର ଏଥିଲାଗି ଏହବେ ସମାଲୋଚନାର ଶିକାର ହେଉଛନ୍ତି। କୋଭିଡ ମହାମାରୀ ବେଳେ ଠିକ ଏମିତି ପରିସ୍ଥିତି ସୃଷ୍ଟି ହୋଇଥିଲା।ୀହା ବି ହେଉ ଏଲପିଜି ଅଭାବ ଏବେ ଭାରତରେ ଏକ ରାଜନୈତିକ ପ୍ରସଙ୍ଗ ହୋଇଛି। ସରକାରଙ୍କୁ ବିରୋଧୀ ଟାର୍ଗେଟ କରୁଛନ୍ତି। ସବୁ ବୁଝି କିଛି ନବୁଝିବା ପରି ସେମାନେ ଆଚରଣ ପ୍ରଦର୍ଶନ କରୁଛନ୍ତି। ବିପତ୍ତି ବେଳେ ବିରୋଧୀ ଏହାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛନ୍ତି। ଏହା ଦୁର୍ଭାଗ୍ୟଜନକ। ଆସନ୍ତା ମାସରେ ଦେଶର ୪ଟି ରାଜ୍ୟ ଏବଂ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳର ବିଧାନସଭା ଲାଗି ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହି ନିର୍ବାଚନରେ ଏଲପିଜି ସଙ୍କଟ ଏକ ବଡ଼ ଇସ୍ୟୁ ହେବ। ଅତୀତରେ ପିଆଜର ଦରବୃଦ୍ଧି ଅନେକ ନିର୍ବାଚନରେ ମୁଖ୍ୟ ପ୍ରସଙ୍ଗ ହୋଇଛି। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ସରକାର ବଦଳିଯାଇଛି। ଅବଶ୍ୟ ଏବେ ଭୋଟରମାନେ ପୂର୍ବ ତୁଳନାରେ ଅଧିକ ପରିପକ୍ୱ ହେଲେଣି। କିନ୍ତୁ ସେମାନେ ନିଜ ସ୍ୱାର୍ଥରକ୍ଷା ସହ କେବେ ବି ସାଲିସ କରିବାକୁ ପ୍ରସ୍ତୁତ ନୁହଁନ୍ତି। ଦେଶ ପଛେ ଭାସିଯାଉ, କିନ୍ତୁ ମୋ ସ୍ୱାର୍ଥ ସୁରକ୍ଷିତ ହୋଇଥାଏ। ଏଭଳି ମାନସିକତା ଅନେକଙ୍କର ରହିଛି। ଏଲପିଜି ସଙ୍କଟ ଯୋଗୁ ସେମାନେ ଆସନ୍ତା ବିଧାନସଭା ନିର୍ବାଚନରେ କେନ୍ଦ୍ରରେ କ୍ଷମତାସୀନ ବିଜେପି ବିରୋଧରେ ରାୟ ଦେଇପାରନ୍ତି।

# ବିଗିଡି ଯାଉଛି ପିଲାଦିନ


॥ ଜୟନ୍ତୀ ପଣ୍ଡା ॥


ବର୍ତ୍ତମାନ ସମୟକୁ ଦେଖିଲେ ଅନେକଙ୍କ ଭିତରେ ସେମାନଙ୍କର ନିଜର ହୁଅନ୍ତୁ ବା ପରିଚିତ ପିଲାଟିର ପାଠପଢ଼ା ଜନିତ ସମସ୍ୟାକୁ ନେଇ ଅନେକ ଘଟଣା, ସତ୍ୟନିଷ୍ଠ କାହାଣୀ ଓ ଅଙ୍ଗେନିଭା ଅନୁଭୂତି ରହିଛି। ଏ ନେଇ ଅନେକ ସମୟରେ କେତେକ ଦୁଃଖଦ ପରିସ୍ଥିତିକୁ ମଧ୍ୟ ଅନେକ ସାମ୍ନା କରିଥାନ୍ତି। ବାସ୍ତବକଥା ହେଉଛି ପିଲାଦିନଟି ସତରେ କ'ଣ ବିଗିଡ଼ି ଯାଇଛି ? ଅନେକ ଏହି କଥା ସହିତ ସହମତ ହୋଇପାରନ୍ତି ଆଉ ଅସହମତ ବି। ଆସନ୍ତୁ ଗୋଟିଏ ଛୋଟିଆ ଆଲୋଚନା କରିବା। ଅନେକ ସମୟରେ ଦେଖାଯାଏ ବିଦ୍ୟାଳୟରେ ଭଲପିଲା ତଥାକଥିତ ଖରାପ ପିଲାଙ୍କୁ ନେଇ ନାନା ଆଲୋଚନା ହୁଏ। ଏହା ଭିତରେ ଅଧ୍ୟାପକ/ଅଧ୍ୟାପିକାମାନେ ବଦମାସ ପିଲା, ସେମାନଙ୍କ ଅଭିଭାବକ ଓ ସ୍କୁଲ ମ୍ୟାନେଜମେଣ୍ଟ ମଧ୍ୟରେ ଫୁଟବଲ ପାଲଟୁଛନ୍ତି। ଛାତ୍ରଛାତ୍ରୀଙ୍କ ପର୍ଫମାନ୍ସର ଦାୟିତ୍ୱ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ଉପରେ ଲଦି ଦିଅନ୍ତି ସ୍କୁଲ ପ୍ରଶାସନ। କିନ୍ତୁ ଏପଟେ ଯଦି ପାଠ ପଢୁନଥିବା କିମ୍ବା ବଦମାସି କରୁଥିବା ପିଲାଙ୍କୁ ଶିକ୍ଷକ/ଶିକ୍ଷୟିତ୍ରୀ ଗାଳି ବି ଦିଅନ୍ତି ତେବେ ଆଉ ଏକ ସମସ୍ୟା ଆରମ୍ଭ ହୋଇଯାଏ। କିଛି ପିଲାଙ୍କ ପାଇଁ ସାରା ଶ୍ରେଣୀର ପିଲା ହଇରାଣ ହୁଅନ୍ତି ମାତ୍ର ସେମାନଙ୍କୁ କେବଳ ଚେତାବନୀ ଦେବା ବ୍ୟତୀତ ଆଉ କିଛି କରିହୁଏନି। ମ୍ୟାନେଜମେଣ୍ଟ ଓ ଅଭିଭାବକଙ୍କ ପାଖରେ ଅଭିଯୋଗ କଲେ କୌଣସି ସକାରାତ୍ମକ ପରିଣାମ ଆସେନି। ଫଳରେ ବାଲୁଙ୍ଗା ପିଲାମାନେ ଧୀରେ ଧୀରେ ବଦମାସ ପିଲା ପାଲଟନ୍ତି, ଯାହା ଇଚ୍ଛା କରନ୍ତି।

ଏ ଅବସ୍ଥା କ'ଣ ପାଇଁ : ବିଶେଷଜ୍ଞମାନଙ୍କ ମତ ଛାତ୍ରଛାତ୍ରୀମାନଙ୍କର ଏହି ପାଠ୍ୟଖସଡ଼ା ପାଇଁ ମୁଖ୍ୟ ଦାୟୀ ହେଉଛି ଶିକ୍ଷାର ବ୍ୟବସାୟୀକରଣ। ସରକାରୀ ଶିକ୍ଷାନୁଷ୍ଠାନଗୁଡ଼ିକର ଅବସ୍ଥା ଖରାପ ହେବା ଯୋଗୁଁ ଛତୁ ଫୁଟିବା ପରି ଘରୋଇ ସ୍କୁଲ ଖୋଲୁଛି। ଏସବୁ ସ୍କୁଲର ଏକମାତ୍ର ଉଦ୍ଦେଶ୍ୟ ଅର୍ଥ। ତେଣୁ ଅଭିଭାବକଙ୍କ ପାଖରେ ଅର୍ଥ ଥିଲେ ପାଠପଢ଼ାରେ ଦୁର୍ବଳ ପିଲା ମଧ୍ୟ ସହଜରେ ଦାମୀ ନାମୀ ସ୍କୁଲରେ ନାମ ଲେଖାଇ ପାରୁଛନ୍ତି ମୋଟା ଡୋନେସନ ଦ୍ୱାରା। ଯେଉଁ ପିଲାଙ୍କର ପାଠପଢ଼ାରେ ଇଚ୍ଛା ନାହିଁ ସେମାନେ ନାମୀଦାମୀ ସ୍କୁଲରେ ପହଞ୍ଚିଯିବା ପରେ କେବଳ ସମୟ କାଟନ୍ତି ଓ ଏହି କାରଣରୁ ଛୋଟମୋଟ ବଦମାସୀ ଆରମ୍ଭ ହୁଏ। ଏହାର କୁପରିଣାମ ଭୋଗନ୍ତି ସହପାଠୀ/ସହପାଠିନୀ ଓ ଶିକ୍ଷକମାନେ। ସ୍କୁଲ ପ୍ରଶାସନର ଅର୍ଥ ଲିପ୍ସା ନିରୀହ ପିଲା ଓ ଶିକ୍ଷକ/ଶିକ୍ଷୟିତ୍ରୀଙ୍କ ପାଇଁ ସମସ୍ୟା ହୋଇଯାଏ। ଆଇନ୍ ଶିକ୍ଷକଙ୍କ ହାତ ବାନ୍ଧି ଦେଇଛି। ପିଲାଙ୍କୁ ଆକଟ କରି ଗାଳି ଦେଲେ, ମାନସିକ ନିର୍ଯାତନା ଦେବା ପରି ଅଭିଯୋଗ ହେବାର ଭୟ ରହୁଛି। ଅଭିଭାବକଙ୍କ ଜିଦ୍ ପିଲାଏ ଯେ କୌଣସି ମତେ ପଢ଼ିବେ। ତେଣୁ ପାଠ ହେଉ ନା ନହେଉ ପିଲା ଦାମୀ ସ୍କୁଲରେ ପଢ଼ିବେ। ଏ ପରମ୍ପରା ଉତ୍ତର ଭାରତରେ ଅଧିକ। ଅନ୍ୟପକ୍ଷରେ ଅଧିକାଂଶ ଅଭିଭାବକ ନିଜ ନିଜ କାମରେ ଏତେ ବ୍ୟସ୍ତ ଯେ ପିଲାଙ୍କ ପାଇଁ ସେମାନଙ୍କ ପାଖରେ ସମୟ ନାହିଁ। ତେଣୁ ଶିକ୍ଷକଙ୍କର ଅଭିଯୋଗ ପ୍ରତି ମଧ୍ୟ ସେମାନେ ନଜର ଦେଇପାରନ୍ତି ନାହିଁ। ଏହି ଉଦାସୀନତା ସେମାନଙ୍କ ପିଲା ପାଇଁ ତ ଖରାପ କିନ୍ତୁ ଏଥିସହ ଅନ୍ୟ ପିଲାମାନେ ମଧ୍ୟ ସେଥିପାଇଁ କଷ୍ଟ ପାଆନ୍ତି। ଭାରତରେ ମାନସିକ ସ୍ୱାସ୍ଥ୍ୟକୁ ନେଇ ଶିକ୍ଷିତ ଲୋକମାନେ ବି ସଚେତନ ନୁହନ୍ତି। ପିଲାର ବ୍ୟବହାରରେ ପରିବର୍ତ୍ତନକୁ ସେମାନେ ସ୍ୱାଭାବିକ ଭାବରେ ନିଅନ୍ତି। ଯେ ପର୍ଯ୍ୟନ୍ତ ପିଲା କିଛି ବଡ଼ ଭୁଲ କାମ ନକରେ ସେ ପର୍ଯ୍ୟନ୍ତ ସେସବୁ ପ୍ରତି କେହି ନଜର ଦିଅନ୍ତି ନାହିଁ।

ଅନୁଷ୍ଠାନ ଓ ଅଭିଭାବକ, ଉଭୟେ ଦୋଷୀ - ବିଶେଷଜ୍ଞମାନଙ୍କ ମତ ଆଜିକାଲି ପିଲାମାନେ ବଦମାସୀ ଆଡ଼କୁ ମୁହାଁଇବା ପଛରେ ଅଭିଭାବକ ଓ ଅନୁଷ୍ଠାନ ଉଭୟେ ମୁଖ୍ୟ ଦୋଷୀ। ପିତାମାତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। କାରଣ ପିଲା ଯେତେବେଳେ ଜାଣିବା ମତେ ଅନୁଶାସନରେ ରହିବାକୁ ହେବ ତେବେ ତାର ବ୍ୟବହାର ନିୟନ୍ତ୍ରିତ ହେବ। କିନ୍ତୁ କିଛି ଅଭିଭାବକ ଅର୍ଥ ଓ କ୍ଷମତାର ଦମ୍ଭରେ ପିଲାର ବର୍ତ୍ତମାନ ଓ ଭବିଷ୍ୟତକୁ ଭୁଲିଯାଆନ୍ତି। ଅହଙ୍କାରୀ ପିତାମାତାଙ୍କ ପିଲାମାନେ ସ୍କୁଲରେ ଅନ୍ୟମାନଙ୍କୁ ହଇରାଣ ହରକତ କରିବାରେ ସବୁଠୁ ଆଗୁଆ ବୋଲି ଜଣାପଡ଼ିଛି। ଅନେକ ସମୟରେ ପିଲାମାନେ ନିଜେ ମଧ୍ୟ ଜାଣନ୍ତି ନାହିଁ, ସେମାନଙ୍କ କାର୍ଯ୍ୟକଳାପ ଅନ୍ୟକୁ କଷ୍ଟ ଦେଉଛି। ଏହା ଜଣାଇବାର ଦାୟିତ୍ୱ ପିତାମାତାଙ୍କର। ନାମୀ ଦାମୀ ପ୍ରଫେସନାଲ କଲେଜଗୁଡ଼ିକ ପାଠ କିଣାବିକାର ମୁଖ୍ୟ କେନ୍ଦ୍ର। ଅନୁଷ୍ଠାନର ଲକ୍ଷ୍ୟ ଥାଏ ଅଧିକ ପିଲା ଆସିଲେ ଅଧିକ ଅର୍ଥ ଆସିବ। ଅଧିକ ଅର୍ଥ ପାଇଁ ଆବଶ୍ୟକ ଭଲ ରେଜଲ୍ଟ। ପିଲା ପାଠ ନପଢ଼ିଲେ ବି କେମିତି ଭଲ ରେଜଲ୍ଟ କରିପାରିବ ସେ ନେଇ ବିଭିନ୍ନ ଉପାୟ ଅବଲମ୍ବନ କରିବାକୁ ଚାହାନ୍ତି ସେମାନେ। ସେମିତି ପ୍ରଚୁର ଅର୍ଥ ଥିବା ପିତାମାତା ପିଲାର ଇଚ୍ଛା ଥାଉ ବା ନଥାଉ ଦାମୀ କଲେଜରେ ନିଜ ମନମୁତାବକ ପାଠ୍ୟକ୍ରମରେ ନାମ ଲେଖାଇ ଦିଅନ୍ତି। ପିଲାର କିନ୍ତୁ ସେ ପାଠ ବ୍ୟତୀତ ଅନ୍ୟ କେଉଁ ବିଷୟରେ ଆଗ୍ରହ ଥାଏ। ଏ କ୍ଷେତ୍ରରେ ତାର ସମସ୍ତ ଆଗ୍ରହ ନକାରାତ୍ମକ କ୍ଷେତ୍ରକୁ ଚାଲିଯାଏ। ତେଣୁ ଯେ ପର୍ଯ୍ୟନ୍ତ ଅର୍ଥ ହିଁ ସବୁକିଛିର ମନୋଭାବ ଉଭୟ ଶିକ୍ଷାନୁଷ୍ଠାନ ଓ ପିତାମାତା ତ୍ୟାଗ ନକରିଛନ୍ତି ସେ ପର୍ଯ୍ୟନ୍ତ ଏ ସମସ୍ୟାର ସମାଧାନ ନାହିଁ।

ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ୍ୟ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା। ୨୦୨୨ର ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ରିପୋର୍ଟ ଅନୁଯାୟୀ ୧୦ରୁ ୧୯ ବର୍ଷ ବୟସର ପିଲାମାନଙ୍କ ପାଇଁ ଅବସାଦ ହିଁ ମୁଖ୍ୟ ଅସୁସ୍ଥତା ଓ ଅକ୍ଷମତା ଏବଂ ଆତ୍ମହତ୍ୟା ସଡ଼କ ଦୁର୍ଘଟଣା, ଏଚ୍‌ଆଇଭି ପରେ ମୃତ୍ୟୁର ମୁଖ୍ୟ କାରଣ। ପିଲାଙ୍କ ଠାରେ ମାନସିକ ଅବସାଦ ସମାଜ ପାଇଁ ସବୁବେଳେ ଏକ ବଡ଼ ସମସ୍ୟା। ଏପରିକି ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ପାଇଁ ମଧ୍ୟ ଏହା ଏକ କଷ୍ଟକର ଅଧ୍ୟାୟ। ଅଧିକାଂଶ ଚିକିତ୍ସକ ପିଲାଙ୍କ ଠାରେ ଅବସାଦ ଆସିପାରେ ତାହା ମଧ୍ୟ ବିଶ୍ୱାସ କରିବାକୁ ପ୍ରସ୍ତୁତ ନୁହନ୍ତି କାରଣ ଅବସାଦ ଗ୍ରସ୍ତ ହେବା ପରି ମାନସିକ ପରିପକ୍ୱତା ପିଲାଙ୍କ ଠାରେ ଥାଇପାରେ ବୋଲି ସେମାନେ ସନ୍ଦେହ କରନ୍ତି। କାରଣ ଅବସାଦ ଗ୍ରସ୍ତ ହେଲେ ପିଲାଙ୍କ ଠାରେ ଯେଉଁ ପରିବର୍ତ୍ତନ ଦେଖାଦିଏ ତାହାକୁ ଅନେକେ ବୟୋବୃଦ୍ଧ ଜନିତ ବ୍ୟବହାରିକ ପରିବର୍ତ୍ତନ ବୋଲି ମନେ କରନ୍ତି। ଏ ପରିପ୍ରେକ୍ଷୀରେ ଜାତିସଂଘ ରିପୋର୍ଟ ସମସ୍ତଙ୍କ ଆଖି ଖୋଲି ଦେଇଛି। ଅବସାଦର ସାମାଜିକ ସହ ଜୈବିକ ଓ ବଂଶାନୁକ୍ରମିକ କାରଣ ରହିଛି। ଯେଉଁ ପିଲାମାନଙ୍କ ପରିବାରରେ ଅବସାଦର ଇତିହାସ ଅଛି ସେମାନେ ଅନ୍ୟ ପିଲାଙ୍କ ତୁଳନାରେ ଶୀଘ୍ର ଅବସାଦ ଗ୍ରସ୍ତ ହୁଅନ୍ତି। ଅବସାଦ ସବୁବେଳେ ମସ୍ତିଷ୍କର ସମସ୍ୟା ନୁହେଁ। ପରିବାର ଓ ସମାଜ ସହ ଯୋଗାଯୋଗର ଅଭାବ ମଧ୍ୟ ଏ ସମସ୍ୟାର କାରଣ ହୋଇଥାଏ। ଅବସାଦଗ୍ରସ୍ତ ପିଲା ଶବ୍ଦରେ ନିଜର ଯନ୍ତ୍ରଣା ବୟାନ କରିପାରନ୍ତି ନାହିଁ। ମାତ୍ର ଏହା ସେମାନଙ୍କ ଶାରୀରିକ ଯନ୍ତ୍ରଣା ଦ୍ୱାରା ପରିସ୍ଫୁଟ ହୋଇଥାଏ। ଅବସାଦ ଗ୍ରସ୍ତ ପିଲା, ପେଟ ଯନ୍ତ୍ରଣା, ମୁଣ୍ଡବିନ୍ଧା, କାନବିନ୍ଧା, ଛାତିବିନ୍ଧାର ଶିକାର ହୁଅନ୍ତୁ। ଶାରୀରିକ ଭାବରେ ଏ ସମସ୍ୟାର କିଛି କାରଣ ନଥାଏ କିନ୍ତୁ ଅବସାଦ ଯୋଗୁଁ ଏହି ଚାପ ରୁହେ। ଅନେକ ସମୟରେ ଏହା ସ୍ଥାୟୀ ଶାରୀରିକ ସମସ୍ୟା ପାଲଟି ଯାଏ। ଏଭଳି ପିଲାଙ୍କର ସାମାଜିକ ଓ ସ୍କୁଲ ପରିବେଶରେ ସମସ୍ୟା ଦେଖାଯାଏ। ପାଠପଢ଼ାରେ ଅବନତି ହେବା ସହ ଘରେ ସାଙ୍ଗସାଥୀଙ୍କ ସହ ଖେଳିବା, ନିଜର ପ୍ରିୟ ଅଭ୍ୟାସଗୁଡ଼ିକରେ ଆଗ୍ରହ ନରହିବା, ବାପା-ମା କିମ୍ବା ଭାଇଭଉଣୀଙ୍କ ସହ କଥାବାର୍ତ୍ତାର ଆଗ୍ରହ ନରହିବା ଅବସାଦର ଲକ୍ଷଣ। ଏପରିକି କିଛି ପିଲା ଶୀଘ୍ର ଉତ୍‌କ୍ଷିପ୍ତ ଓ ଉଗ୍ର ହୋଇଯାଆନ୍ତି। କିନ୍ତୁ ଅନେକ ସମୟରେ ଏ ସମସ୍ୟା ଚିହ୍ନିବା ସମ୍ଭବ ହେଉନଥିବାରୁ କିମ୍ବା ପରିବାର ଓ ଶିକ୍ଷକ ଶିକ୍ଷୟିତ୍ରୀ ଏ ନେଇ ସଚେତନ ନଥିବାରୁ ସମସ୍ୟା ଉତ୍କଟ ହୋଇ ଅନେକ ସମୟରେ ଅବସାଦଗ୍ରସ୍ତ ଶିଶୁକୁ ମାନସିକ ରୋଗୀରେ ପରିଣତ କରିଦିଏ। ଅବସାଦଗ୍ରସ୍ତ ଶିଶୁଙ୍କ ଚିକିତ୍ସା ପାଇଁ ଯେ ସବୁବେଳେ ଔଷଧ ଆବଶ୍ୟକ ତା ନୁହେଁ। ଯଦି ପିଲା ଖୁବ୍ ଛୋଟ ଅବସାଦ ଖୁବ କମ, ଚାପ ସୃଷ୍ଟି କରୁଥିବା ପରିବେଶ ପ୍ରତି ପ୍ରତିକ୍ରିୟାଶୀଳ ଏବଂ ପରିବାରରେ ଅବସାଦର ଇତିହାସ ନାହିଁ ତେବେ ବିନା ଔଷଧରେ କିଛି ସାଇକୋଥେରାପି କୌଶଳ ଦ୍ୱାରା ଆରୋଗ୍ୟ ହେବାର ସମ୍ଭାବନା ଅଧିକ। ତେବେ ଯେଉଁ ଅବସାଦ ମଧ୍ୟାବସ୍ଥା କିମ୍ବା ଉତ୍କଟ ସ୍ତରରେ ପହଞ୍ଚିଯାଏ ସେଠାରେ ସାଇକୋଥେରାପି ସହ ଔଷଧର ଆବଶ୍ୟକତା ଦେଖାଦିଏ। କିନ୍ତୁ ଦୁଃଖର କଥା ମାତ୍ର ୨୦ ପ୍ରତିଶତ ଅବସାଦଗ୍ରସ୍ତ ପିଲା ଉପଯୁକ୍ତ ଚିକିତ୍ସା ପାଇପାରନ୍ତି। ବିଶେଷଜ୍ଞମାନଙ୍କ ମତ ମାନସିକ ଅବସାଦ କିମ୍ବା ମାନସିକ ସମସ୍ୟା ପାଇଁ ଔଷଧ ଅଛି, ମନସ୍ତତ୍ତ୍ୱବିତ୍, ମାନସିକ ରୋଗୀ ବିଶେଷଜ୍ଞ ଅଛନ୍ତି। ତେବେ ପିଲା ପାଇଁ ସବୁଠାରୁ ଭଲ ଡାକ୍ତର ହେଉଛନ୍ତି ତାର ପିତାମାତା। ସେମାନେ ହିଁ ପ୍ରଥମେ ତାର ଚାପକୁ ବୁଝିବାକୁ ସମର୍ଥ। ତେଣୁ ପିତାମାତା ସିଧାସଳଖ ପିଲାକୁ ତାର ପରିବର୍ତ୍ତନର କାରଣ ପଚାରିପାରିବେ ଖୁବ୍ ବନ୍ଧୁତ୍ୱପୂର୍ଣ୍ଣ ଭାବରେ। ଏହାଦ୍ୱାରା ପିଲା ବି ବୁଝିବ ସେମାନେ ମୋ ପାଇଁ ବ୍ୟସ୍ତ ମତେ ଭଲପାଆନ୍ତି ବା ମୋର ଭଲ କରିବାକୁ ଚାହାନ୍ତି। ତା ମନରୁ ଭୟ ଦୂର ହେବ ଏବଂ ସେ ମନର ଦୁଃଖ, ବ୍ୟସ୍ତତା ଓ ଆଶଙ୍କାକୁ ବାପା-ମାଙ୍କ ଆଗରେ ଖୋଲି କହିପାରିବ। ପିଲାର ବନ୍ଧୁ ହେବା ଦ୍ୱାରା ତାର ହଜିଯାଇଥିବା ପିଲାଦିନକୁ ସେ ଯେ ନିଶ୍ଚିନ୍ତ ଫେରିପାଇବ ଏହାକୁ ସମସ୍ତେ ମନେରଖିବା ଉଚିତ। କେବଳ ଏହାପାଇଁ ଶ୍ରଦ୍ଧା, ପ୍ରେମ, ଆବେଗ ଓ ଭଲପାଇବାର ବନ୍ଧୁତ୍ୱ ଦରକାର।


ଏସଆରଏସ ରେସିଡେନ୍ସି, ପି-୯, ୧୭ଏ,<br>
ସେକ୍ଟର-୮୮, ଫରିଦାବାଦ, ହରିଆନା



ଚାପଗ୍ରସ୍ତ ହେଉଛନ୍ତି ପିଲାମାନେ : ପିଲାମାନେ ଯେ ଚାପଗ୍ରସ୍ତ ହୋଇପାରନ୍ତି ସେ ନେଇ ଅନେକଙ୍କର ଧାରଣା ନଥାଏ। ସମସ୍ତେ ଭାବନ୍ତି କେବଳ ବଡ଼ମାନଙ୍କର ହିଁ ଦୁନିଆ ଯାକର ଟେନ୍‌ସନ ଅଛି। କିନ୍ତୁ ଏବେ ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କର କହିବା ଅନୁଯାୟୀ ବଡ଼ମାନଙ୍କ ପରି ଛୋଟପିଲା, କିଶୋର, ତରୁଣମାନେ ମଧ୍ୟ ଚାପଗ୍ରସ୍ତ ହୁଅନ୍ତି। ଏହା ଏକ ଶାରୀରିକ ସମସ୍ୟା ହୋଇନଥିବାରୁ ସହଜରେ ସମସ୍ତଙ୍କ ନଜରରେ ପଡ଼େନାହିଁ। ଏହା ହିଁ ଏହି ମାନସିକ ସମସ୍ୟାକୁ ଆହୁରି ଉତ୍କଟ କରିଦିଏ। ଗତ କେଇ ଦଶକ ପୂର୍ବରୁ ଏହା ଆଦୌ ଜଣାନଥିଲା।


# ଆଇନର ଭାଷାରେ ଲିଙ୍ଗ ନିରପେକ୍ଷତାର ପ୍ରୟାସ


॥ ଯୁଧିଷ୍ଠିର ମହାରଣା ॥


ଲିଙ୍ଗଗତ ପରିଚୟ ପୁରୁଷ ବା ମହିଳା, ଏହି ଦ୍ୱୈତ ବର୍ଗୀକରଣ ମଧ୍ୟରେ ସୀମିତ ନୁହେଁ, ବରଂ ଏହା ଆଜି ଏକ ବ୍ୟାପକ ସାମାଜିକ କ୍ଷେତ୍ରରେ ଅସ୍ତିତ୍ୱ ଜାହିର କରୁଛି। ସମୟକ୍ରମେ ଏହାର ବିବର୍ତ୍ତନ ଘଟିବ। ଏକଥାଟି ଲେଖାଯାଇଛି ସୁପ୍ରିମକୋର୍ଟ ଦ୍ୱାରା ସଦ୍ୟ ଲୋକାର୍ପିତ ହୋଇଥିବା ଅଦାଲତ ସମୂହ ପାଇଁ ଉଦ୍ଦିଷ୍ଟ ଲିଙ୍ଗ ନିରପେକ୍ଷ ଶବ୍ଦକୋଷରେ। ଏହି ଶବ୍ଦକୋଷରେ ମହିଳା ମାନଙ୍କ ପ୍ରତି ନ୍ୟାୟପାଳିକାରେ ବିଚାରପତିମାନେ ଯେଉଁ ଧରାବନ୍ଧା ଶବ୍ଦାବଳୀମାନ ବ୍ୟବହାର କରୁଥିଲେ, ତାହାକୁ ବଦଳାଇବାର ସୁପାରିସ ରହିଛି। ଏକାଧିକ ହାଇକୋର୍ଟର ବିଜ୍ଞ ମହିଳା ବିଚାରପତିଙ୍କ ଦ୍ୱାରା ପ୍ରସ୍ତୁତ ଏହି ଲିଙ୍ଗ ନିରପେକ୍ଷ ଶବ୍ଦକୋଷକୁ ସ୍ୱୟଂ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଡି.ୱାଇ ଚନ୍ଦ୍ରଚୂଡ଼ ଆବଶ୍ୟକ ଦିଗଦର୍ଶନ ଦେବା ସହିତ ଏହାର ସମ୍ପାଦନା ମଧ୍ୟ କରିଛନ୍ତି।

ଏହି ବହି ଖଣ୍ଡିକ ଏବେ ସାର୍ବଜନୀନ ହେବା ପରେ ବିଚାରପତି ମାନଙ୍କୁ ମହିଳାମାନଙ୍କ ସମ୍ପର୍କରେ ବ୍ୟବହାର କରୁଥିବା ନିଜର ଭାଷା ପ୍ରତି ଅଧିକ ସଚେତନ ରହିବା ପଡ଼ିବ। ଆଗରୁ ମହିଳା ମାନଙ୍କୁ ରକ୍ଷଣଶୀଳ ପୁରୁଷପ୍ରଧାନ ସମାଜ ଯେଉଁସବୁ ନାମ ଦେଇ ବର୍ଗୀକୃତ କରିଥିଲା, ତାହା ଆଉ ଚଳିବ ନାହିଁ। ଉଦାହରଣ ସ୍ୱରୂପ ଅବିବାହିତ ମହିଳାମାନଙ୍କୁ ଆଗରୁ ଇଂରାଜୀରେ ସ୍ପିନଷ୍ଟର ବୋଲି ଯାହା କୁହାଯାଉଥିଲା, ତାହାର ପୁନରାବୃତ୍ତି ଆଉ ଅଦାଲତର ଭାଷାରେ ହେବନାହିଁ। ଯେଉଁ ଯୁବତୀ ବା ମହିଳା ବିବାହ କରି ନାହାନ୍ତି, ସେମାନଙ୍କ ଅବିବାହିତ ବା ଅନମ୍ୟାରେଡ଼ ବୋଲି ବିଚାରପତି ଉଲ୍ଲେଖ କରିବେ। ସେହିଭଳି ମିଷ୍ଟ୍ରେସ୍ ଶବ୍ଦ ପରିବର୍ତ୍ତେ ପୁରୁଷଙ୍କ ସହିତ ବିବାହ ବହିର୍ଭୂତ ଦୈହିକ ସମ୍ପର୍କ ରକ୍ଷାକାରୀ ମହିଳା ବୋଲି କୁହାଯିବ, କାରଣ ମିଷ୍ଟ୍ରେସକୁ ଅନେକ ରକ୍ଷିତା ଭାବେ ବିଚାର କରନ୍ତି। କେବଳ ସେତିକି ନୁହେଁ ଏବେ ଗଣିକା ମାନଙ୍କୁ ଯୌନକର୍ମୀ ଇଭଟିଜିଂକୁ ଷ୍ଟ୍ରିଟ ସେକସୁଆଲ ହାରାସମେଣ୍ଟ ବା ରାସ୍ତାଘାଟରେ ଯୌନ ନିର୍ଯାତନା ଭାବେ ଉଲ୍ଲେଖ କରାଯିବ। ଏହାଛଡ଼ା ତୃତୀୟଲିଙ୍ଗ ବର୍ଗରେ ଏଲଜିବିଟି କ୍ୟୁ+ ସମୁଦାୟକୁ ରଖି ଏହି ଶବ୍ଦକୋଷରେ ଲିଙ୍ଗ ବର୍ଣ୍ଣନାର ଉଦାରତା ପ୍ରଦର୍ଶନ କରାଯାଇଛି।

ଆମର ବିଡ଼ମ୍ବନା ହେଲା ମହିଳା ମାନଙ୍କୁ ଆମ ସମାଜ ବିଭିନ୍ନ ପ୍ରକାର ପରିଚୟ ଦେଇଆସିଛି ଏବଂ ସେଥିମଧ୍ୟରୁ ଅନେକ ଅଶୋଭନୀୟ ଓ କଟୁକ୍ତିର ପରିଚାୟକ। ସତୀ, ଅସତୀ, ବେଶ୍ୟା, ବାରବଧୂ, ରକ୍ଷିତା, ଅକ୍ଷତଯୋନୀ ଓ ଆହୁରି କେତେ କଣ ଶବ୍ଦ ସବୁ ରହିଛି ଯାହା ଏକ ଲିଙ୍ଗଗତ କାଳିମା। ହାଉସୱାଇଭ ଓ ଇଭଟିଜିଂ ଆଦି ଶବ୍ଦର ଆଖିବୁଜା ବ୍ୟବହାର ମଧ୍ୟ ହୋଇଆସୁଛି। ଦୁର୍ଭାଗ୍ୟର ବିଷୟ ହେଲା ସମୟକ୍ରମେ ଆମ ନ୍ୟାୟପାଳିକା ଓ ନ୍ୟାୟବିଧିରେ ସେସବୁ ଶବ୍ଦର ଇଂରାଜୀ ସ୍ଲାଙ୍ଗ ନାମ ସବୁ ରହିଛି ଏବଂ ଧରାବନ୍ଧା ଭାବେ ଆମ ନ୍ୟାୟମୂର୍ତ୍ତିମାନେ ଏସବୁ ଶବ୍ଦକୁ ବ୍ୟବହାର କରି ଆସୁଛନ୍ତି। କେବଳ ସେତିକି ନୁହେଁ, ତୃତୀୟ ଲିଙ୍ଗର ମଣିଷମାନଙ୍କୁ ସମାଜରେ ମାଇଚିଆ, ହିଂଜଡ଼ା ଓ ଆଉ ବିଭିନ୍ନ ପ୍ରକାର ଅଶୋଭନୀୟ ନାମରେ ସମ୍ବୋଧନ କରାଯାଇଆସୁଛି। ଆଜି ପର୍ଯ୍ୟନ୍ତ ଏଥିପ୍ରତି କେହି ଏତେଟା ସଚେତନ ହେଉ ନଥିଲେ। ମହିଳା ବିଚାରପତିମାନେ ମଧ୍ୟ ସେହି ଗଡ଼ଲିକା ପ୍ରବାହରେ ଚାଲିଆସୁଥିଲେ। ମହିଳା ସଶକ୍ତୀକରଣ, ଲିଙ୍ଗଗତ ନ୍ୟାୟ ଓ ସଚେତନତା ଏବେ ଗୁରୁତ୍ୱ ପାଉଛି। ତେଣୁ ଆଇନ ଓ ବିଚାର ବ୍ୟବସ୍ଥା ମଧ୍ୟ ଏହାର ଉଚ୍ଚାରଣ ଓ ଆଚରଣରେ ଲିଙ୍ଗ ନିରପେକ୍ଷ ହେବା ଉଚିତ। ବଡ଼କଥା ହେଲା ଆମ ବିଚାରପତିମାନେ ଏହି ପରିପ୍ରେକ୍ଷୀରେ ନିଜ କ୍ଷେତ୍ରରେ ଯେଉଁ ତ୍ରୁଟି କରି ଆସୁଥିଲେ, ତାହାକୁ ନିଜେ ବିଚାର କରି ସୁଧାରିବାକୁ ଚେଷ୍ଟା କରୁଛନ୍ତି। ଏହା ନିଶ୍ଚିତ ଏକ ଯୁଗାନ୍ତକାରୀ ପଦକ୍ଷେପ ଓ ସ୍ୱାଗତଯୋଗ୍ୟ। ଏହି ନୂଆ ଶବ୍ଦକୋଷ ବିଚାରପତି ମାନଙ୍କୁ ନ୍ୟାୟ ପ୍ରଦାନ ସମୟରେ ବିଶେଷ ସାହାଯ୍ୟ କରିବ। ଏହାଦ୍ୱାରା ମଧ୍ୟ ବୈଧାନିକ ଆଲୋଚନା, ପର୍ଯ୍ୟାଲୋଚନା ଓ ତର୍ଜମା କାଳରେ ମହିଳା ତଥା ତୃତୀୟଲିଙ୍ଗର ଲୋକାମାନଙ୍କୁ ଅତିକମରେ ଧରାବନ୍ଧା ଭାବେ ଚିହ୍ନଟ ବା ଚିତ୍ରିତ ନକରି ମର୍ଯ୍ୟାଦାର ସହ ଉପସ୍ଥାପନ କରିବାର ଏକ ନୂଆ ସ୍ୱାଗତଯୋଗ୍ୟ ଧାରା ଆରମ୍ଭ ହେବ। ଏହି ଶବ୍ଦକୋଷରେ ୪୩ ଲିଙ୍ଗଗତ ଦୃଷ୍ଟିରୁ ଅନୁପଯୁକ୍ତ ଶବ୍ଦ ସ୍ଥାନ ପାଇଛି ଏବଂ ବିଚାରପତିମାନଙ୍କ ପାଇଁ ଏହା ଏକ ମାର୍ଗଦର୍ଶନ ପୁସ୍ତକ ବା ହ୍ୟାଣ୍ଡବୁକ୍ ଭାବେ କାର୍ଯ୍ୟ କରିବ। ସେମାନେ ନିଜର ନିର୍ଦ୍ଦେଶ, ରାୟ ଶୁଣାଣି ସମୟରେ ସମ୍ପୃକ୍ତ ନିଷିଦ୍ଧ ଶବ୍ଦର ବ୍ୟବହାରକୁ ବନ୍ଦ କରିବାକୁ ଯଥାସାଧ ଚେଷ୍ଟା କରିବେ। ସର୍ବୋଚ୍ଚ ନ୍ୟାୟାଳୟ ଏହି ପ୍ରସଙ୍ଗରେ ପ୍ରଥମେ ନିଜକୁ ନିରୀକ୍ଷଣ କରି ପ୍ରତିକାର ବ୍ୟବସ୍ଥା କରିଛି। ଏହି ବିଶୋଧନ ପ୍ରୟାସ ସ୍ୱାଗତଯୋଗ୍ୟ। ପ୍ରଧାନ ବିଚାରପତି ଯଥାର୍ଥରେ କହିଛନ୍ତି ଯେ ଆଇନ ଓ ବିଚାର କ୍ଷେତ୍ରରେ ଭାଷାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ବିଚାରପତି ଓ ଆଇନଜୀବୀମାନେ ମାମଲା ପରିଚାଳନା ଓ ରାୟ ଶୁଣାଇବା, ଲେଖିବା ସମୟରେ ଏମିତି ଅନେକ ଶବ୍ଦ ଓ ରୁଢ଼ି ବ୍ୟବହାର କରନ୍ତି, ଯାହା ବହୁ ପ୍ରାଚୀନ ଏବଂ ବହୁଳ ପ୍ରଚଳିତ ହେବା ସତ୍ତ୍ୱେ ଲଙ୍ଗଗତ ଦୃଷ୍ଟିରୁ ନିରପେକ୍ଷ ନୁହେଁ। ଏହାପଛରେ ପୁରୁଷପ୍ରଧାନ ସମାଜର କ୍ରୁର ପରମ୍ପରା ନିହିତ। ତେଣୁ ଗଣିକା, ପତିଶ, ଦୁଶ୍ଚରିତ୍ରା, ରକ୍ଷିତା, ଜାରଜ, ଉତ୍ତେଜକ ପୋଷାକ ଭଳି କେତେକ ଶବ୍ଦକୁ ଆଉ ରାୟ ପ୍ରଦାନ ଓ ଶୁଣାଣି ସମୟରେ ବ୍ୟବହାର କରାଯିବ ନାହିଁ ବୋଲି ଏହି ନୂତନ ହ୍ୟାଣ୍ଡବୁକ୍ ମାଧ୍ୟମରେ ସ୍ପଷ୍ଟ କରିଦିଆଯାଇଛି। ଉଚ୍ଚତମ ବିଚାରାଳୟର ଏହି ପ୍ରୟାସକୁ ଆମେ ସ୍ୱାଗତ କରୁଛୁ ଏବଂ ଏହାକୁ ଆମ ନ୍ୟାୟପାଳିକା ସର୍ବାନ୍ତକରଣରେ ପାଳନ କରିବେ ବୋଲି ଆମର ଆଶା ଓ ବିଶ୍ୱାସ। ତେବେ ଇଂରାଜୀରେ ରାୟ ପ୍ରଦାନ ବେଳେ ଯେତେବେଳେ ଏହାର ଅନୁବାଦ ଅନ୍ୟ ଭାଷାରେ ପ୍ରକାଶ ପାଉଛି, ସେଥିରେ ମଧ୍ୟ ଅନୁରୂପ ସତର୍କତା ଅବଲମ୍ବନ କରିବାକୁ ପଡ଼ିବ। ଏଥିପାଇଁ ଆମ ଗଣମାଧ୍ୟମର ଦାୟିତ୍ୱ ବେଶ ଅଧିକ। ଆଇନର ଭାଷାରେ ଯଦି ଲିଙ୍ଗ ବୈଷମ୍ୟର ନିର୍ଦ୍ଦିଷ୍ଟ ସଂସ୍କାର ଅଣାଯାଏ, ତେବେ ତାହା କ୍ରମେ ଶାସନ ଓ ପ୍ରଶାସନର ଭାଷାରେ ପ୍ରତିଫଳିତ ହୁଏ ଏବଂ ପରବର୍ତ୍ତୀ ସମୟରେ ସାମାଜିକ ଚଳଣିରେ ମଧ୍ୟ ଲିଙ୍ଗ ବୈଷମ୍ୟ ହ୍ରାସ ପାଇ ଶାଳୀନ ଉଚ୍ଚାରଣ ବୃଦ୍ଧି ପାଏ। ଭାରତର ପ୍ରଧାନ ବିଚାରପତି ଏ ଯେଉଁ ଅଭିନବ ପଦକ୍ଷେପ ନେଇଛନ୍ତି ତାହା ନିଶ୍ଚୟ ଏକ ବୈପ୍ଳବିକ ପ୍ରୟାସ।


ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,<br>
ଦୂରଭାଷ : ୯୪୩୭୧୬୩୫୨୮


# ଦେହର ଯତ୍ନ


॥ ଇଂ.ସଚ୍ଚିଦାନନ୍ଦ ନନ୍ଦ ॥


ଡାକ୍ତରମାନେ ସ୍ୱୀକାର କରନ୍ତି ଯେ କୁଖାଦ୍ୟ ଖାଇବାର ଅଭ୍ୟାସ ଓ ଅସଙ୍ଗତ ଭାବରେ ଅବସର କାଟିବା ରୋଗର କାରଣ। ମାତ୍ର ସେମାନେ ବୋଧହୁଏ ଜାଣନ୍ତି ନାହିଁ ଯେ 'ଖାଦ୍ୟ' ବହୁ ପ୍ରକାରର ଖାଦ୍ୟ ସାମଗ୍ରୀକୁ ବୁଝାଏ। ଇନ୍ଦ୍ରିୟ ମାନଙ୍କ ମାଧ୍ୟମରେ ଯେଉଁସବୁ ଅନୁଭୂତି ସଂଗ୍ରହ କରାଯାଏ, ସେ ସବୁ ମଧ୍ୟ ଖାଦ୍ୟ, ଆଉ ସେ ସମସ୍ତ ଖାଦ୍ୟ ମଣିଷର ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପକାଇଥାଏ। ଆମେ ବେଳେ ବେଳେ 'ଚିନ୍ତାର ଖୋରାକ' ବୋଲି କହିଥାଉ। ଆମେ ଯାହା ଶୁଣୁ, ଯାହା ଦେଖୁ, ଯାହା ଶୁଙ୍ଘୁ ବା ଯାହା ସ୍ପର୍ଶ କରୁ ସେ ସବୁ ଶରୀର ଉପରେ ଭଲ ବା ମନ୍ଦ ପ୍ରଭାବ ପକାଇଥାନ୍ତି। କେତେ ଲୋକ ରକ୍ତ ଦେଖୁ ଦେଖୁ ମୂର୍ଚ୍ଛା ହୋଇଯାଆନ୍ତି। ଗୋଟିଏ ଦୁଃସମ୍ବାଦ ମଧ୍ୟ ଅନେକଙ୍କୁ ଖୁବ୍ ଆଘାତ ଦେଇଥାଏ। ଅରୁଚିକର ଗନ୍ଧ କିମ୍ବା କୌଣସି ଅବାଞ୍ଛିତ ପଦାର୍ଥକୁ ସ୍ପର୍ଶକଲା ମାତ୍ରେ ଶରୀରରେ ରୋମାଞ୍ଚ (ଆଲର୍ଜି) ଜାତ ହୋଇଥାଏ ଏବଂ ଶରୀର ତାହା ସହି ପାରେନା। ସୁସ୍ଥ ମନର ଫଳ ହେଉଛି ସୁସ୍ଥ ଶରୀର ଏବଂ ସୁସ୍ଥ ଶରୀରର ପ୍ରକାଶ ହେଉଛି ସୁସ୍ଥ ମନ। ଏ ଦୁଇଟି ଯାକ ପରସ୍ପର ଉପରେ ନିର୍ଭରଶୀଳ। ଆମେ ଯେଉଁ ଖାଦ୍ୟ ଖାଉ ତାହା ସୁସ୍ୱାଦୁ, ପ୍ରାଣଶକ୍ତି ଯୁକ୍ତ ଓ ରୁଚିକର ହେବା ଦରକାର। ଏହା ଖୁବ ରାଗ ବା ଖୁବ୍ ଲୁଣିଆ ହେବା ଉଚିତ ନୁହେଁ। ଏଥିରେ ଗୋଟିଏ ସମାନୁପାତ ରହିବା ଦରକାର। ଏହା ଉତ୍ତେଜନା କିମ୍ବା ଆଳସ୍ୟ ସୃଷ୍ଟି କରିବା ଉଚିତ ନୁହେଁ। ରାଜସିକ ଖାଦ୍ୟ ପ୍ରବୃତ୍ତିକୁ ଉତ୍ତେଜିତ କରାଏ। ତାମସିକ ଖାଦ୍ୟ ଆଳସ୍ୟ ଓ ନିଦ୍ରା ଜାତ କରାଏ। ସାତ୍ତ୍ୱିକ ଖାଦ୍ୟ ଦିଏ ତୃପ୍ତି। ଗୀତାରେ 'ଯୁକ୍ତାହାର ବିହାରସ୍ୟ' ବା ସଂଯତ ଆହାର ବିହାର କଥା କୁହାଯାଇଛି। ଖାଦ୍ୟର ସ୍ଥୁଳ ରୂପ ମଳ ଆକାରରେ ଦେହରୁ ବାହାରିଯାଏ, ସୂକ୍ଷ୍ମ ରୂପ ମାଂସପେଶୀ ଓ ରକ୍ତର ପରିଣତ ହୁଏ। ଖାଦ୍ୟର ସୂକ୍ଷ୍ମତମ ଅଂଶ ମାନସିକ କ୍ରିୟାକଳାପରେ ରୂପାନ୍ତରିତ ହୁଏ। ସେଥିପାଇଁ ମଣିଷ ମଧ୍ୟରେ ଆଧ୍ୟାତ୍ମିକ ଅଭୀପ୍ସା ସୃଷ୍ଟି କରିବା ତଥା ପ୍ରତିକୂଳ ପ୍ରବୃତ୍ତିମାନଙ୍କର ପ୍ରତିବିଧାନ କରିବା ନିମନ୍ତେ ମୁନିଋଷିମାନେ ଖାଦ୍ୟପେୟରେ କେତୋଟି ସଂଯମ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି।

ଦେହକୁ ଯତ୍ନ ଓ କୋମଳତାର ସହ ପାଳନ କରିବାକୁ ହେବ। ଏହା ଈଶ୍ୱରଙ୍କର ଗୋଟିଏ ଅତି ମୂଲ୍ୟବାନ ଉପହାର। ଉନ୍ନତ ଉଦ୍ଦେଶ୍ୟ ସାଧନ ନିମନ୍ତେ ଏହା ଗୋଟିଏ ଅତି ଜଟିଳ ଓ ସୁସଂଗଠିତ ଯନ୍ତ୍ର। ଏହାର ବାହ୍ୟ ରୂପକୁ ମଧ୍ୟ ସୁପରିଚ୍ଛନ୍ନ ଓ ପବିତ୍ର ରଖିବା ଦରକାର। ଆନନ୍ଦ ନାମକ ଫଳଟିର ଚୋପା ହେଲା ଏ ଦେହ। ଏ ଦେହର ମାଂସ, ପେଶୀ, ହାଡ଼ ଓ ନାଡ଼ୀଗୁଡ଼ିକ ଫଳଟିର ସୁମିଷ୍ଟ ଶସ। ମଣିଷ ଜୀବନରେ ମିଶି ରହିଥିବା ଦୁର୍ଗୁଣ, ଦୁର୍ମତି ସବୁ ଫଳର ଅଖାଦ୍ୟ ଟାଣ ମଞ୍ଜି। ଆଉ ଯେଉଁ ରସ ପାଇଁ ଗଛଟିକୁ ଲଗାଯାଇଛି ତାହା ହେଲା ଦିବ୍ୟାନନ୍ଦ। ଚରିତ୍ର ଉତ୍ତମ ହେଲେ ଶରୀର ମଧ୍ୟ ଶୋଭାଯୁକ୍ତ ହୁଏ। ଏହାର ଶୋଭା ଓ ରମଣୀୟତାକୁ ବଞ୍ଚାଇ ରଖେ ମାନବ ସେବା ଓ ଈଶ୍ୱର ଆରାଧନା। ଆଗକାଳରେ ପ୍ରକୃତି ଫଳ, ମୂଳ, ପତ୍ର, ବିଶ୍ରାମ, ବାସଗୃହ ପରିବର୍ତ୍ତନ, ଖାଦ୍ୟ ନିୟନ୍ତ୍ରଣ, ସାଧନା ଆଦି ମଧ୍ୟରେ ଯେଉଁ ସରଳ ସ୍ୱାଭାବିକ ପ୍ରତିକାର କରୁଥିଲା ସେଥିରେ ସବୁ ରୋଗ ଭଲ ହୋଇଯାଉଥିଲା। ମାତ୍ର ଆଜି ମଣିଷ ବଟିକା ଓ ଇଞ୍ଜେକସନ୍ ଯୁଗରେ ବାସ କରୁଛି। କେବେହେଲେ ଭାବ ନାହିଁ ଯେ ଡାକ୍ତରମାନେ ସ୍ୱାସ୍ଥ୍ୟ ନିୟନ୍ତ୍ରଣ ବା ରକ୍ଷଣ କରୁଛନ୍ତି କିମ୍ବା ଔଷଧ ଉତ୍ତମ ସ୍ୱାସ୍ଥ୍ୟର ପ୍ରତିଶ୍ରୁତି ପ୍ରଦାନ କରୁଛି। ତାହାହେଲେ ତ ମୃତ ଲୋକେ ବି ଜୀବନ ପାଇସାରନ୍ତେଣି। ପରୀକ୍ଷା କରି ଦେଖ, ଡାକ୍ତରମାନେ ଅନ୍ୟକୁ ଯେଉଁ ଉପଦେଶ ଦେଉଛନ୍ତି, ସେମାନେ ନିଜେ ତାହା ପାଳନ କରୁଛନ୍ତି କି ନାହିଁ। ଯେଉଁ ଅଭ୍ୟାସ ଛାଡ଼ିବା ପାଇଁ ସେମାନେ ଅନ୍ୟକୁ ଉପଦେଶ ଦିଅନ୍ତି, ସେମାନେ ନିଜେ ସେଇ ଦୁରଭ୍ୟାସର ଅଧୀନ। ସେମାନେ କହନ୍ତି ଧୂମପାନ ଓ ନିଶା ସେବନ ସ୍ୱାସ୍ଥ୍ୟ ପକ୍ଷରେ ଅହିତକର, ମାତ୍ର ସେମାନେ ଏ ଦୁଇଟିଯାକର ବଶବର୍ତ୍ତୀ ହୋଇ ନିଜେ ନିନ୍ଦା କରୁଥିବା ଦୁରଭ୍ୟାସଗୁଡ଼ିକୁ ଉତ୍ସାହିତ କରିଥାନ୍ତି ମାତ୍ର। ଆମ ମାନଙ୍କର ଆଜି ଏହି ପ୍ରକାରର ସ୍ୱାସ୍ଥ୍ୟ ପରାମର୍ଶଦାତା ଅଛନ୍ତି। ଆଧ୍ୟାତ୍ମିକ, ନୈତିକ, ଆର୍ଥିକ, ରାଜନୈତିକ, ସାହିତ୍ୟିକ, ପ୍ରତ୍ୟେକ କ୍ଷେତ୍ରରେ ପ୍ରକୃତ ନାୟକର ଅଭାବ ହିଁ ସଂସାରର ସମସ୍ତ ଦୁଃଖ, ଦୁର୍ଦ୍ଦଶା, ଉଦ୍‌ବେଗ, ଭୟ ଓ ଯନ୍ତ୍ରଣାର ମୂଳ କାରଣ। ତୁମେମାନେ ଦିବ୍ୟାତ୍ମାସ୍ୱରୂପ। ଅନ୍ୟମାନଙ୍କ ଠାରୁ ସମ୍ମାନ ଓ ସ୍ୱୀକୃତି ପାଇବା ଲାଗି ବ୍ୟାକୁଳ ହୁଅନାହିଁ ବରଂ ଈଶ୍ୱରଙ୍କ କୃପା ଲାଭ ପାଇଁ ଆକାଂକ୍ଷା କର। ଏହି ଲକ୍ଷ୍ୟ ପୂରଣ ଦିଗରେ ଯେତେ ବାଧାବିଘ୍ନ ଆସିଲେ ବି ହତୋତ୍ସାହ ହୁଅନା, ବାଟବଣା ହୁଅନା।


ଅଲିଶା ବଜାର, କଟକ<br>
ଦୂରଭାଷ : ୯୩୩୭୨୪୨୯୫୫



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଖରାଟିଆ ଧାନ ମଣ୍ଡି ଖୋଲିବା ଦାବି

କୃଷ୍ଣପ୍ରସାଦ, (ମହାଭାରତ) : ପୁରୀଜିଲ୍ଲା କୃଷ୍ଣପ୍ରସାଦ ବ୍ଲକ ରେ ଚଳିତ ବର୍ଷ ଚାଷୀ ମାନେ ଖରାଟିଆ ଧାନ (ରବି ଧାନ )ଚାଷ ଅନ୍ୟ ଚାଷୀ ଙ୍କ ପାଇଁ ଉଦାହରଣ ପାଲଟିଛନ୍ତି। କୃଷି ବିଭାଗର ଚାଷୀଙ୍କୁ ସଚେତନତା କରିବା ଦ୍ୱାରା ଚାଷୀ ମାନେ ଚାଷ କରି ଭଲ ଫସଲ ହୋଇଥିବା ପ୍ରକାଶ କରିଛନ୍ତି। ଧାନ ଫସଲ ଅମଳ ନେଇ ଚାଷୀଙ୍କ ମୁଣ୍ଡ ବିନ୍ଧା ଆରମ୍ଭ ହୋଇଛି। କୃଷ୍ଣପ୍ରସାଦ ବ୍ଲକର ରାମଲେଙ୍କା ପଞ୍ଚାୟତ ରେ ବହୁ ଚାଷୀ ପରୀକ୍ଷା ମୂଳକ ଭାବେ ଚାଷ କରି ଭଲ ଫସଲ ହୋଇ ଥିବା ଜଣା ପଡ଼ିଛି। ହେଲେ ଚାଷ କରି ଅମଳ କରିବା ସମୟ ଆସିଥିବା ବେଳେ ମଣ୍ଡିର କିଛି ବ୍ୟବସ୍ଥା ନାହିଁ। ଦିଗମ୍ବର ଜେନା, ହଳଧର ବିଶ୍ୱାଳ, ଜୟହରୀ ବିଶ୍ୱାଳ, ଭ୍ରମରବର ବିଶ୍ୱାଳ ପ୍ରଭୃତି ୩୦ ଜଣ ଚାଷୀ ୩୦ ଏକରରୁ ଉର୍ଦ୍ଧ୍ୱ ଜମିରେ ଚାଷ କରି ପ୍ରାୟ ୨ ହଜାର କ୍ୱିଣ୍ଟାଲ ଧାନ ଗଛିତ ରହିଛି। ଉକ୍ତ ଧାନ କୁ ଚାଷୀଙ୍କ ଠାରୁ ଖରିଦ କରିବା ପାଇଁ ସରକାରଙ୍କ ତରଫରୁ ଅନଲକ୍ଷଇନ ମାଧମରେ ମଣ୍ଡି ଖୋଲିବା ପାଇଁ ଚାଷୀ ମାନେ ଦାବି କରିଛନ୍ତି।ଜଳସେଚନ ଅଭାବରୁ ଚାଷୀ ମାନେ ଚାଷ କରି ବାରମ୍ବାର କ୍ଷତି ସହୁଥିବା ବେଳେ ଚାଷ କରିବା ପାଇଁ ମୁହଁ ବୁଲାଉଛନ୍ତି। ଚାଷୀ ମାନ ଙ୍କ ନିମନ୍ତେ ସରକାର ମଣ୍ଡି ଖୋଲି ସେମାନଙ୍କ ଠାରୁ ଫସଲ ସଂଗ୍ରହ କଲେ ଚାଷୀମାନେ ଚାଷ ପ୍ରତି ଗୁରୁତ୍ୱ ଦେବେ। ଆସନ୍ତା ବର୍ଷ କୁ ଖରାଟିଆ ଧାନ ଚାଷ ପ୍ରତି ଆଗ୍ରହ ପ୍ରକାଶ କରିବେ। ତେଣୁ ରାମଲେଙ୍କା ଗ୍ରାମ ପଞ୍ଚାୟତ ରେ ଏକ ଧାନ ମଣ୍ଡି ଖୋଲିବା ପାଇଁ ଦାବି ହେଉଛି। ଏନେଇ ଚାଷୀ ମାନେ କୃଷି ବିଭାଗ, ବିଧାୟକ ଙ୍କ ନିକଟରେ ଧାନ ମଣ୍ଡି ଖୋଲିବା ପାଇଁ ଅନୁରୋଧ କରିଥିବା ପ୍ରକାଶ କରିଥିବା କୃଷକ ନେତା ରମେଶ ଚନ୍ଦ୍ର ବିଶ୍ୱାଳ ପ୍ରକାଶ କରିଛନ୍ତି।

## ବସରୁ ଦେଶୀ ମଦ ଜବତ

କପ୍ତିପଦା, (ମହାଭାରତ) : କପ୍ତିପଦା ଅ ଦାମିକା ବ୍ୟାଗ ଆଉ ବ୍ୟାଗ ଉପରେ ଚିହ୍ନିବା ପାଇଁ ଦିଆଯାଇଛି କୋର୍ଡ। ଆଉ ସେହି ବ୍ୟାଗ ଭିତରେ ରଖାଯାଇଛି ଦେଶୀ ମଦ। ତାହା ପୁଣି ଥଣ୍ଡା ବୋତଲରେ। ଆଉ ସେହି ମଦ ଚାଲାଣ କରୁଛନ୍ତି ନାବାଳକ। ଉଦଳା ପୋଲିସ ବସଷ୍ଟାଣ୍ଡରେ ଚଢ଼ାଉ କରି ଭୁବନେଶ୍ୱର ଯାଉଥିବା ରାଜାବାବୁ ନାମକ ଘରୋଇ ବସରୁ ଦେଶୀ ମଦ ଜବତ କରିବା ପରେ ଖୋଲିଛି ମଦ ଚାଲାଣର ରହସ୍ୟ। ବସରେ ମଦ ନେଇ ଯାଉଥିବା ୩ ଜଣଙ୍କ ମଧ୍ୟରୁ ଜଣେ ନାବାଳକକୁ ପୋଲିସ ଗିରଫ କରିଥିବା ବେଳେ ଅନ୍ୟ ଦୁଇ ଜଣ ଫେରାର ହୋଇଯାଇଛନ୍ତି। ଉଦଳା ଥାନା ପାଟଣାଣିପୁର ଅଞ୍ଚଳରୁ ଦେଶୀ ମଦ ବ୍ୟବହୃତ ଥଣ୍ଡା ବୋତଲରେ ପୁରାଇ ତାହାକୁ ଚାଲାଣ କରାଯାଉଥିଲା। ଥଣ୍ଡା ବୋତଲ ଗୁଡ଼ିକୁ ବ୍ୟାଗରେ ଭର୍ତ୍ତି କରି ଜଣେ ଯାତ୍ରୀଙ୍କ ଭଳି ବସରେ ଚଢ଼ିଥିଲେ ଏହି ନାବାଳକ ଏବଂ ତାଙ୍କର ଦୁଇ ସାଥି। ପାଟଣାଣିପୁର ରୁ ଭୁବନେଶ୍ୱର ସାଲିଆସାହି ଏହି ମଦ ନେଇ ଯାଉଥିବା ବେଳେ ଖବର ପାଇ ପୋଲିସ ମାଡି ବସିଥିଲା। ବସରୁ ୩ ଗୋଟି ବ୍ୟାଗ ଜବତ ହୋଇଥିବା ବେଳେ ୩୪ ଗୋଟି ଦେଶୀ ମଦ ଭର୍ତ୍ତି ଥଣ୍ଡା ବୋତଲ ପୋଲିସ ଜବତ କରିଛି। ଜବତ ବ୍ୟାଗ ଗୁଡ଼ିକ ଚିହ୍ନଟ ପାଇଁ ତାହା ଉପରେ ଚିହ୍ନ ମଧ୍ୟ ଦିଆଯାଇଥିବା ଦେଖିବାକୁ ମିଳିଛି।

## ଧାନ କଟନୀଛଟଣିକୁ ନେଇ ବିବାଦ

କପ୍ତିପଦା, (ମହାଭାରତ) : ଟୋକନର ଅବଧି ପାର ହୋଇଯାଇଛି। ତା ପରେ ଚାଷୀ ଧାନ ବିକ୍ରି କରିବା ନିମନ୍ତେ ମଣ୍ଡିରେ ପହଂଚିଥିବା ବେଳେ ମିଲର ଧାନ କିଣାରେ ବ୍ୟାପକ କଟନୀ ଛଟଣି କରୁଥିବା ଅଭିଯୋଗ ହୋଇଛି। ଉଦଳା ବ୍ଲକ ଚୁଳିଆପୋଷି ଠାରେ ଥିବା ଖଳାଡି ଲ୍ୟାମ୍ପସରେ ଆଜି ଚାଷୀଙ୍କ ଧାନ ଉଠିଥିଲା। ତେବେ କିଛି ଚାଷୀ ଧାନ ଉଠାଉଥିବା ମିଲର ନିଜର ମନମାନି କରୁଥିବା ଅଭିଯୋଗ କରି ମଣ୍ଡିରେ ହୋ ହାଲ୍ଲା କରିଛନ୍ତି। ଚାଷୀଙ୍କ ଧାନ ର ଏଫଏକ୍ୟୁ ମାନ ଯାଞ୍ଚ ନ ଯାଇ ଧାନ ଉଠା ଯାଉଥିବା ବେଳେ କୁଇଣ୍ଟାଲ ପିଛା ୧୬ ରୁ ୧୭ କିଲୋ ଧାନ କଟା ଯାଉଥିବା ଅଭିଯୋଗ କରିଛନ୍ତି ଚାଷୀ। ବିନା ମାନ ଯାଞ୍ଚରେ ମିଲର ଚାଷୀଙ୍କୁ ଶୋଷଣ କରି ବ୍ୟାପକ ପରିମାଣର କଟନୀ ଛଟଣି କରୁଥିବା ଅଭିଯୋଗ କରି ମଣ୍ଡିରେ ପାଟିତୁଣ୍ଡ କରିଛନ୍ତି ଚାଷୀ। ସେପଟେ କଟନୀ ଛଟଣି ନେଇ ଆସିଥିବା ଅଭିଯୋଗ ମିଛ ବୋଲି କହିଛନ୍ତି ଲ୍ୟାମ୍ପସ ର ଏମଡି।

## ପୁରୀ ଜିଲ୍ଲା ସ୍କୁଲ ସମ୍ବର୍ଦ୍ଧନା ସମାରୋହକୁ ଇଫକୋର ଆର୍ଥିକ ସହାୟତା




ପାରାଦୀପ, (ମହାଭାରତ) : ପାରାଦୀପଠାରେ ଥିବା ବିଶ୍ୱର ସର୍ବବୃହ□ ସମବାୟ ଭି□କ ସାର କାରଖାନା ଇଫକୋ ପକ୍ଷରୁ ପୁରୀ ଜିଲ୍ଲା ସ୍କୁଲ ୧୯୯୬ ମସିହା ଉ□ୀର୍ଣ୍ଣ ବିଦ୍ୟାର୍ଥୀଙ୍କ ସମ୍ବର୍ଦ୍ଧନା ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମକୁ ସହଯୋଗର ହାତ ବଢାଇ ପ୍ରଶଂସିତ ହୋଇଛି। ପୁରୀ ସି.ଟି.ରୋଡସ୍ଥିତ ଏକ ହୋଟେଲ୍‌ରେ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଶତାଧିକ ଛଅତରଛାତ୍ରୀ ଯୋଗ ଦେଇ ଅବସରପ୍ରାପ୍ତ ପୁରାତନ ଶିକ୍ଷକ ଭାବଗ୍ରାହୀ ରାଉତରାୟ, ସୁଧାକର ମହାପାତ୍ର, ରମାକାନ୍ତ ପଣ୍ଡା, ରମାକାନ୍ତ କର, ଦିବାକର ମିଶ୍ର, ହରିହର ପାତ୍ର, ରାଜଲକ୍ଷ୍ମୀ ମିଶ୍ର, ସୁମିତ୍ରା ରଥ, ଗଙ୍ଗାଧର ଦାଶ, ଜ୍ୟୋସ୍ନାରାଣୀ ପଟ୍ଟନାୟକ, ସନ୍ଧ୍ୟାରାଣି ନାୟକ, ରମେଶ ଚନ୍ଦ୍ର ମହାପାତ୍ର, ପିତାମ୍ବର ମହାନ୍ତି, ଉମାଦେବୀ, ଶାନ୍ତିଲତା ମହାନ୍ତି, ବାସନ୍ତୀ ରଥ, ଗୋଲକବିହାରୀ ରାଉତରାୟ, ବ□ମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ବାନାର୍ଜୀ ପ୍ରମୁଖ ଉପସ୍ଥିତ ଥିଲେ। ଦିବଂଗତ ଶିକ୍ଷକ ଏବଂ ଛାତ୍ରଛାତ୍ରୀମାନଙ୍କୁ ଶ୍ରଦ୍ଧାସମୁନ ଅର୍ପଣ କରାଯାଇଥିଲା । ଇଫକୋ ସହଭାଗିତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଇଫକୋର ଲୋକସମ୍ପର୍କ ଅଧିକାରୀ ଡ. ପ୍ରସନ୍ନ କୁମାର ବେଉରା ଯୋଗ ଦେଇ ଆୟୋଜକଙ୍କର ଏତାଦୃଶ କାର୍ଯ୍ୟକୁ ଉଚ୍ଚପ୍ରଶଂସା କରିଥିଲେ । କାର୍ଯ୍ୟକ୍ରମକୁ ଦେବେନ୍ଦ୍ର ମିଶ୍ର, ନୀଳକଣ୍ଠ ଗୁରୁ, ନାରାୟଣ ପଶୁପାଳକ, ଶ୍ରୀମନ୍ତ ସାହୁ, ପ୍ରଶାନ୍ତ ମହାରଣା, ଯୋଗେନ୍ଦ୍ର ଚନ୍ଦ୍ର ସ୍ୱାଇଁ ପରିଚାଳନା କରିଥିଲେ। ଲୋପାମୁଦ୍ରା ମହାନ୍ତି ଓ ମାନଓ ସାହୁ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ।

## ନୂତନ ଇଲେକ୍ଟ୍ରିକ ଗ୍ରିଡ୍ର ପରିଦର୍ଶନ କଲେ ବିଧାୟକ

ପରଜଙ୍ଗ, (ମହାଭାରତ) : ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ନିର୍ବାଚନ ମଣ୍ଡଳୀର ଲୋକପ୍ରିୟ ବିଧାୟକ ବିଭୂତି ଭୂଷଣ ପ୍ରଧାନ ପରଜଙ୍ଗ ବ୍ଲକର ପରଜଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜହ୍ନାପଡା ଗ୍ରାମ ନିକଟରେ ହେଉଥିବା ନୂତନ ଇଲେକ୍ଟ୍ରିକ ଗ୍ରିଡ୍ ର ପରିଦର୍ଶନ କରିଥିଲେ । ତେବେ ଗ୍ରିଡ୍‌କୁ ଜୁନ୍ ମାସ ସୁଦ୍ଧା ଶେଷ କରିବା ପାଇଁ କହିବା ସହ ସମ୍ପୂର୍ଣ୍ଣ ଭାବରେ ସମସ୍ତ ପ୍ରକାର ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରୀଡ଼ର କର୍ମକର୍ତଙ୍କୁ କହିଥିଲେ । ଏହି ଗ୍ରିଡ୍ ହେବା ଦ୍ୱାରା ପରଜଙ୍ଗ ବ୍ଲକ ଓ କଙ୍କଡ଼ାହାଡ଼ ବ୍ଲକ୍ ର ଜନ ସାଧାରଣ ଉପକୃତ ହେବେ । ତେବେ ଗ୍ରୀଡ଼ର କାମ ତ୍ୱରିତ ଗତିରେ ହେଉଥିବାରୁ ବିଧାୟକ ମଧ୍ୟ ଖୁସି ପ୍ରକଟ କରିଥିଲେ ଏବଂ ଏଠାରେ ସେସୁର କମାନୀର ସମସ୍ତ ଉପରସ୍ତ ଅଫିସର ମାନେ ଉପସ୍ଥିତ ଥିଲେ ।

# ବଳଭଦ୍ରପୁର-ଢିପାମାଳ ରାସ୍ତା ପାଇଁ ତେଜିବ ଆନ୍ଦୋଳନ

## ୨୪ରେ ୧୭ଖଣ୍ଡ ମୌଜାବାସୀଙ୍କ ପ୍ରଜାମେଳି

ନୟାଗଡ଼, (ମହାଭାରତ) : ବର୍ଷ ବର୍ଷ ଧରି ନୂଆଗାଁ ବ୍ଲକ୍ ବଳଭଦ୍ରପୁର ଠାରୁ ଢିପାମାଳ ରାସ୍ତା ନିର୍ମାଣକୁ ନେଇ ବିବାଦ ସମାଧାନ ହୋଇପାରୁନି। ସଦର ଥାନା ଅନ୍ତର୍ଗତ ମାଳିସାହି, ଢେଙ୍କେଣା, ଖଣ୍ଡୁଗାଁ, ଚାହାଳୀ ପଞ୍ଚାୟତର ୧୭ ଖଣ୍ଡ ମୌଜା ବାସୀ ଓ ଗୁଡୁପାଙ୍ଗୀ ମଧ୍ୟରେ ବିବାଦ ପୁଣି ଘନେଇଛି। ଆସନ୍ତା ୨୪ ତାରିଖରେ ୧୭ ଖଣ୍ଡ ମୌଜା ବାସୀଙ୍କ ପକ୍ଷରୁ ଗାଇଚରା ପଡ଼ିଆ ଠାରେ ପୁଣିଥରେ ପ୍ରଜାମେଳି କରିବାକୁ ପ୍ରସ୍ତୁତି ହେଉଛି। ଏନେଇ ୧୭ ଖଣ୍ଡ ମୌଜା ପକ୍ଷରୁ ଜିଲ୍ଲା ପ୍ରଶାସନକୁ ଅବଗତ କରାଯାଇଛି। ୧୭ ଖଣ୍ଡ ମୌଜା ବାସୀ ବଳଭଦ୍ରପୁର ଢିପାମାଳ ରାସ୍ତାକୁ ସଦାବନ୍ଧ ଛକ ଦେଇ ନିର୍ମାଣ କରିବାକୁ ଦାବି କରୁଥିବା ବେଳେ ଗୁଡୁପାଙ୍ଗୀ ବାସୀ ଏହାକୁ ବିରୋଧ କରୁଛି। ରାସ୍ତା ତାଙ୍କ ଗ୍ରାମ ଦେଇ ନିର୍ମାଣ କରିବା ସେମାନେ ଜିଦରେ ଅଟଳ ରହିଛନ୍ତି। ଏଣୁ ଏହାର ସମାଧାନ ହୋଇପାରୁ ନଥିବା ଅନୁମୋଦିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ସେମିତି ଅଧାପନ୍ତରିଆ ହୋଇ ପଡ଼ି ରହିଛି। ଫଳରେ ବଳଭଦ୍ରପୁର ଢିପାମାଳ ରାସ୍ତା କ୍ରିୟାନୁଷ୍ଠାନ କମିଟି ପୁଣି ଥରେ ବଡ଼ ଧରଣର ଆନ୍ଦୋଳନ କରିବା ପାଇଁ ନିଷ୍ପତ୍ତି ନେଇଛି। କମିଟିର ଅଭିଯୋଗ ମୁତାବକ, ଗତ ମାର୍ଚ୍ଚ ୬ ତାରିଖରେ ଏହି ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯାଇଥିଲା। ବୈଠକରେ ଗୁଡୁପାଙ୍ଗୀ ବାସୀ କୌଣସି କଥାରେ ସହମତି ପ୍ରକାଶ କରିବାକୁ ସିଧାସଳଖ ମନା କରି ଦେଇଥିଲେ। ଏହାକୁ ନେଇ ୧୭ ଖଣ୍ଡ ମୌଜା ବାସୀ ଏବେ କ୍ଷୁବ୍ଧ ହୋଇଛନ୍ତି। ଆଜି ଅର୍ଥାତ୍ ୨୩ ତାରିଖ ସୁଦ୍ଧା ପ୍ରଶାସନ କୌଣସି ପଦକ୍ଷେପ ନନେଲେ ୨୪ ତାରିଖ ଏକ ବଡ଼ ଧରଣର ଜନଆନ୍ଦୋଳନ ମୁଣ୍ଡ ଟେକିବ ବୋଲି କୁହାଯାଇଛି। ଗାଇଚରା ପଡ଼ିଆ ଠାରେ ବିଶାଳ ଜନ ଆନ୍ଦୋଳନ କରାଯିବା ସହ ଗୁଡୁପାଙ୍ଗୀ ଗ୍ରାମବାସୀ ବ୍ୟବହାର କରୁଥିବା ରାସ୍ତାକୁ ସବୁଦିନ ପାଇଁ ବନ୍ଦ କରି ଦିଆଯିବ ବୋଲି କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ଯାହାକି ପ୍ରଶାସନକୁ ଏବେ ଅଡୁଆରେ ପକାଇଛି। ୧୦ ବର୍ଷ ଧରି ଏହି ରାସ୍ତା ବିବାଦ ଲାଗି ରହିଛି। ଠିକା ସଂସ୍ଥାର ଗାଡ଼ି ପୋଡ଼ି ଦିଆଯିବା ସହ ପୁଲିସ କର୍ମଚାରୀଙ୍କୁ ଗୁଡୁପାଙ୍ଗୀ ବାସିନ୍ଦା ଆକ୍ରମଣ କରିଥିବା ନେଇ ଅଭିଯୋଗ ହୋଇଥିଲା। କେବଳ ସେତିକି ନୁହେଁ ସ୍ଥାନୀୟ ଅଞ୍ଚଳର ଶତାଧିକ ଗ୍ରାମବାସୀ ଏକାଠି ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଦାବିପତ୍ର ପ୍ରଦାନ କରିଛନ୍ତି। ଏହାପରେ ଗୁଡୁପାଙ୍ଗି ମୌଜା ବ୍ୟବହାର କରୁଥିବା ସମସ୍ତ ରାସ୍ତା ଓ ମୁଖ୍ୟ ରାଜରାସ୍ତା ଶିମିଳିସାହି ପାଣି ଟାଙ୍କି ଛକ ଜାତୀୟ ରାଜପଥ- ୫୭କୁ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଅବରୋଧ କରାଯାଇଥିଲା। ଏହି ଆନ୍ଦୋଳନକୁ ପ୍ରତ୍ୟାହୃତ କରିବା ପାଇଁ ପ୍ରଶାସନ ସେତେବେଳେ ଯେଉଁ ପ୍ରତିଶ୍ରୁତି ଦେଇଥିଲା, ଏହାକୁ ପୂରଣ କରିବା ଦିଗରେ ତୁରନ୍ତ ପଦକ୍ଷେପ ନେଉ ବୋଲି କମିଟି ପକ୍ଷରୁ କୁହାଯାଇଛି।

## ରଜକ ସେବା ସଙ୍ଘର ବାର୍ଷିକ ସମ୍ମିଳନୀ



ଜୁନାଗଡ, (ମହାଭାରତ) : କଳାହାଣ୍ଡି ଜିଲ୍ଲା ଆର ଏମ ସି ପରିସର ମଧ୍ୟରେ ପଶ୍ଚିମ ଓଡିଶା ରଜକ ସେବା ସଙ୍ଘ ର ବାର୍ଷିକ ସମ୍ମିଳନୀ ୨୧ଓ ୨୨ତାରିଖ ଦୁଇ ଦିନ ଧରି ସମାରୋହରେ ଅନୁଷ୍ଠିତ ହୋଇଥିଲା। ଏଥିନେଇ ହଜାର ହଜାର ରଜକ ମହିଳା ଓ ପୁରୁଷ ଙ୍କ ଭବ୍ୟ ସମାବେଶ ହୋଇଥିଲା । ଏହି ଅବସରର ଉଦ୍ଘାଟନୀ ଉତ୍ସବ ଦିବସରେ ରଜକ ଶତାଧିକ ମହିଳା ଓ ପୁରୁଷ କର୍ମକର୍ତ୍ତା ଉପସ୍ଥିତ ହୋଇ ସ୍ଥାନୀୟ ସମୀଆ ବନ୍ଧ ପଡା ନିତେଇ ଧୋବଣୀ ମନ୍ଦିର ଠାରୁ ଏକ ବିଶାଳ ଶୋଭାଯାତ୍ରା ସହର ପରିକ୍ରମା କରି ଆର ଏମ ସି ପରିସର ସଭା ସ୍ଥଳ ରେ ପହଂଚିଥିଲେ । ଉଦଘାଟନି ସମାରୋହରେ ରଜକ ସେବା ସଙ୍ଘ କଳାହାଣ୍ଡି ଜିଲ୍ଲା ସଭାପତି ବସନ୍ତ ସେଠି ସଭାପତିତ୍ୱ କରିବା ସହ ସ୍ୱାଗତ ଭାଷଣ ଓ ବିବରଣୀ ପାଠ କରିଥିଲେ । ଏହି କାର୍ଯ୍ୟକ୍ରମ ରେ କେନ୍ଦ୍ରୀୟ କମିଟି ଉପସଭାପତି ଉମେଶ ଚନ୍ଦ୍ର ସେଠି ଯୋଗ ଦେବା ସହ କଳାହାଣ୍ଡି ଜିଲ୍ଲା ରୁ ଆସିଥିବା ବିଭିନ୍ନ ବ୍ଲକ ସଭାପତି ପ୍ରମୁଖ ଉପସ୍ଥିତ ରହିଥିଲେ । ରଜକ ସମାଜ ର ସାମାଜିକ ଓ ଅର୍ଥନୈତିକ କ୍ଷେତ୍ର ରେ ସୁଦୃଢ କରିବା ସହ ଏହି ସମାଜ କୁ ରାଜ୍ୟ ଓ ଦେଶରେ ବିକାଶ ର ଧାରା ସହିତ ସମସ୍ତ ରଜକ ଭାଇ ଭଉଣୀ ଉଦ୍ୟମ କରିବା ସହ ସହଭାଗିତା ନିତାନ୍ତ ଆବଶ୍ୟକ ବୋଲି ଉପସ୍ଥିତ କର୍ମକର୍ତ୍ତା ଉଦବୋଧନ ଦେଇଥିଲେ । ଏହି ଅବସରରେ ମହିଳା ମାନଙ୍କ ଦ୍ୱାରା ହୁଳହୁଳି, ହାଣ୍ଡିଫଟା, ଝୁଟି, ଚୌକିବସା ପ୍ରଭୃତି ପ୍ରତିଯୋଗିତା ଅନୁଷ୍ଠିତ ହୋଇ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା । କୁନି କୁନି ବାଳକ ବାଳିକା ମାନଙ୍କୁ ନେଇ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଭିନ୍ନ କ୍ଷେତ୍ର ରେ ଉଲ୍ଲେଖନିୟ ଅବଦାନ ପାଇଁ ଭାରତୀୟ ପ୍ରଶାସନିକ ସେବା ପୂର୍ବତନ ଅଧିକାରି ତଥା ପୂର୍ବତନ ପଶ୍ଚିମ ଓଡିଶା ବିକାଶ ପରିଷଦ ସି ଇ ଓ ପ୍ରେମକ୍ଷନିଧି ସେଠି, ଓ ଏମ ସି ଡି ଜି ଏମ ପି ଆର ଓ ସଂଜୀବ କୁମାର ସେଠି, ଡ଼. ଆଦର୍ଶ ସେଠି, ଡ଼. ଆରତୀ ସେଠି, ଡ଼. ଜନ୍ମେଜୟ ସେଠ, ପ୍ରଶାସନିକ ଅଧିକାରୀ ରଜନୀକାନ୍ତ ସେଠ, କ୍ରିଷ୍ଣକ୍ଷମୟୀ ସେଠ, ଡି ଏସ ପି ବୈକୁଣ୍ଠ ନାଥ ସେଠ ପ୍ରମୁଖଙ୍କୁ ଔପଢକନ ଦେଇ ସମ୍ମାନିତ କରାଯାଇଥିଲା । ଏଥି ସହିତ କେନ୍ଦ୍ରୀୟ କମିଟି ସଭାପତି ରାଜେଶ ସେଠ, ସମ୍ପାଦକ ଜୟସଙ୍କର ସେଠ, ସମ୍ବଲପୁର ସଭାପତି ରମେଶ ଚନ୍ଦ୍ର ସେଠ, ଝାରସୁଗୁଡା ସଭାପତି ଚନ୍ଦ୍ରମଣି ସେଠ,ଆଞ୍ଚଳିକ ରଜକ ସମାଜ ସେବା ସଙ୍ଘ ର ବେଷ୍ଟ ପ୍ରେସିଡେଣ୍ଟ ଭାବରେ ଭୁବନାନନ୍ଦ ସେଠି, ଭକ୍ତବନ୍ଧୁ ସେଠି ପ୍ରମୁଖଙ୍କୁ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲା ସଭାପତି କଳାକାଁହୁ ସେଠ, ସୁନ୍ଦରଗଡ଼ ଜିଲ୍ଲା ସଭାପତି ପ୍ରତାପ କୁମାର ବେଜି ଓ ଉପଦେଷ୍ଟା କେଦାରନାଥ ସେଠି, ବିଶ୍ୱମ୍ବର ସେଠି ଓ ବିଭିନ୍ନ ଜିଲ୍ଲା ଓ ବ୍ଲକ ପ୍ରତିନିଧି ଯୋଗଦାନ କରିଥିଲେ । ଶେଷରେ ବରିଷ୍ଠ କର୍ମକର୍ତ୍ତା ସୁକାନ୍ତ ସେଠୀ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଦୁର୍ଘଟଣାରେ ବାଇକ୍ ଚାଳକ ମୃତ

ରାଇଘର, (ମହାଭାରତ) : ରାଇଘର ବ୍ଲକ କୁନ୍ଦେଇ ମୁଖ୍ୟ ରାସ୍ତାର ନୂଆଗାଁ କଲୋନି ଛକ ନିକଟରେ ସଡ଼କ ଦୁର୍ଘଟଣା ଘଟି ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକଙ୍କ ପରିଚୟ ଜଣାପଡ଼ି ନଥିବା ବେଳେ ପୁଲିସ ଛାନଭିନ୍ କରୁଛି। ଆଜି ଅପରାହ୍ନ ୫ଟାରେ ନୂଆଗାଁ ଛକ ନିକଟରେ ଏକ ବାଇକ୍ (ଓଡି-୨: -୨୪ଜି-୦୫୮୨) ସହ ଜଣେ ଯୁବକ ମୃତ ଅବସ୍ଥାରେ ପଡ଼ି ରହିଥିବା କିଛି ଲୋକ ଦେଖିଥିଲେ। ଖବର ପାଇ ରାଇଘର ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଏବଂ ଦୁର୍ଘଟଣାଗ୍ରସ୍ତ ବାଇକକୁ ଜବତ କରି ତା ତଦନ୍ତ ଆରମ୍ଭ କରିଛି। କିଭଳି ଦୁର୍ଘଟଣା ଘଟିଛି ସେ ସଂପର୍କରେ ଆଖପାଖ ଅଞ୍ଚଳର ଲୋକଙ୍କୁ ପଚରାଉଚରା କରୁଛି ପୁଲିସ ପରିଚୟ ମିଳିବା ପରେ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୁଲିସ କହିଛି।

## କଳାପାଟ ଯାତ୍ରା ଆସିଲେ ମନେପଡେ ରାସ୍ତା ଦୁର୍ଦ୍ଦଶା

ଗଣିଆ, (ମହାଭାରତ): ପ୍ରସିଦ୍ଧ କଳାପାଟ ଯାତ୍ରା ସମୟ ପାଖେଇ ଆସିଲେ ଚର୍ଚ୍ଚାକୁ ଆସିଥାଏ ଗଣିଆରୁ କଳାପାଟ ପର୍ଯ୍ୟନ୍ତ ବିପର୍ଯ୍ୟସ୍ତ ରାସ୍ତା। ଯାତ୍ରା ପାଇଁ ଶ୍ରଦ୍ଧାଳୁଙ୍କ ମନରେ ଉତ୍ସାହ ଥିଲେ ମଧ୍ୟ ରାସ୍ତାର ଅବସ୍ଥା ଦେଖିଲେ ଲୋକଙ୍କ ମନରେ କୋକୁଆ ଭୟ ସୃଷ୍ଟି ହେଉଛି। ଖାଲଖମାରେ ପରିପୂର୍ଣ୍ଣ ରାସ୍ତା। ସୂଚନା ଅନୁସାରେ, ଗଣିଆ ଠାରୁ କଳାପାଟ ପର୍ଯ୍ୟନ୍ତ ଯାଇଥିବା ଏହି ମୁଖ୍ୟ ରାସ୍ତାଟି ଏବେ ମରଣଯନ୍ତା ପାଲଟିଛି। ରାସ୍ତା ସାରା ବଡ଼ ବଡ଼ ଖାଲଖମା ସୃଷ୍ଟି ହୋଇଥିବାରୁ ଗାଡ଼ି ଚଳାଚଳ ତ ଦୂରର କଥା, ପାଦରେ ଚାଲିବା ମଧ୍ୟ କଷ୍ଟକର ହୋଇପଡୁଛି। ବିଶେଷ କରି ରାତି ସମୟରେ ଏହି ରାସ୍ତାରେ ଯାତାୟାତ କରିବା ବିପଦଜନକ ହୋଇପଡିଛି। ପ୍ରଭାବିତ ହେଉଛନ୍ତି ୩ ପଞ୍ଚାୟତ ଓ ବାଇସପଲ୍ଲୀ ଗ୍ରାମବାସୀ । ଏହି ରାସ୍ତାଟି କେବଳ ଯାତ୍ରା ପାଇଁ ନୁହେଁ, ବରଂ ସ୍ଥାନୀୟ ତିନିଗୋଟି ପଞ୍ଚାୟତ ସମେତ ବାଇସପଲ୍ଲୀ ଅଞ୍ଚଳର ହଜାର ହଜାର ଲୋକଙ୍କ ପାଇଁ ଏକମାତ୍ର ସାହାରା। ଦୈନନ୍ଦିନ କାର୍ଯ୍ୟ, ବଜାର, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପାଇଁ ଲୋକେ ଏହି ବାଟ ଦେଇ ଯାଆଆସ କରିଥାନ୍ତି। ମାତ୍ର ଦୀର୍ଘ ଦିନ ହେବ ରାସ୍ତାର ମରାମତି ହେଉ ନଥିବାରୁ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରଶାସନର କେବଳ ପ୍ରତିଶ୍ରୁତି ସ୍ଥାନୀୟ ବାସିନ୍ଦାଙ୍କ ଅଭିଯୋଗ ଅନୁଯାୟୀ, ବାରମ୍ବାର ଦାବି ସତ୍ତ୍ୱେ ପ୍ରଶାସନ ତରଫରୁ କେବଳ ମିଥ୍ୟା ପ୍ରତିଶ୍ରୁତି ହିଁ ମିଳି ଚାଲିଛି। ଯାତ୍ରା ଆସିଲେ ରାସ୍ତା ସଜଡ଼ା ଯିବ ବୋଲି କୁହାଯାଉଥିଲେ ମଧ୍ୟ ବାସ୍ତବ କ୍ଷେତ୍ରରେ କୌଣସି ପଦକ୍ଷେପ ନିଆଯାଉ ନାହିଁ।

## ପାରାଦୀପ ଗ୍ରୀନ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପଖାଳ ଦିବସ ଆନନ୍ଦ ଉଲ୍ଲାସ ସହ ପାଳିତ



ପାରାଦୀପ, (ମହାଭାରତ) : ମାର୍ଚ୍ଚ ୨୦ ତାରିଖ ବିଶ୍ୱ ପଖାଳ ଦିବସ ଅବସରରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ମାନଙ୍କ ଦ୍ୱାରା ଗଠିତ ପରିବେଶଧର୍ମୀ ଅଗ୍ରଣୀ ସଂଗଠନ ଗ୍ରୀନ ପାରାଦୀପ ଟ୍ରଷ୍ଟ ପକ୍ଷରୁ ବିଶ୍ୱ ପଖାଳ ଦିବସ ଶୁକ୍ରବାର ଦିନ ପାରାଦୀପ ଗୋଲଡେନ ଆଙ୍କର ହୋଟେଲରେ ଆନନ୍ଦ ଉଲ୍ଲାସ ସହିତ ପାଳିତ ହୋଇଯାଇଛି। ଟ୍ରଷ୍ଟର ସଭାପତି ରାକେଶ କୁମାର ପଟ୍ଟନାୟକଙ୍କ ପୌରହିତରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ଉପଦେଷ୍ଟା ଶୁକଦେବ ଜେନା, ଶଶାଙ୍କ ଶେଖର ଆଚାର୍ଯ୍ୟ, ରବିନ୍ଦ୍ର କୁମାର ଜେନା, ଭାଗିରଥି ମଲ୍ଲିକ, ପ୍ରଭାକର ସାହୁ, କ୍ଷୀରୋଦ କୁମାର ସ୍ୱାଇଁ, ସଦସ୍ୟ ପ୍ରୀତି ରଞ୍ଜନ ମହାପାତ୍ର, ବିବେକାନନ୍ଦ ରାଉତ, ସଞ୍ଜୟ ରାଉତ, ଅଜିତ ଦାସ, ମନୋଜ ସାହୁ ପ୍ରମୁଖ ଯୋଗ ଦେଇ ପଖାଳର ମହତ୍ତ୍ୱ, ବିଶେଷକରି ଉତ୍ତମ ସ୍ୱାସ୍ଥ୍ୟ ପାଇଁ ପଖାଳର ଆବଶ୍ୟକତା ଏବଂ ପଖାଳ ଖାଇବାର ବୈଜ୍ଞାନିକ ତଥ୍ୟ ଉପସ୍ଥାପନ କରିଥିଲେ ଏବଂ ନିୟମିତ ପଖାଳ ଖାଇବା ଅଭ୍ୟାସ କରିବା ପାଇଁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଟ୍ରଷ୍ଟର ସଦସ୍ୟ ମାନେ ଏକାଠି ଭାବେ ପଖାଳ ସହିତ ବିଭିନ୍ନ ଆମିଷ ଓ ନିରାମିଷ ବ୍ୟଞ୍ଜନ ଭୋଜନ କରିଥିଲେ।

# ପୁରୁଣା ନୁହେଁ ନୟାଗଡ଼ ରେ ସ୍ଥାପନ ହେବ ନୂତନ ଚିନିକଳ : ଆରମ୍ଭ ହୋଇଛି ଜାଗା ଚିହ୍ନଟ ପ୍ରକ୍ରିୟା



ନୟାଗଡ଼, (ମହାଭାରତ) : ପୁରୁଣା ନୁହେଁ ନୟାଗଡ଼ ରେ ସ୍ଥାପନ ହେବ ନୂଆ ଚିନି କାରଖାନା। ପୁଣି ନୟାଗଡ଼ ଜିଲ୍ଲା ଆଖୁ ଚାଷୀଙ୍କ ମୁହଁରେ ଫୁଟିବ ହସ। ପୂର୍ବ ଭଳି ନୟାଗଡ଼ ଜିଲ୍ଲାରେ ପୁଣି ଗଢି ଉଠିବା ଆଖୁ ଚାଷ। ଏଥିପାଇଁ ଇଣ୍ଡିଆନ୍ ପୋଟାସ୍ ଲିମିଟେଡ଼ ର ଏକ ବିଶେଷଜ୍ଞ ଦଳ ନୟାଗଡ଼ରେ ପହଞ୍ଚି ଚିନି କାରଖାନା ସ୍ଥାପନ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଇଣ୍ଡିଆନ୍ ପୋଟାସ୍ ଲିମିଟେଡ଼ ଗ୍ରୁପ୍ ର ଟେକ୍ନିକାଲ ସେକ୍ସନ ମୁଖ୍ୟ ମନୀଷ ତ୍ୟାଗୀ ଙ୍କ ନେତୃତ୍ୱରେ ଡେପୁଟି ଜେନେରାଲ ମ୍ୟାନେଜର ସଂଜୀବ ସିଂନ୍‌ହା, ଏବଂ ଢେଙ୍କାନାଳ ଚିନିକଳର ମ୍ୟାନେଜର ବିକାଶ କୁମାର ଚୌଧୁରୀ ଶନିବାର ଦିନ ନୟାଗଡ଼ ରେ ପହଞ୍ଚି ନୂତନ ଚିନିକଳ ସ୍ଥାପନ ପାଇଁ ନୟାଗଡ଼ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିବା ସହ ଜାଗା ଚିହ୍ନଟ ପାଇଁ ନୟାଗଡ଼ ର ବିଭିନ୍ନ ଜାଗା ବୁଲି ଦେଖୁଛନ୍ତି। ଏହି ଟିମ କ୍ଷେତ୍ର ପରିଦର୍ଶନ ବେଳେ ସାଥୀରେ ଥିଲେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ, ଉପ ଜିଲ୍ଲାପାଳ ଏବଂ ଅତିରିକ୍ତ ଜିଲ୍ଲାପାଳ ଙ୍କ ତହସିଲଦାର, ସେବା ସମବାୟ ସମିତିର ଅଧିକାରୀଙ୍କ ସମେତ କୃଷି ବିଭାଗ ସମସ୍ତ ଅଧିକାରୀ ଏବଂ କର୍ମଚାରୀ ମିଳିତ ଭାବେ ଚିନିକଳ ସ୍ଥାପନ ପାଇଁ ବିଭିନ୍ନ ସ୍ଥାନ ପରିଦର୍ଶନ କରିଛନ୍ତି। ଏହି ସମୟରେ ବିଶେଷଜ୍ଞ ଦଳ ଉପଯୁକ୍ତ ସ୍ଥାନରେ ଚିନିକଳ ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ସହ ଆଲୋଚନା କରିଛନ୍ତି। ନୟାଗଡ଼ ବ୍ଲକ୍ ବାଲୁଗାଁର ପାଣିପୋଇଲା ନିକଟରେ ପୁରୁଣା ଚିନିକଳ ପାଖକୁ ଲାଗିକି ଥିବା ୭୦ ଏକର ସ୍ଥାନ ଦେଖିବା ସହ ପାଣି ପାଇଁ ନିକଟରେ ଥିବା ବନ୍ଧକୁ ଯାଇ ପରିଦର୍ଶନ କରିଛନ୍ତି ଏହି ଅନୁଧ୍ୟାନ ଟିମ୍। ସେହି ଭଳି ଏହି ଟିମ ନୟାଗଡ଼ ବ୍ଲକର ଗମେଇଁ ନିକଟରେ ଥିବା ସ୍ଥାନଙ୍କୁ ମଧ୍ୟ ବୁଲି ଦେଖିଛନ୍ତି। ପାଖାପାଖି ଦୁଇ ରୁ ତିନୋଟି ସ୍ଥାନ ଏହି ଟିମ ବୁଲି ଦେଖିଥିବା ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ଏହି ଟିମ ରିପୋର୍ଟ ସରକାରଙ୍କ ପାଖରେ ପହଞ୍ଚିବା ପରେ ଖୁବଶୀଘ୍ର ନୟାଗଡ଼ ରେ ଚିନିକଳ ପ୍ରତିଷ୍ଠା ନେଇ ସମୟ ସ୍ଥିର ହେବ ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ କୁହାଯାଇଛି। ନୟାଗଡ଼ରେ ଚିନି କାରଖାନା ସ୍ଥାପନ ହେଲେ ଅଞ୍ଚଳର ଆଖୁ ଚାଷୀ ମାନେ ଜୀବିକା ପାଇବେ। ଏହା ଦ୍ୱାରା ଚାଷୀଙ୍କ ଆୟ ବୃଦ୍ଧି ପାଇବ। ସ୍ଥାନୀୟ ଯୁବକ ମାନଙ୍କ ପାଇଁ ନୂତନ ଚାକିରି ସୁଯୋଗ ସୃଷ୍ଟି ହେବ। ଗତ ସାଧାରଣ ନିର୍ବାଚନ ସମୟରେ ପୁରୀ ସାଂସଦ ସମ୍ବିତ ପାତ୍ର ନୟାଗଡ଼ ରେ ଚିନିକଳ ସ୍ଥାପନ ପାଇଁ ସ୍ଥାନୀୟ ବାସିନ୍ଦାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଜିତିବାର ୧୦୦ ଦିନ ମଧ୍ୟରେ ନୟାଗଡ଼ ରେ ଚିନିକଳ ସ୍ଥାପନ ହେବ। ନିର୍ଦ୍ଧାରିତ ସମୟ ମଧ୍ୟରେ ଚିନିକଳ ସ୍ଥାପନ ପାଇଁ ରୋଡ଼ ମ୍ୟାପ ସରିଛି ବୋଲି ପୁରୀ ସାଂସଦ ସମ୍ବିତ ପାତ୍ର କହିଛନ୍ତି। ଏବେ ସ୍ଥାନ ଚିହ୍ନଟ ପାଇଁ ପ୍ରକ୍ରିୟା ଚାଲିଛି। ଏଥିପାଇଁ ସେ ଭାରତ ସରକାରଙ୍କ ସମବାୟ ମନ୍ତ୍ରାଳୟର ଅତିରିକ୍ତ ସଚିବ ପଙ୍କଜ କୁମାର ବଂସଲ, ଓଡ଼ିଶା ସରକାରଙ୍କ ସମବାୟ ବିଭାଗର ସଚିବ ରାଜେଶ ପାଟିଲ ଏବଂ ଇଣ୍ଡିଆନ୍ ପୋଟାସ୍ ଲିମିଟେଡ଼ ର ପ୍ରବନ୍ଧ ନିର୍ଦ୍ଦେଶକ ପରବିନ୍ଦର ସିଂ ଗହଲୋତ୍ ଙ୍କ ସହିତ ନୟାଗଡ଼ ରେ ନୂଆ ଚିନିକଳ ସ୍ଥାପନ ପାଇଁ ଆଲୋଚନା କରିଥିବା କହିଛନ୍ତି। ନୟାଗଡ଼ ରେ ନୂଆ ଚିନିକଳ ପ୍ରତିଷ୍ଠା ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଘୋଷଣା କରିବା ପରେ ନୟାଗଡ଼ ତହସିଲ ପକ୍ଷରୁ ଗମେଇଁ ଅଞ୍ଚଳରେ ୪୦ ଏକର ଜମି ଚିହ୍ନଟ କରାଯାଇଥିଲା। ଏହାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ପାଣିପୋଇଲା ସ୍ଥିତ ପୁରୁଣା ଚିନିକଳ ନିକଟରେ ଥିବା ୭୦ ଏକର ସ୍ଥାନରେ ନୂଆ ଚିନିକଳ ସ୍ଥାପନ ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି। ଏହାର ଅନୁଧ୍ୟାନ ପାଇଁ ଆଜି ଆଇପିଏଲ୍ ଟେକ୍‌ନିକାଲ୍ ଟିମ ନୟାଗଡ଼ର ପହଞ୍ଚି ଚିନି ଶିଳ୍ପ ସ୍ଥାନ ଖୋଜିବା ଆରମ୍ଭ କରିଛନ୍ତି। ନୟାଗଡ଼ ରେ ଚିନିକଳ ସ୍ଥାପନ ନେଇ ନିକଟରେ କେନ୍ଦ୍ର ସ୍ୱରାଷ୍ଟ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହା ଘୋଷଣା କରିଥିଲେ। ଚିନି ଶିଳ୍ପ ଖୋଲିବା ନେଇ ଇଣ୍ଡିଆନ୍ ପୋଟାସ୍ ଲିମିଟେଡକୁ ଦାୟିତ୍ୱ ଦିଆଯାଇଛି ବୋଲି ସ୍ପଷ୍ଟ କରିଥିଲେ। ଶନିବାର ଦିନ ନୟାଗଡ଼ କୁ ଇଣ୍ଡିଆନ୍ ପୋଟାସ୍ ଲିମିଟେଡର ଏକ ଟେକ୍ ?ନିକାଲ୍ ଟିମ ଚିନିକଳ ସ୍ଥାପନ ସମ୍ପର୍କରେ ଅନୁଧ୍ୟାନ ପାଇଁ ଆସିଥିବା ପୁରୀ ସାଂସଦ ସମ୍ବିତ ପାତ୍ର କହିଛନ୍ତି।ପାଣିପୋଇଲା ଠାରେ ଥିବା ପୁରୁଣା ଚିନିକଳ ଟି ଅଡୁଆ ସୂତାରେ ଛନ୍ଦି ହୋଇ କୋର୍ଟରେ ୮୪୦ କୋଟିର ମାମଲା ରହିଥିବାରୁ ପୁରୁଣା ଚିନିକଳକୁ ପୂର୍ଣ୍ଣ ଉଦ୍ଧାର କରିବା ସମ୍ଭବ ନୁହେଁ ବୋଲି ପୁରୀ ସାଂସଦ ସମ୍ବିତ ପାତ୍ର କହିଛନ୍ତି। ତେଣୁ ନୟାଗଡ଼ ରେ ନୂଆ ଚିନିକଳ ସ୍ଥାପନ ପାଇଁ ଜିଲ୍ଲା ପ୍ରଶାସନ ସହ ଇଣ୍ଡିଆନ୍ ପୋଟାସ୍ ଲିମିଟେଡର ଟେକ୍‌ନିକାଲ୍ ଟିମ ଆଲୋଚନା ସହ ଜାଗା ଚିହ୍ନଟ ପାଇଁ ଯିବା ନୟାଗଡ଼ ଏକ ନୂତନ ଚିନିକଳ ସ୍ଥାପନ ପାଇଁ ଆଶା ବଢିଛି ବୋଲି ସେ କହିଛନ୍ତି।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ଦର୍ପନାରାୟଣପୁର ବନ୍ଧରେ ସ୍ୱୟଂ ଚାଳିତ କେନାଲ ପ୍ରଣାଳୀର ଉଦଘାଟନ



ରଣପୁର, ( ମହାଭାରତ ) : ଆଜି ବିଶ୍ୱ ଜଳ ଦିବସ ଅବସରରେ ଭୁବନେଶ୍ୱର ସ୍ଥିତ ଭାରତୀୟ ଜଳ ପ୍ରବନ୍ଧନ ଅନୁଷ୍ଠାନ ଆନୁକୂଲ୍ୟରେ  ନୟାଗଡ଼ ଜିଲ୍ଲା ରଣପୁର ବ୍ଲକ ଦର୍ପନାରାୟଣପୁର ଗ୍ରାମସ୍ଥିତ କ୍ଷୁଦ୍ରଜଳ ସେଚନ ପ୍ରକଳ୍ପ ଓ ଶୁକ୍ର ବେହେରା ମେମୋରିଆଲ ଜଳ ବ୍ୟବହାରକରି ସଙ୍ଘର ମିଳିତ ଆବାହକତ୍ୱରେ ରବିବାର ଦିନ ଦର୍ପନାରାୟଣପୁର ବନ୍ଧରେ ସ୍ୱୟଂ ଚାଳିତ କେନାଲ ପ୍ରଣାଳୀର ଉଦଘାଟନ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ  ରଣପୁର ବିଧାୟିକା ତଥା ଓଡିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟବକ୍ତା ଭାବେ ନୟାଗଡ଼ ଜିଲ୍ଲାପାଳ ମଧୁମିତା ରଥ ଓ ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ସ୍ଥିତ ଭାରତୀୟ ଜଳ ପ୍ରବନ୍ଧନ ଅନୁଷ୍ଠାନର ନିର୍ଦ୍ଦେଶକ ଡ଼ଃ ଅଞ୍ଜୁମାଦର ଷଡ଼ଙ୍ଗୀ, ମୁଖ୍ୟ ବୈଜ୍ଞାନିକ ଡ଼ଃ ସୁଶାନ୍ତ କୁମାର ଜେନା, ଡ଼ଃ ରବୀନ୍ଦ୍ର କୁମାର ପଣ୍ଡା, ଜଳ ସମ୍ପଦ ବିଭାଗ ମୁଖ୍ୟ ଯନ୍ତ୍ରୀ ପୂର୍ଣ୍ଣ ଚନ୍ଦ୍ର ରଥ ପ୍ରମୁଖ ଯୋଗଦେଇ ଏହାକୁ ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମ ରେ ଅଞ୍ଚଳ ର ବରିଷ୍ଠ ଚାଷୀ ମାନଙ୍କୁ ସମ୍ମାନିତ କରାଯାଇଥିଲା। ଯାହାଦ୍ୱାରାକି ଅଞ୍ଚଳର ବହୁ ଚାଷୀ ଉପକୃତ ହେବେ। ପରିଶେଷରେ ଡ଼ ରବୀନ୍ଦ୍ର କୁମାର ପଣ୍ଡା ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଉଦଘାଟନକୁ ୧୬ବର୍ଷ ପୁରିଲା, କାର୍ଯ୍ୟାଳୟରେ ଝୁଲୁଛି ତାଲା

ଘୁ.ଉଦୟଗିରି :କନ୍ଧମାଳଜିଲ୍ଲା ଘୁମୁସର ଉଦୟଗିରିକୁ ଉପଖଣ୍ଡ ମାନ୍ୟତା ଦାବି ଦୀର୍ଘ ବର୍ଷ ହେଲେ ମଧ ଅଞ୍ଚଳବାସୀଙ୍କ ଦାବିକୁ ରାଜ୍ୟ ସରକାର ଅଣଦେଖା କରିଚାଲିଛନ୍ତି। ତତ୍କାଳୀନ ରାଜ୍ୟ ସରକାର ୨୦୧୦ ମସିହାରେ ଏହାକୁ ହୃଦୟଙ୍ଗମ କରି ଘୁ.ଉଦୟଗିରି ଠାରେ ଏକ ଅତିରିକ୍ତ ଉପଜିଲ୍ଲାପାଳ କାର୍ଯ୍ୟାଳୟ ଖୋଲିବାକୁ ନିଷ୍ପତ୍ତି ନେଲେ ଏବଂ ଉପଖଣ୍ଡ କାର୍ଯ୍ୟାଳୟର ସମସ୍ତ କାର୍ଯ୍ୟ ଏଠାରେ ହେବ ବୋଲି କହି ଭୁଆଁ ବୁଲାଇଲେ। ସହରର ରାଜସ୍ୱ ଡାକ ବଙ୍ଗଳାକୁ ପୁନରୁଦ୍ଧାର କରି ସେହି ଗୃହରେ ଅତିରିକ୍ତ ଉପଜିଲ୍ଲାପାଳ କାର୍ଯ୍ୟାଳୟକୁ ଗତ ୨୫-୧୦-୨୦୧୦ରେ ତତ୍କାଳୀନ ମୁଖ୍ୟ ମନ୍ତ୍ରୀ ନିଜେ ଉଦଘାଟନ କରିଥିଲେ। ଅତିରିକ୍ତ ଉପଜିଲ୍ଲାପାଳ ଦାୟୀତ୍ୱରେ ସ୍ଥାନୀୟ ତହସିଲଦାରଙ୍କୁ ଦାଇତ୍ୱ ଦିଆଗଲାୟ ଜଣେ କିରାଣୀ, ଜଣେ ପିଅନ କାର୍ଯ୍ୟରେ ଯୋଗ ଦେଲେ। ହେଲେ ସରକାରୀ ନିର୍ଦ୍ଦେଶ ନ ଥିବା ଯୋଗୁଁ ବାଲିଗୁଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ହେଉଥିବା କୌଣସି କାର୍ଯ୍ୟ ଏହି କାର୍ଯ୍ୟାଳୟରେ ହେଲା ନାହିଁ। ଯେମିତି ସାଧାରଣ ଲୋକ ବାଲିଗୁଡ଼ା ଦୌଡୁଥିଲେ ସେମିତି ଦୌଡ଼ିବାକୁ ପଡୁଛି। କିଛି ଦିନ ପରେ ଏଠାରେ ନିଯୁକ୍ତି ହୋଇଥିବା କିରାଣୀ ସେଠାରୁ ଅନ୍ୟତ୍ର ବଦଳି ହୋଇଗଲେ। ଏହା ପରେ ଜଣେ ମହିଳା ପିଅନ କାର୍ଯ୍ୟାଳୟକୁ ଜଗି ବସିଥିଲେ। ଜଣେ କିରାଣୀ କାର୍ଯ୍ୟାଳୟକୁ ଜଗି ବସିଥିଲେ ଗତ ଅଗଷ୍ଟ ମାସରେ ସେ ଅବସର ନେବା ପରେ ବିନା କୌଣସି ଅଧିକାରୀ କର୍ମଚାରୀରେ କେବଳ ଫଳକ ରେ ରହିଯାଇଛି ଘୁ.ଉଦୟଗିରି ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ।ଏହିଭଳି ଦୃଶ୍ୟ ଦେଖିବା ପରେ ସରକାରଙ୍କ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି ହେବା ସହ ସପ୍ତାଚର୍ଯ୍ୟ ମଧ୍ୟରୁ ଏହି କାର୍ଯ୍ୟାଳୟର ଦୃଶ୍ୟ ଏକ ଆଶ୍ଚର୍ଯ୍ୟ ବୋଲି ଅନୁଭବ ହେଉଚିମୟ ବାଲିଗୁଡା ଉପଖଣ୍ଡ ଓଡ଼ିଶାର ବୃହ୍ତ ଉପଖଣ୍ଡ, ଏହି କାର୍ଯ୍ୟାଳୟକୁ ଯାଇ କାମ କରି ଫେରିବାକୁ ଦୁଇଦିନ ସମୟ ଲାଗୁଛି। ଚକାପାଦ ବ୍ଲକର ଦୁର୍ଗମ ଅଞ୍ଚଳରୁ ଆସୁଥିବା ଏବଂ ରାଇକିଆ ବ୍ଲକର ରଣବା, କାରଡା ଅଞ୍ଚଳରୁ ବାଲିଗୁଡା ଯାଇ କାମ କରିବା କେତେ କଷ୍ଟ ଏବଂ ଅର୍ଥ ବ୍ୟାୟ ହୁଏ ତାହା ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାର ହୃଦୟଙ୍ଗମ କରିବା ବଦଳରେ ଆଦିବାସୀ ଅଧ୍ୟୁଷିତ ଏହି ଦୁର୍ଗମ ଅଞ୍ଚଳର ଲୋକଙ୍କ ସୁବିଧା କରିବା ବଦଳରେ ପ୍ରତାରଣା କରି ଚାଲିଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।ତତ୍କାଳୀନ ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟାଳୟକୁ ଉଦଘାଟନ କରିବାର ଗୋଟିଏ ଯୁଗ ପୁରିଗଲାଣି ତଥାପି କାର୍ଯ୍ୟକ୍ଷମ ହୋଇପାରିନି। ବିଡମ୍ବନାର ବିଷୟ ଘୁ.ଉଦୟଗିରି ଅଞ୍ଚଳବାସୀଙ୍କ ଦାବିକୁ ଏକ ପ୍ରକାର ଉପହାସ କଲା ଭଳି ଏହି କାର୍ଯ୍ୟାଳୟ ଖୋଲି ରଖାଯାଇଛି। ପୂର୍ବରୁ ଯେମିତି ଅଞ୍ଚଳବାସୀ ବାଲିଗୁଡା ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ନିଜନିଜର ରାଜସ୍ୱ ମାମଲା ପାଇଁ ବାଲିଗୁଡା ଦୌଡୁ ଥିଲେ ବର୍ତମାନ ବି ସେମିତି ଦୌଡ଼ିବାକୁ ପଡୁଛି।ସ୍ଥାନୀୟ ସହରରେ ଅତିରିକ୍ତ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ କାହିଁକି ଖୋଲା ଯାଇଛି ତାକୁ ନେଇ ବିଭିନ୍ନ ମହଲରେ ଚର୍ଚ୍ଚା ଜୋର ଧରିଛି। ମୁଖ୍ୟମନ୍ତ୍ରୀ ନିଜେ ଉଦଘାଟନ କରି ପରମୁହୂର୍ତ ରେ ଠକିଦେଲେ। ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ସମସ୍ତ ଉପଖଣ୍ଡ କାର୍ଯ୍ୟାଳୟର କାର୍ଯ୍ୟ ହେବ କହି ଠକିଦେଲେ।ଏହି ବିଷୟରେ ଯୁବ ସମାଜସେବୀ ତଥା ଗବେଷକ ରାଜେଶ ବଗର୍ତ୍ତି ମୁଖ୍ୟମନ୍ତ୍ରୀ, ମୁଖ୍ୟସଚିବଙ୍କୁ ଲିଖିତ ଭାବେ ଏହି କାର୍ଯ୍ୟାଳୟ ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ନିମନ୍ତେ ଅନୁରୋଧ କରିଥିଲେ। ହେଲେ ଉତ୍ତର ମିଳିଲା ଘୁ.ଉଦୟଗିରି ଅତିରିକ୍ତ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ଚାଲୁଛି ଏବଂ ପୂର୍ଣ୍ଣ କାର୍ଯ୍ୟକ୍ଷମ ଅଛି। ପୁଣି ଏହି ବିଷୟରେ ସ୍ଥାନୀୟ ବିଧାୟକ ପ୍ରଫୁଲ୍ଲ ପ୍ରଧାନ ଗତ ବିଧାନସଭା ଅଧିବେଶନ ରେ ରାଜସ୍ୱ ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ପ୍ରଶ୍ନ କରିଥିଲେ ହେଲେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଉତ୍ତର ରଖିଥିଲେ ଘୁ.ଉଦୟଗିରି ରାଜସ୍ୱ ଡାକ ବଙ୍ଗଳା ଠାରେ ଥିବା ଅତିରିକ୍ତ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଚାଲୁ ଅଛି।ହେଲେ ପ୍ରଶ୍ନ ଉଠୁଛି ଏହି କାର୍ଯ୍ୟାଳୟରେ ଗୋଟିଏ ମଧ କର୍ମଚାରୀ କି ଅଧିକାରୀ ନାହାନ୍ତି ତାହାହେଲେ କାର୍ଯ୍ୟାଳୟ କିଭଳି ଏବଂ କେମିତି ଚାଲିଛି। ଆଉ ଯଦି ଚାଲିଛି ତେବେ କିଏ ଚଳେଇଛି ଏବଂ କେଉଁ କାର୍ଯ୍ୟ ହେଉଛି କିଏ ଉପକୃତ ହେଉଛନ୍ତି। ଆଶ୍ଚର୍ଯ୍ୟର ବିଷୟ ମନ୍ତ୍ରୀଙ୍କ ପାଖରେ ତଥ୍ୟ ବି ନାହିଁ କି ତାଙ୍କୁ ସଠିକ ତଥ୍ୟ ଯୋଗେଇ ଦିଆଯାଇନାହିଁ। ଯଦି ସଠିକ ତଥ୍ୟ ଥାନ୍ତା ତାହାହେଲେ ମାନ୍ୟବର ବିଧାୟକଙ୍କ ପ୍ରଶ୍ନର ସଠିକ ଉତ୍ତର ଦେଇଥାନ୍ତେ। ଏଣୁ ବର୍ତ୍ତମାନର ରାଜ୍ୟ ସରକାର ଘୁ.ଉଦୟଗିରି କୁ ରାଜସ୍ୱ ଉପଖଣ୍ଡ ଘୋଷଣା କରିବା ସହ ସମସ୍ତ ସରକାରୀ କାର୍ଯ୍ୟ ଏଠି କରିବାକୁ ସାଧାରଣରେ ଦାବି ହୋଇଛି। ନଚେତ ଆଗାମୀ ଦିନରେ ପୁଣି ଏକ ବିରାଟ ଜନ ଆନ୍ଦୋଳନ ମୁଣ୍ଡ ଟେକିବ ବୋଲି ବିଭିନ୍ନ ସଂଗଠନ ପକ୍ଷରୁ ଚେତାବନୀ ଦେଇଛନ୍ତି।

## ହରିଶପୁର ଯାଦବ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ

ଏରସମା, (ମହାଭାରତ) ବାଲିକୁଦା ବ୍ଲକର ବୋରିକିନା ନିକଟସ୍ଥ ପାଳଧୁଆବନ୍ଧ ଅବଧୂତ ଗାଦିବ୍ରହ୍ମଙ୍କ ପୀଠରେ ହରିଶପୁର ଯାଦବ ସମିତିର ବାର୍ଷିକ ସାଧାରଣ ପରିଷଦ ବୈଠକ ବାଇଧର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ପ୍ରଥମେ ସୁଶାନ୍ତ କୁମାର ଦାସ ବାର୍ଷିକ ବିବରଣୀ ପାଠ କରିବା ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଯ କାହିଁ କେଉଁ କାଳରୁ ଗୋପାଳ ସମ୍ପ୍ରଦାୟର ଏହି ପ୍ରଥା, ଏହି ଅଳକା କ୍ଷେତ୍ର ଠାରେ ଅନୁଷ୍ଠିତ ହୋଇଆସୁଛି । ଏହି ଐତିହ୍ୟ ସାଂସ୍କୃତିକ ଓ ପରମ୍ପରାକୁ ବଞ୍ଚାଇ ରଖିବାକୁ ସେ ସମସ୍ତ ଗୋପାଳ ଭାଇ ମାନଙ୍କ ସହଯୋଗ କାମନା କରିଥିଲେ । ଏହି ବୈଠକରେ ବାଲିକୁଦା ବ୍ଲକ ଯାଦବ ମହାସଭାର କର୍ମକର୍ତ୍ତା ମାନେ ଯୋଗଦେବା ସହିତ ହରିଶପୁର ଅଞ୍ଚଳର ୧୨ ଗୋଠ, ବରଗୁଡ଼ିପଡ଼ା, ରାମତୋଳ, ଓରଡାଙ୍ଗ, ଦରଡ଼ା, ଓଳାଶ, ରାହାଣ, କୋରଛନ୍ଦା, ବରହୁରା, ବରବେଦା, ପ୍ରଧାନଡିଆ, କାହାଳିଆ, ଜଅଁରା ପ୍ରଭୁତି ଗୋଠର ଗୋପାଳ ଭାଇ ମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ଯ ବର୍ଷକୁ ଥରେ ଏହି ସ୍ଥାନରେ ସମସ୍ତ ଗୋପାଳ ଭାଇ ମାନଙ୍କ ମିଳନ ଏବଂ ଗୋପାଳ ସମ୍ପ୍ରଦାୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଏହି ବୈଠକରେ ଆଲୋଚନା କରାଯାଇଥିଲା । ଏହି ବୈଠକରେ ଉତ୍କଳ ଯାଦବ ମହାସଭାର ଯୁଗ୍ମ ସମ୍ପାଦକ ତଥା ବାଲିକୁଦା ବ୍ଲକ୍ ଯାଦବ ମହାସଭାର ସଂଗଠନ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ବେହେରା, ମହନ୍ତ ବିଷ୍ଣୁ ଚରଣ ଦାସ, ସନ୍ତୋଷ କୁମାର ଦାସ,ସଭାପତି ଅଜୟ କୁମାର ଦାସ, କାର୍ଯ୍ୟକାରୀ ସଭାପତି କେଶବ ଚନ୍ଦ୍ର ଦାସ, ବାଇଧର ପ୍ରଧାନ, ବୈରାଗୀ ଚରଣ ବେହେରା, ରବୀନ୍ଦ୍ର ଦାସ, ବାବାଜୀ ଚରଣ ଦାସ, ଝାଟୁ ଦାସ, ପ୍ରତାପ କୁମାର ଦାସ, ଉପସଭାପତି ନିରଞ୍ଜନ ଦାସ, ତ୍ରିଲୋଚନ ଦାସ, ସମ୍ପାଦକ ସୁଶାନ୍ତ କୁମାର ଦାସ, ସହ ସମ୍ପାଦକ ପଦ୍ମନାଭ ଦାସ, ଜାପାନୀ ଦାସ, କୋଷାଧକ୍ଷ ସୁବୋଧ କୁମାର ଦାସ, ଅରବିନ୍ଦ ଦାସ, ଶମ୍ଭୁ ଦାସ, ବେନୁ ଦାସ, ବ୍ରହ୍ମାନନ୍ଦ ଦାସ, ମାୟାଧର ଦାସ, କ୍ଷେତ୍ରମୋହନ ଦାସ, କୃଷ୍ଣଚନ୍ଦ୍ର ବେହେରା, ଅମୂଲ୍ୟ ଦାସ, ହାଡିବନ୍ଧୁ ଦାସ, ବିଭୂତି ଭୂଷଣ ଦାସ ପ୍ରମୁଖଙ୍କ ସହିତ ହରିଶପୁର ର ବିଭିନ୍ନ ଗୋଠର ଗୋପାଳ ଭାଇ ମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ହରିଶପୁର ଯାଦବ ସମିତିର ଗୋପାଳ ଭାଇ ମାନଙ୍କର ବିଭିନ୍ନ ସମସ୍ୟାର ସମାଧାନ ପାଇଁ ପ୍ରତି ତ୍ରୈମାସିକ ବୈଠକ ଅନୁଷ୍ଠିତ ହେବ ବୋଲି ସର୍ବସମ୍ମତି କ୍ରମେ ସ୍ଥିର କରାଗଲା । ଶେଷରେ ସମ୍ପାଦକ ସୁଶାନ୍ତ କୁମାର ଦାସ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ବେଣିଆଗ୍ରାମରେ ଓଁକାରେଶ୍ୱର ମହାଦେବଙ୍କ ନୂତନ ପ୍ରାସାଦ ଓ ବିଗ୍ରହ ପ୍ରତିଷ୍ଠା



ଆସିକା(ମହାଭାରତ) ଗଞ୍ଜାମ ଜିଲ୍ଲା ଆସିକା ଚିନିଶିଳ୍ପ ନୂଆଗାଁ ସ୍ଥିତ ବେଣିଆ ଗ୍ରାମରେ ଆଜି ଶ୍ରୀ ଶ୍ରୀ ଓଁକାରେଶ୍ର ମହାଦେବଙ୍କ ନୂତନ ପ୍ରାସାଦ ଓ ବିଗ୍ରହ ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା ଅନୁଷ୍ଠିତ ହୋଇଛି । ଚୈତ୍ର ଶୁକ୍ଳ ତୃତିୟା ଠାରୁ ଚୈତ୍ର ଶୁକ୍ଳ ସପ୍ତମୀ ପ୍ରାୟ ୫ ଦିନ ଧରି ମହାଦେବଙ୍କ ନବ ର୍ନିମିତ ପ୍ରାସାଦ ଓ ବିଗ୍ରହ ପ୍ରତିଷ୍ଠା ମହୋତ୍ସବ ଶାସ୍ତ୍ରୋକ୍ତ ପରଂମହାଯଜ୍ଞ ବିଧୂ ବିଧାନ ମୁତାବକ ମହା ଆଡମ୍ବର ପୂର୍ଣ ଭାବେ ଆଧାମ୍କ ପରିବେଶରେ ଅନୁଷ୍ଠିତ ହେବ । ପବିତ୍ର ଋଷିକୁଲ୍ୟା ନଦୀ ଓ ବଡନଦୀ ସଙ୍ଗମ ସ୍ଥଳରେ ଗିନି, ମୃଦୁଙ୍ଗ ଓ ଶଙ୍ଖ ଧ୍ୱନୀର ତାଳେ ତାଳେ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏହି ପୂଜା ମଥୁରା ପଦ୍ମନାଭ ପୁର ଶାସନ ସୁନାମ ଧନ୍ୟ ବିଶିଷ୍ଟ ପାରମ୍ପରିକ ପ୍ରତିଷ୍ଠାକାର ପଣ୍ଡିତ ବୃନ୍ଦାବନ ଚନ୍ଦ୍ର ଶତପଥୀଙ୍କ ତ୍ୱବାଧାନରେ ପଣ୍ଡିତ ଅକ୍ଷୟ କୁମାର ହୋତା, ପଣ୍ଡତି ଭବାନୀ ଶଙ୍କର ତ୍ରିପାଠୀ ସମେତ ଅନ୍ୟାନ୍ୟ ପଣ୍ଡିତି ମଣ୍ଡଳୀଙ୍ଗ ସହଯୋଗ ଅନୁଷ୍ଠିତ ହୋଇଥିଲା । ଏଥିରେ କର୍ତା ଭାବେ ପାଣ୍ଡବ କାମ୍ପ, ବଳରାମ ଜେନା, ପ୍ରସନ୍ତ କାମ୍ପ, ବିଭୂତି କାମ୍ପ, ବାବୁଲା ସାହୁ, ବନମାଳୀ କାମ୍ପ ଓ ପ୍ରହଲ୍ଲାଦ କାମ୍ପ ପ୍ରମୁଖ ଦାୟି ତୁଲାଇଥିଲେ। ଏହାପରେ କଳସରେ ଜଳ ଧରି ଶତାଧିକ ମହିଳା ଓ ପୁରୁଷ ବେଣିଆ ଗ୍ରାମ ସ୍ଥିତ ଅସ୍ଥାୟୀ ମଣ୍ଡପ ଠାରେ ପହଁଚି ଥିଲେ ଯ ଏହି ଅବସରରେ ଆଜି ପ୍ରଥମ ଦିନରେ ଦିକ୍ଷାଗ୍ରହଣ, ଜଳଯାତ୍ରା, ଅଙ୍କୁରାପୋଣ ଓ ନାମଯଜ୍ଞ ଅଧିବାସ କାର୍ଯ୍ୟକ୍ରମ ସମ୍ପନ୍ତ ହୋଇଥିଲା । ସେହିଭଳି ବ୍ରାହ୍ମଣ ବରଣ, କର୍ମଆରମ୍ଭ, ସାଳା ସଂସ୍କାର, ଅଗ୍ନିସ୍ଥାପନ ଓ ନାମଯଜ୍ଞ ଆରମ୍ଭ, ଦେବାତାଙ୍କ ଧାନ୍ୟାଦିବସ, ବନଯାଗ, ଇନ୍ଦ୍ର ଇନ୍ଦ୍ରାଣୀ ପ୍ରତିଷ୍ଠା, ଶୈବାଗ୍ନି ସଂସ୍କାର, ଅନୃଯଜ୍ଞ ଶୁଭାରମ୍ଭ ଓ ସଂଧ୍ୟା ରନ୍ଧନ, ଦେବତାଙ୍କ ମହାସ୍ନାନ, ଶୟନ ଓ ରାତ୍ର ଜୀବାନ୍ୟାସ, ସୂର୍ଯ୍ୟପୂଜା, ସାଲାପୂଜା, ଦେବତାଙ୍କ ନଗର ପରିକ୍ର ମା, ସ୍ଥିର ଲଗ୍ନରେ ଦେବାତାଙ୍କ ସିଂହାସନ ଆରୋହଣ, ଯୂପ, ତ୍ରୀଶୁଳ ଦ୍ୱାରା ଦେବାତାଦି ସ୍ଥାପନ,ଧ୍ୱଜା ଭ୍ରମଣ, ଘୃତ ଯଜ୍ଞ, ନାମଯଜ୍ଞ ପୂର୍ଣାହୁତୀ, ଦଧିଭାଣ୍ଡ ଭଞ୍ଜନ ଓ ନଗର କୀର୍ତନ ଆଦି କାର୍ଯ୍ୟକ୍ରମ ସମ୍ପନ୍ତ ହେବ ଯ ଏହି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ଶତାଧିକ ଭକ୍ତ ଶ୍ରଦ୍ଧାଳୁଙ୍କୁ ଯୋଗ ଦେବା ପାଇଁ ବୁଦ୍ଧିରାମ ନାହକ, ରାମଚନ୍ଦ୍ର କାମ୍ପ, ମିଟୁ ରାଉତ, ସନ୍ତୋଷ ସାହୁ, ସନ୍ୟାସ ପ୍ରଧାନ, ଶିବରାମ ରାଉତ, ଗୋପିନାଥ ଜେନା ସମେତ ଶ୍ରୀ ଶ୍ରୀ ଓଁ କାରେଶ୍ର ମନ୍ଦି ର ପ୍ରତିଷ୍ଠା ମହୋତ୍ସବ କମିଟି ଓ ବେଣିଆ ଗ୍ରାମବାସୀ ବୃନ୍ଦ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲା ।

## ଝୁଲନ୍ତା ଅବସ୍ଥା ରେ ମିଳିଲା ମାଛ ବ୍ୟବସାୟୀ ଙ୍କ ଶରୀର

ଅସ୍ତରଙ୍ଗ (ମହାଭାରତ :ରବିବାର ଭୋର ସକାଳ ସମୟ ରେ କାକଟପୁର ଥାନା ଅନ୍ତର୍ଗତ ଜିଉଁନ୍ତି ଖଣ୍ଡାସାହି ରାସ୍ତା ର ଏକ ନିଜନ ସ୍ଥାନ ରେ ରାସ୍ତା ନିକଟରେ ଏକ ଗଛରେ ଜଣେ ବ୍ୟକ୍ତି ଙ୍କ ଝୁଲନ୍ତା ଅବସ୍ଥା ରେ ମୃତ ଶରୀର କିଛି ସ୍ଥାନୀୟ ଲୋକ ଯାତାୟାତ ସମୟ ରେ ଦେଖିବାକୁପାଇଥିଲେ,ଘଟଣା ପ୍ରବାହିତ ହେବାରୁ ଅସ୍ତରଙ୍ଗ ମାଛ ବ୍ୟବସାୟୀ ମାନେ ଘଟଣା ସ୍ଥଳରେ ପହଞ୍ଚି ବ୍ୟକ୍ତି ଙ୍କୁ ଆଣି ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ରେ ପହଞ୍ଚାଇଥିଲେ, ଉପସ୍ଥିତ ଡାକ୍ତର ତାଙ୍କୁ ମୃତ ଘୋଷଣା କରିବା ପରେ ଅସ୍ତରଙ୍ଗ ପୋଲିସ କୁ ସୂଚନା ଦେବା ପରେ ଶବ ବ୍ୟବଛେଦ ପାଇଁ ଚରିଛକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କୁ ରେଫର କରିଛନ୍ତି, ସୂଚନା ମୁତାବକ ବ୍ୟକ୍ତି ଜଣଙ୍କ ମାଛ ବ୍ୟବସାୟୀ, ତାଙ୍କ ଧର୍ମପତ୍ନୀ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସା ହେଉଥିବା ବେଳେ ତାଙ୍କ ର ଗୋଟେ ପୁଅ ଭୁବନେଶ୍ୱର ରେ ପାଠ ପଢୁଛନ୍ତି,ଘରେ ଜଣେ ମା ଯିଏ ଅନ୍ଧୁଣି ଆଉ ଜଣେ ସାନ ଭାଇ ଜଣେ ମାନସିକ ବିକାରଗ୍ରସ୍ତ ରୋଗୀ, ତେବେ ପାରିବାରିକ ଅଶାନ୍ତି ପାଇଁ ଯଦି ସେ ଏହିଭଳି ପଦକ୍ଷେପ ନେଇଥିଲେ ତେବେ ଘରେ ନେଇପାରିଥାନ୍ତେ ମାତ୍ର ଘର ଠୁ ୪କିଲୋମିଟର ଦୂର ରେ ନିଜନ ସ୍ଥାନ ରେ କାଇଁ ନେଲେ, ତା ପରେ ପ୍ରଶ୍ନ ଉଠୁଛି ପରିବାର ଲୋକ ନାହାନ୍ତି, ଅନ୍ୟ ଲୋକ ପୋଲିସ କୁ ସୂଚନା ନଦେଇ କାଇଁ ତାଙ୍କୁ ଝୁଲନ୍ତା ଅବସ୍ଥା ରୁ ଖୋଲିଲେ, ଏହାକୁ ନେଇ ଅସ୍ତରଙ୍ଗ ପୋଲିସ ଘଟଣା ସ୍ଥଳରେ ପ୍ରାଥମିକ ତଦନ୍ତ ଆରମ୍ଭ କରିଛି,ଏହି ଘଟଣା ଟି କାକଟପୁର ଥାନା ଅଧୀନରେ ଘଟିଥିବାରୁ ମୃତ ବ୍ୟକ୍ତି ଙ୍କ ପୁତ୍ର କାକଟପୁର ଥାନା ରେ ଏକ ଲିଖିତ ଅଭିଯୋଗ କରିବା ପରେ କାକଟପୁର ପୋଲିସ ତରଫରୁ ୪/୨୬ ରେ ଏକ ମାମଲା ପଞ୍ଜିକରଣ କରାଯାଇ ଶବ ବ୍ୟବଚ୍ଛେଦ କରିବାକୁ ପଠାଯାଇଛି ବୋଲି କାକଟପୁର ଥାନା ପକ୍ଷ ରୁ ସୂଚନା ମିଳିଛି, ଏହି ଘଟଣା ଏକ ପାରିବାରିକ ଅଶାନ୍ତି କୁ ନେଇ ଆମ୍ହତ୍ୟା ବୋଲି ସାଧାରଣ ରେ ବୁଦ୍ଧିଜୀବୀ ଗ୍ରହଣ କରି ପାରୁନଥିବା ବେଳେ ପୋଲିସ ର ପୁଙ୍ଖାନୁ ପୁଙ୍ଖ ତଦନ୍ତ ଉପରେ ଏହା ସମ୍ପୂର୍ଣ୍ଣ ର୍ନିଭର କରୁଛି ବୋଲି ସାଧାରଣଲୋକ ଆସ୍ଥା ପ୍ରକଟ କରିଛନ୍ତି ।

## କଳାବାଘର ଛାଲ ଜବତ; ୨ଜଣ ଅଟକ



ବାରିପଦା: ମୟୂରଭଂଜ ଜିଲ୍ଲା ବାରିପଦା ବନଖଣ୍ଡ ବନବିଭାଗ ପକ୍ଷରୁ ରବିବାର ସକାଳେ ଏକ କଳାବାଘର ଛାଲ ଜବତ କରାଯିବା ସହିତ ୨ଜଣଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।କୁଳିଅଣା ଅଞ୍ଚଳରେ ବାଘଛାଲ ବିକ୍ରି ପାଇଁ ଡିଲ୍ ଚାଲିଥିବା ବେଳେ ବନବିଭାଗ ପକ୍ଷରୁ ଯୋଜନାବଦ୍ଧ ଭାବେ ଚଢାଉ କରାଯାଇଥିଲା।ଯ ଘଟଣାସ୍ଥଳରୁ ଏକ କଳାବାଘର ଚମଡ଼ା ଜବତ କରିବା ସହିତ ଏଥିରେ ଜଡିତ ୨ଜଣ ଅଭିଯୁକ୍ତଙ୍କୁ ବାରିପଦା ବନାଞ୍ଚଳ କାର୍ଯ୍ୟାଳୟକୁ ଆଣି ତଦନ୍ତ ଜାରି ରଖିଛି ବନବିଭାଗ।ସୂଚନାଯୋଗ୍ୟ, କଳାବାଘ କେବଳ ଶିମିଳିପାଳ ଅଭୟାରଣ୍ୟରେ ଦେଖିବାକୁ ମିଳିଥାଏ। କଳାବାଘ ବା' ମିଲାନିଷ୍ଟିକ୍ ଟାଇଗର ପ୍ରତି ବିପଦ ଘନେଇଛି। ଏଥିରେ ଏକ ବଡ଼ ବାଘଛାଲ ରାକେଟ୍ କାମ କରୁଥିବା ସନ୍ଦେହରେ ବାରିପଦା ବନଖଣ୍ଡ ଅଧିକାରୀ ଓ ଶିମିଳିପାଳ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିବା ସହିତ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି। ପୁରା ପ୍ରକ୍ରିୟା ସରିଲେ ସାମ୍ବାଦିକ ସମ୍ମିଳନୀ ଜରିଆରେ ସମସ୍ତ ବିବରଣୀ ପ୍ରଦାନ କରାଯିବ ବୋଲି ବାରିପଦା ବନଖଣ୍ଡ ଅଧିକାରୀ ଗୋବିନ୍ଦ ବିଶ୍ୱାଳ ସୂଚନା ଦେଇଛନ୍ତି।

## ବିଶ୍ୱ ଜଳ ଦିବସରେ ସଚେତନତା




କପ୍ତିପଦା -(ମହାଭାରତ )-:କପ୍ତିପଦା - ଆଜି ହେଉଛି ବିଶ୍ ଜଳ ଦିବସ। ଜଳ ହିଁ ଜୀବନ।ଜଳ ସ୍ୱଚ୍ଛତା ଓ ଜଳ ସଂରକ୍ଷଣ ଆଜିର ଦିନରେ ବିଶେଷ ଆବଶ୍ୟକତା ରହିଛି। ଗାଁ ରେ ନଳକୂପ ଓ ପୋଖରୀ ସ୍ୱଚ୍ଛତା ଓ ସଂରକ୍ଷଣ ରହିଲେ ସମସ୍ତେ ଜଳର ଉପକାରିତା ପାଇପାରିବେ। ମୟୂରଭଞ୍ଜ ଜିଲ୍ଲା ଉଦଳା ବ୍ଲକ ଦୁଗୁଧା ପଞ୍ଚାୟତ ଅଙ୍ଗାରପଡା ଗ୍ରାମରେ ସଭା ଓ ରିଲିଆନ୍ସ ଫାଉଣ୍ଡେସନ ପକ୍ଷରୁ ଜଳ ଦିବସ ପାଇଁ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ଏକଜୁଟ ହୋଇ ଗାଁ ପୋଖରୀ ଓ ନଳକୂପ ପରିବେଶ କୁ ପରିଷ୍କାର କରିବା ସହ ଜଳକୁ କିପରି ସଂରକ୍ଷଣ କରାଯାଇପାରିବ ସେ ନେଇ ଶପଥ ନେଇଥିଲେ।

## ମହିଳା ହତ୍ୟା ମାମଲାରେ ଜଣେ କୋର୍ଟ ଚାଲାଣ

ହିନ୍ଦୋଳ(ମହାଭାରତ)ହିନ୍ଦୋଳ ଥାନା କନ୍ତାମିଳା ପଂଚାୟତରେ ଗତକାଲି ହୋଇଥିବା ମହିଳା ହତ୍ୟା ମାମଲାରେ ମୁଖ୍ୟ ଅଭିଯୁକ୍ତ ଧରାପଡ଼ିଛି ଯଖବରରୁ ପ୍ରକାଶ ଗତକାଲି ସକାଳ ୮ଟା ରେ ହିନ୍ଦୋଳ ଥାନା କନ୍ତାମିଳା ପଂଚାୟତ ଧୋବାଣିନନ୍ଦର ଗ୍ରାମର ବୁଲା ସାହୁଙ୍କ ସ୍ତ୍ରୀ ଉ□ମ ସାହୁ ( ୫୭) ମହୁଲ ଗୋଟାଇବାକୁ ଯାଇଥିବା ବେଳେ କିଛି ବ୍ୟକ୍ତିଙ୍କ ସହିତ ବଚସା ଗଣ୍ଡଗୋଳ ହେବାରୁ ସେମାନଙ୍କ ଭିତରୁ କେହି ଜଣେ ଉ□ମ ସାହୁଙ୍କୁ ପିଟି ଦେବାରୁ ତାଙ୍କର ମୃତ୍ୟୁ ହୋଇଥିବା ପୁଅ ତରଣୀସେନ ସାହୁ ଉ□ମଙ୍କୁ ହତ୍ୟା କରାଯାଇଥିବା ହିନ୍ଦୋଳ ଥାନାରେ ଅଭିଯୋଗ କରିଥିଲେୟତେବେ ହିନ୍ଦୋଳ ଥାନା ଅଧିକାରିଣୀ ମମତା ସାମନ୍ତରାୟ ଚଢ଼ାଉକରି ମୁଖ୍ୟ ଅଭିଯୁକ୍ତ ହିନ୍ଦୋଳଥାନା ଧୋବଣୀନନ୍ଦର ଗ୍ରାମର ସ୍ୱର୍ଗତ ବାଇଧର ପରିଡାଙ୍କ ପୁଅ କୁନୁ ପରିଡାକୁ ଗିରଫକରି ହିନ୍ଦୋଳ ଥାନା କେଶନଂ ୮୨/୨୧-୩-୨୬ (ଟା/ସ୍ୱ୧୦୩(୧)ଇଘଝ)ରେ ମାମଲା ରୁଜ୍ଜୁକରି କୋର୍ଟ ଚାଲାଣ କରିଛନ୍ତିୟ

## ବିଶ୍ୱ ଜଳ ଦିବସ ପାଳିତ

ଦଶପଲ୍ଲା (ମହାଭାରତ):ଦଶପଲ୍ଲା ବ୍ଲକର ଦୁର୍ଗମ ଦୁଡ଼ା ଗ୍ରାମ ପ□ାୟତ ଅଧୀନ କନଡି ଗ୍ରାମଠାରେ ପ୍ରକଳ୍ପ ଅଧିକାର, ଦଶପଲ୍ଲା ଦ୍ୱାରା ବିଶ୍ୱ ଜଳ ଦିବସ ପାଳନ କରାଯାଇଛିୟ ଏ ଅବସରରେ ଦୁଡ଼ା ଗ୍ରାମ ପଂଚାୟତ ର ସମିତି ସଭ୍ୟା ସ୍ୱର୍ଣ୍ଣଲତା ଦେହୁରୀଙ୍କ ଅଧକ୍ଷତାରେ ଜଳ ସଂରକ୍ଷଣ ଓ ନାରୀ ଅଧିକାର ଶୀର୍ଷକ ଆ□ିକିକ ସ୍ତରୀୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ଏମ.ବି.କେ ଗୌରୀ ଯାନୀ, ସି.ଆର.ପି ନୟନା ଯାନୀ ଅତିଥି ଭାବେ ଯୋଗଦାନ କରି ଜଳ ସଙ୍କଟ, ଜଳ ପ୍ରଦୂଷଣ, ବଣ ପୋଡି ତଥା ମହିଳା ର୍ନିଯାତନା ଉପରେ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେୟପାନୀୟ ଜଳ ସମସ୍ୟା ଓ ଏହାର ସ୍ଥାୟୀ ପ୍ରତିକାର ପାଇଁ ଦୁଡ଼ା ଅଙ୍ଗନବାଡି କର୍ମୀ ଯମୁନା କଁଅର ଓ ସାଧବାଣୀ କଁଅର ଗୁରୁତ୍ୱ ଦେବା ସହିତ ଏ ପ୍ରକାର ଆଲୋଚନା ସଭା ଗାଁ ଗାଁ ରେ କରିବା ଆବଶ୍ୟକ ବୋଲି ମତାମତ ଦେଇଥିଲେୟ ଜଳ, ଜଙ୍ଗଲ, ଜମି, ମାଟି ମାଆର ସମ୍ମାନ ଓ ସୁରକ୍ଷା କରିବା ଆମ ସମସ୍ତଙ୍କର ନୈତିକ ଦାୟିତ୍ୱ ଓ ଧର୍ମ ବୋଲି ଅଧିକାର ମିତ୍ର ମାମିନୀ ନାୟକ, ବବିତା ନାୟକ,ସରୋଜିନୀ ମଳିକ ଓ ଶ୍ରୀନିବାସ ରଣା ଇତ୍ୟାଦି ନିଜ ନିଜ ବକ୍ତବ୍ୟରେ କହିଥିଲେୟ

## ନିମ୍ନମାନର କାମକୁ ବିରୋଧ : ତାତିଲେ ଉଦଳାବାସୀ



କପ୍ତିପଦା -(ମହାଭାରତ ):ନିମ୍ନମାନର କାମ କୁ ନେଇ ତାତିଲେ ଉଦଳା ବାସିନ୍ଦା। ଚାଲିଥିବା ପୋଲ କାମ କୁ ବନ୍ଦ କରିଲେ ଅଞ୍ଚଳବାସୀ। ଉଦଳା ବଜାର ମଝିରେ ଏକ ପୋଲ କାମ ଦୀର୍ଘ ଏକ ମାସ ରୁ ଅଧିକ ହେବ ଆରମ୍ଭ ହୋଇଥିବା ବେଳେ ଆଜି କଂକ୍ରିଟ କାମ ହେଉଥିଲା। ଏହି କଂକ୍ରିଟ କାମ ଅତି ନିମ୍ନମାନର ହେଉଥିବା ଦେଖି ଏହାକୁ ବିରୋଧ କରିଥିଲେ ସ୍ଥାନୀୟ ଲୋକେ। ଉକ୍ତ ପୋଲ କାମରେ ନିମ୍ନ ମାନର ରଡ଼, ଆଉ ବାଲି ବଦଳରେ ସିମେଣ୍ଟ ଗୁଣ୍ଡରେ କାମ କରାଯାଉଥିବା ଅଭିଯୋଗ କରିଛନ୍ତି ଅଞ୍ଚଳବାସି। ଯାହାକୁ ନେଇ ଘଟଣାସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଏପରିକି ଠିକାଦାର ରାତିରେ ଅନ୍ଧାର ର ସୁଯୋଗ ନେଇ ନିମ୍ନ ମାନର କାମ କରୁଥିବା ଅଭିଯୋଗ କରି କାମ ବନ୍ଦ କରିଛନ୍ତି ଗ୍ରାମବାସୀ। ସେପଟେ ନିମ୍ନ ମାନର କାମ ବାବଦରେ ଠିକା ସଂସ୍ଥାର ମ୍ୟାନେଜରଙ୍କୁ ପଚାରିବାରୁ ସେ କ୍ୟାମେରା ସାମ୍ନାରୁ ଦୌଡ଼ି ଚାଲି ଯାଇଥିଲେ।

## ବିଷମକଟକରେ ଅଜଣା ଗାଡ଼ି ଧକ୍କାରେ ଦୁଇ ବାଇକ୍ ଆରୋହୀ ମୃତ

ବିଷମକଟକ,(ମହାଭାରତ): ରାୟଗଡ଼ା ଜିଲ୍ଲା ବିଷମକଟକ ଥାନା ଅନ୍ତର୍ଗତ ଚଟିକଣା  ନିକଟରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଭାଲିଆ ତୋଟା ପାଣି ଟାଙ୍କି ନିକଟରେ ଏକ ଅଜଣା ଗାଡ଼ି ଧକ୍କାରେ ଦୁଇଜଣ ବାଇକ୍ ଆରୋହୀଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଯୁବକ ଓ ଜଣେ ଯୁବତୀ ରହିଛନ୍ତି।ସୂଚନା ଅନୁଯାୟୀ, ଆଜି ଏକ ପଲସର ବାଇକ୍ ଯୋଗେ ଉଭୟ ବିଷମକଟକରୁ ରାୟଗଡ଼ା ଅଭିମୁଖେ ଯାଉଥିଲେ। ଏହି ସମୟରେ ଭାଲିଆ ତୋଟା ନିକଟରେ କୌଣସି ଏକ ଅଜ୍ଞାତ ଗାଡ଼ି ସେମାନଙ୍କ ବାଇକ୍କୁ ପ୍ରଚଣ୍ଡ ଧକ୍କା ଦେଇଥିଲା। ଧକ୍କା ଏତେ ଭୟଙ୍କର ଥିଲା ଯେ ଘଟଣାସ୍ଥଳରେ ହିଁ ଉଭୟଙ୍କ ଜୀବନ ଦୀପ ନିଭି ଯାଇଥିଲା। ଦୁର୍ଘଟଣା ଘଟାଇବା ପରେ ଗାଡ଼ିଟି ସେଠାରୁ ଫେରାର ହୋଇଯାଇଥିବା ସନ୍ଦେହ କରାଯାଉଛି।ଦୁର୍ଘଟଣାଗ୍ରସ୍ତ ବାଇକ୍ ନମ୍ବର ଯାଞ୍ଚ ପରେ ଏହା ଟିକିରୀ ଅଞ୍ଚଳର ଆକାଶ ନାୟକଙ୍କର ବୋଲି ଜଣାପଡ଼ିଛି।

## ଆସାମର ପରିଚୟ ରକ୍ଷା ପାଇଁ ଆଞ୍ଚଳିକ ଦଳ ବିଫଳ:ଜାତୀୟ ଦଳ ସହ ମେଣ୍ଟ କରିବାକୁ ବାଧ ହେଉଛନ୍ତି



ଗୁଆହାଟୀ: ଆସାମ ଏକ ନୂତନ ସରକାର ନିର୍ବାଚିତ କରିବାକୁ ପ୍ରସ୍ତୁତ ହେଉଥିବାବେଳେ 'ଆଞ୍ଚଳିକତା' ରାଜ୍ୟ ପାଇଁ ଏକ ମୁଖ୍ୟ ପ୍ରସଙ୍ଗ ହୋଇ ରହିଛି, ଯାହା ଦଶନ୍ଧି ଧରି ବାହାର ଲୋକ, ମୁଖ୍ୟତଃ ବେଆଇନ ପ୍ରବାସୀଙ୍କ ବିପଦରୁ ଏହାର ପରିଚୟ ରକ୍ଷା କରିବାକୁ ଚିନ୍ତା କରୁଛି। ଆସାମ ଗଣ ପରିଷଦ (ଏଜିପି) ସମେତ ଆଞ୍ଚଳିକ ଦଳଗୁଡ଼ିକ ଏହି ଲକ୍ଷ୍ୟ ନେଇ ଗଢ଼ା ହୋଇଥିଲା। କିନ୍ତୁ ସେମାନେ ଲକ୍ଷ୍ୟ ହାସଲରେ ବିଫଳ ହେବା ସହ ଏବେ ନିଜର ଅସ୍ତିତ୍ୱ ରକ୍ଷା ପାଇଁ ଜାତୀୟ (ବିଜେପି ବା କଂଗ୍ରେସ) ସହ ମେଣ୍ଟ କରିବାକୁ ବାଧ ହେଉଛନ୍ତି।ଆଞ୍ଚଳିକ ରାଜନୈତିକ ଦଳଗୁଡ଼ିକର ପ୍ରାସଙ୍ଗିକତା ବର୍ଷ ବର୍ଷ ଧରି ପ୍ରଶ୍ନବାଚୀ ସୃଷ୍ଟି କରିଛି, ଯେଉଁଥିରେ ଆସାମ ଗଣ ପରିଷଦ (ଏଜିପି) ସମେତ ସମସ୍ତ ପ୍ରମୁଖ ସଂଗଠନ ଜାତୀୟ ଦଳ ସହିତ ମେଣ୍ଟ କରିଛନ୍ତି। ସଂସ୍କୃତି, ଭାଷା ଓ ପରିଚୟର ସୁରକ୍ଷା ଆସାମବାସୀଙ୍କ ପାଇଁ ସର୍ବଦା ଚିନ୍ତାର ବିଷୟ ହୋଇଆସୁଛି। ଏହାକୁ ବିଭିନ୍ନ ରାଜନୈତିକ ବ୍ୟବସ୍ଥା ଦ୍ୱାରା ଭିନ୍ନ ଭିନ୍ନ ଢଙ୍ଗରେ ବ୍ୟବହାର କରାଯାଇଛି ବୋଲି ସ୍ତମ୍ଭକାର ତଥା ରାଜନୈତିକ ବିଶ୍ଳେଷକ ବ୍ରୋଜେନ୍ ଡେକା କହିଛନ୍ତି। ସେ କହିଛନ୍ତି ଯେ ବଙ୍ଗଳା ଭାଷାଭାଷୀ ମୁସଲମାନଙ୍କଠାରୁ ଆଦିବାସୀମାନଙ୍କ ପ୍ରତି ବିପଦକୁ ନିକଟ ଦଶନ୍ଧିରେ ସବୁଠାରୁ ପ୍ରମୁଖ ଭାବରେ ଦେଖାଯାଉଛି ଏବଂ ଏହା ଜାରି ରହିଛି। ଏହି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦେଇ ସରକାର ଗଠନ କରାଯାଇଛି।

୨୦୧୬ରେ ବିଜେପି 'ଜାତି, ମାଟି, ଭେଟି' (ସମ୍ପ୍ରଦାୟ, ଜମି, ଘର) ସ୍ଲୋଗାନ ଦେଇ କ୍ଷମତାକୁ ଆସିଥିଲା। ୨୦୨୬ ନିର୍ବାଚନରେ ମଧ ରାଜ୍ୟରୁ ବେଆଇନ ବାଂଲାଦେଶୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତିଶ୍ରୁତି ଦିଆଯାଇଛ। ବେଆଇନ ବିଦେଶୀମାନଙ୍କୁ ଚିହ୍ନଟ କରିବା ଓ ସେମାନଙ୍କୁ ବିତାଡ଼ିତ କରିବାର ଏହି ଆଶ୍ୱାସନା ସହିତ ୧୯୮୫ ଓ ୧୯୯୬ରେ ଏଜିପି ଦୁଇଥର ସରକାରର ନେତୃତ୍ୱ ନେଇଥିଲା, କିନ୍ତୁ ଲକ୍ଷ୍ୟ ହାସଲରେ ବିଫଳ ହୋଇଥିଲା ବୋଲି ନୌଗଙ୍ଗ କଲେଜ (ବର୍ତ୍ତମାନ ନଗାଓଁ ବିଶ୍ୱବିଦ୍ୟାଳୟ)ର ଅବସରପ୍ରାପ୍ତ ପ୍ରଫେସର ନବ କୁମାର ମହାନ୍ତ କହିଛନ୍ତି। ଏବେ କିନ୍ତୁ ଏଜିପି ବିଜେପିର ଏକ ଛୋଟ ସହଯୋଗୀ ପାଲଟିଛି। ଗତ ଦୁଇଟି ବିଧାନସଭା ନିର୍ବାଚନରେ ଦଳ ମୋଟ ୧୨୬ଟି ଆସନ ମଧ୍ୟରୁ ମାତ୍ର ୨୬ଟି ଆସନରେ ପ୍ରତିଦ୍ୱନ୍ଦ୍ୱିତା କରୁଛି। ମହାନ୍ତ କହିଛନ୍ତି, ବର୍ତ୍ତମାନ ଅଧିକ ଚିନ୍ତାଜନକ ବିଷୟ ହେଉଛି ଚଳିତ ବର୍ଷ ଏହାର ୨୬ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୧୩ ଜଣ ମୁସଲମାନ ଓ ସେମାନଙ୍କ ମଧ୍ୟରୁ ଅନେକ ବଙ୍ଗାଳୀ ଭାଷାଭାଷୀ, ଯେଉଁ ସମ୍ପ୍ରଦାୟକୁ ଏଜିପି ପୂର୍ବରୁ ବେଆଇନ ପ୍ରବାସୀ ବୋଲି କହୁଥିଲା। ଏଜିପି ଗଠନ ହେବା ପରଠାରୁ ଏହାର ଏକ ଧର୍ମନିରପେକ୍ଷ ଦୃଷ୍ଟିକୋଣ ଥିଲା, କିନ୍ତୁ ବଙ୍ଗାଳୀ ଭାଷାଭାଷୀ ମୁସଲମାନଙ୍କଠାରୁ ଏହା ସର୍ବଦା ନିଜକୁ ଦୂରେଇ ରଖିଥିଲା। ପରେ ସବୁକିଛି ଓଲଟପାଲଟ ହୋଇଗଲା। କାରଣ କିଛି ନେତାଙ୍କ ଦ୍ୱାରା କ୍ଷମତା ହାସଲ କରିବା ପାଇଁ ତଥା ଶାସକ ମେଣ୍ଟ ପାଇଁ ଅଧିକ ସଂଖ୍ୟା ନିଶ୍ଚିତ କରିବା ଲାଗି ସମ୍ପ୍ରଦାୟକୁ ଆକର୍ଷିତ କରିବା ପାଇଁ ଏଜିପିକୁ ବ୍ୟବହାର କରାଯାଉଛି।ଏଜିପି ଏକ ଦଶନ୍ଧିରୁ ଅଧିକ ସମୟ ଧରି ବିଜେପି ସହିତ ସହଭାଗିତା କରି ଆଞ୍ଚଳିକତାବାଦ ପ୍ରଚାର କରିବାର ମୂଳ ପରିଚୟରୁ ବିଚ୍ୟୁତ ହୋଇଛି, ଯାହା ହିନ୍ଦୁତ୍ୱ ବ୍ରାଣ୍ଡର ରାଜନୀତି ଓ ୟୁନିଫର୍ମ କୋଡ୍‌କୁ ପ୍ରୋତ୍ସାହିତ କରିବା ପାଇଁ ଜଣାଶୁଣା। ଏହି ଦଶନ୍ଧି ଆରମ୍ଭରେ ଆସାମର ପରିଚୟ ପାଇଁ ଲଢ଼ିବା ଲାଗି ଗଠିତ ହୋଇଥିବା ରାଇଜର ଦଳ ଓ ଆସାମ ଜାତୀୟ ପରିଷଦ ପରି ଅନ୍ୟ ଆଞ୍ଚଳିକ ଦଳ ବିରୋଧୀ କଂଗ୍ରେସ ସହିତ ମେଣ୍ଟ କରିଛନ୍ତି, ଯିଏ ମୂଳତଃ 'ଭୋଟ୍ ବ୍ୟାଙ୍କ' ପାଇଁ ରାଜ୍ୟରେ ବେଆଇନ ପ୍ରବାସୀଙ୍କୁ ସମର୍ଥନ କରୁଛି।

## କତାରର ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ, ୬ ମୃତ



ନୂଆଦିଲ୍ଲୀ : ଇସ୍ରାଏଲ-ଆମେରିକା-ଇରାନ ବିବାଦ ମଧ୍ୟରେ କାତାରର ଏକ ସାମରିକ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଛି । ଏହି ଦୁର୍ଘଟଣାରେ ୬ ଜଣଙ୍କର ମୃତ୍ୟୁ ଘଟିଛି ବୋଲି ସରକାର ସ୍ପଷ୍ଟ କରିଛନ୍ତି । ପାରସ୍ୟ ଉପସାଗରରେ ଦେଶର ଜଳସୀମାରେ ଏହି ଦୁର୍ଘଟଣା ଘଟିଛି । ଜଣେ ବ୍ୟକ୍ତି ନିଖୋଜ ଥିବା କାତାରର ଗୃହ ମନ୍ତ୍ରଣାଳୟ କହିଛି । ସୂଚନାନୁଯାୟୀ, ଯାନ୍ତ୍ରିକ ତ୍ରୁଟି ଯୋଗୁଁ ଏଭଳି ଘଟଣା ଘଟିଥିବା ପ୍ରତିରକ୍ଷା ମନ୍ତ୍ରଣାଳୟ ପକ୍ଷରୁ ସୂଚନା ମିଳିଛି । ହେଲିକପ୍ଟରଟି ପ୍ରତିଦିନ ଭଳି ଡ୍ୟୁଟିରେ ଥିବାବେଳେ ହଠାତ୍ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଆଭ୍ୟନ୍ତରିକ ମନ୍ତ୍ରଣାଳୟଙ୍କ ବିବୃତ୍ତିରେ ମୃତକଙ୍କ ଜାତୀୟତା ସ୍ପଷ୍ଟ କରାଯାଇନାହିଁ । ଏହା ଛଡା ସେ ଜଣେ ସୈନ୍ୟ କି ସାଧାରଣ ନାଗରିକ ତାହା ମଧ ଜଣାପଡିନାହିଁ । ଏବେ ନିଖୋଜ ବ୍ୟକ୍ତିଙ୍କୁ ଖୋଜୁଛନ୍ତି । ଯେଉଁଥିରେ କୋଷ୍ଟ ଗାର୍ଡ ଏବଂ ଇଣ୍ଟରନାଲ ସିକ୍ୟୁରିଟି ଫୋର୍ସଙ୍କ ଟିମ୍ ଏଥିରେ ସାମିଲ ଥିଲେ । ଏହାରି ମଧ୍ୟରେ କାତାରର ରକ୍ଷା ମନ୍ତ୍ରଣାଳୟ ଢରେ ପୋଷ୍ଟ ସେୟାର କରି କହିଛନ୍ତି ଯେ, "ନିୟମିତ ଡ୍ୟୁଟିରେ ଥିବା ସମୟରେ ଏକ କାତାର ହେଲିକପ୍ଟର ଯାନ୍ତ୍ରିକ ତ୍ରୁଟିର ସମ୍ମୁଖୀନ ହୋଇଥିଲା । ଫଳରେ ଏହା ରାଜ୍ୟର ଆଞ୍ଚଳିକ ଜଳସୀମାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ଏହି ଦୁର୍ଘଟଣାରେ ନିଖୋଜ ଥିବା କ୍ରୁ ଏବଂ ଯାତ୍ରୀଙ୍କ ସନ୍ଧାନ ଜାରି ରହିଛି ।" ଏଥିସହ ଇରାନ ଲଗାତାର ଭାବେ କାତାରରେ ଥିବା ଆମେରିକୀୟ ଗାଡ଼ି ଗୁଡିକୁ ଟାର୍ଗେଟ କରିଛି । ଯଦିଓ କୌଣସି ଦାବି କରାଯାଇନାହିଁ ତଥାପି ହେଲିକପ୍ଟରଟି ଇରାନ୍ ଆକ୍ରମଣର ଶିକାର ହେବାର ଆଶଙ୍କା ରହିଛି । ଏହି ଦୁର୍ଘଟଣା ଯାନ୍ତ୍ରିକ ତ୍ରୁଟି ଯୋଗୁଁ ହୋଇଥିବା କୌଣସି ଏକ ରିପୋର୍ଟରୁ ସୂଚନା ମିଳୁଛି । ଉପସାଗରୀୟ ଅଞ୍ଚଳ ଉପରେ ଇରାନର ଆକ୍ରମଣ ହେବା ପରେ କାତାର ସମେତ ଅନେକ ଦେଶ ହାଇ ଆଲର୍ଟରେ ରହିଛନ୍ତି । କିନ୍ତୁ ଏହା କୌଣସି ଶତ୍ରୁ କାର୍ଯ୍ୟକଳାପକୁ ସୂଚିତ କରେ ନାହିଁ ବୋଲି ଅଧିକାରୀମାନେ ସ୍ପଷ୍ଟ କରିଛନ୍ତି । ଅନ୍ୟପଟେ ଏହି ଘଟଣା ପରେ କାତାରର ସେନା ଏବଂ ସରକାର ତୁରନ୍ତ ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଥିଲେ । ଯାହା ଦ୍ୱାରା ଯାନ୍ତ୍ରିକ ତ୍ରୁଟିର କାରଣ ସମ୍ପର୍କରେ ଜଣାପଡିବ । ଏହି ଘଟଣା ଉପସାଗରରେ ତୈଳ ଏବଂ ଗ୍ୟାସ୍ କାର୍ଯ୍ୟକୁ ତୁରନ୍ତ ପ୍ରଭାବିତ କରିନାହିଁ । କିନ୍ତୁ ବିଶେଷଜ୍ଞମାନେ କହିଛନ୍ତି ଯେ, ଏପରି ଦୁର୍ଘଟଣା ଆଞ୍ଚଳିକ ଅସ୍ଥିରତାକୁ ଆହୁରି ବଢ଼ାଇଦେଇପାରେ । କାତାରର ଆନ୍ତର୍ଜାତୀୟ ସମ୍ପ୍ରଦାୟକୁ ସହାୟତା ପାଇଁ ଆବେଦନ କରିନାହିଁ । କିନ୍ତୁ ଉଦ୍ଧାର ପ୍ରୟାସ ଜାରି ରହିଛି । ମୃତକଙ୍କ ପରିବାର ପ୍ରତି ମଧ ସମବେଦନା ପ୍ରକାଶ କରାଯାଇଛି ।

## ପୁଣି ପାକିସ୍ତାନର ପାଗଳାମି, ଭାରତକୁ ପରମାଣୁ ବୋମାର ଧମକ



ନୂଆଦିଲ୍ଲୀ : ଭାରତକୁ ପରମାଣୁ ବୋମାର ଧମକ। ଆମେରିକା ଆମ ପରମାଣୁ ଅସ୍ତ୍ରକୁ ଟାର୍ଗେଟ୍ କଲେ ଆମେ ଦିଲ୍ଲୀ-ମୁମ୍ବାଇ ଉପରେ ବୋମା ପକାଇବୁ ବୋଲି କହିଛନ୍ତି ପାକିସ୍ତାନର ପୂର୍ବତନ ହାଇକମିଶନର ଅବଦୁଲ ବାସିତ। ପାକିସ୍ତାନର ପୂର୍ବତନ ହାଇକମିଶନର ଅବଦୁଲ ବାସିତ ଏକ ଅତ୍ୟନ୍ତ ବିବାଦୀୟ ଏବଂ ଆଶ୍ଚର୍ଯ୍ୟଜନକ ବୟାନ ଦେଇଛନ୍ତି। ସେ କହିଛନ୍ତି, ଯଦି କେବେ ଆମେରିକା ପାକିସ୍ତାନର ପରମାଣୁ ସାମର୍ଥ୍ୟକୁ ନଷ୍ଟ କରିବାକୁ ଚେଷ୍ଟା କରେ ତାହେଲେ ପାକିସ୍ତାନ ବିନା ଦ୍ୱିଧାରେ ଭାରତର ଦିଲ୍ଲୀ ଏବଂ ମୁମ୍ବାଇ ଭଳି ବଡ଼ ସହର ଉପରେ ଆକ୍ରମଣ କରିବ। ବାସିତଙ୍କ କହିବା ଅନୁଯାୟୀ, ଯଦି ଆମେରିକା ପାକିସ୍ତାନ ଉପରେ ଆକ୍ରମଣ କରେ ତେବେ ପାକିସ୍ତାନ ପାଖରେ ଭାରତ ଉପରେ ଆକ୍ରମଣ କରିବା ଛଡ଼ା ଅନ୍ୟ କୌଣସି ବିକଳ୍ପ ରହିବ ନାହିଁ। ପରବର୍ତ୍ତୀ ପରିଣାମ କ'ଣ ହେବ ତାହା ପରେ ଦେଖାଯିବ ବୋଲି ସେ କହିଛନ୍ତି । ପାକିସ୍ତାନର ପରମାଣୁ କାର୍ଯ୍ୟକ୍ରମ ସବୁବେଳେ 'ଭାରତ-କେନ୍ଦ୍ରିକ' ବୋଲି ସେ ଦର୍ଶାଇଛନ୍ତି । ଯଦିଓ ସେ ଏହାକୁ ଏକ କଳ୍ପନା ବୋଲି କହିଛନ୍ତି କିନ୍ତୁ ସିଧାସଳଖ ଭାରତୀୟ ସହରର ନାମ ନେଇ ଧମକ ଦେବା ଅତ୍ୟନ୍ତ ଚିନ୍ତାଜନକ । ଅବଦୁଲ ବାସିତ ୨୦୧୪ ରୁ ୨୦୧୭ ପର୍ଯ୍ୟନ୍ତ ଭାରତରେ ପାକିସ୍ତାନର ପ୍ରମୁଖ କୂଟନୀତିଜ୍ଞ ଥିଲେ । ତାଙ୍କର ଏହି ବୟାନ ବର୍ତ୍ତମାନ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ଏହି ମନ୍ତବ୍ୟ ଏପରି ଏକ ସମୟରେ ଆସିଛି ଯେତେବେଳେ ଦକ୍ଷିଣ ଏସିଆରେ ସାମରିକ ଉତ୍ତେଜନା ବୃଦ୍ଧି ପାଉଛି । ବିଶେଷଜ୍ଞମାନେ ଏହାକୁ କେବଳ ଧ୍ୟାନ ଆକର୍ଷଣ କରିବା ପାଇଁ ଏକ "ପାଗଳାମି ଭରା ମନ୍ତବ୍ୟ" ବୋଲି କହୁଛନ୍ତି ।

## ୭-୧୩ ବର୍ଷ ବୟସର ପିଲାଙ୍କୁ ନିଯୁକ୍ତି ଦେଉଛନ୍ତି ଜୈସ୍ ଓ ଲସ୍କର




ନୂଆଦିଲ୍ଲୀ: ପାକିସ୍ତାନ ଓ ପାକ୍-ଅଧିକୃତ କାଶ୍ମୀରରେ ଧାର୍ମିକ ସମାବେଶ, ରାଲି ଓ ଆତଙ୍କବାଦୀ ତାଲିମ ଶିବିର ଆୟୋଜନ କରିବା ପରେ ଆତଙ୍କବାଦୀ ସଂଗଠନ ଜୈସ-ଏ-ମହମ୍ମଦ ଓ ଲସ୍କର-ଏ-ତୋଇବା ବର୍ତ୍ତମାନ ବିଦ୍ୟାଳୟ ଉପରେ ଧ୍ୟାନ ଦେଇଛନ୍ତି। ରିପୋର୍ଟ ଅନୁଯାୟୀ, ଏହି ସଂଗଠନଗୁଡ଼ିକ ନୂତନ ପିଢ଼ିର ଆତଙ୍କବାଦୀ ଗଠନ ପାଇଁ ଛାତ୍ରମାନଙ୍କୁ ନିଯୁକ୍ତି ଦେଉଛନ୍ତି। ପାକିସ୍ତାନର ପ୍ରମୁଖ ସହର ଓ ପିଓକେ ଅଞ୍ଚଳରେ ପୋଷ୍ଟର ଓ ବିଜ୍ଞାପନ ଦେଖିବାକୁ ମିଳିଛି, ଯେଉଁଥିରେ ଅଭିଭାବକମାନଙ୍କୁ ୭ରୁ ୧୩ ବର୍ଷ ବୟସର ପିଲାମାନଙ୍କୁ ଗୋଷ୍ଠୀ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ନାମ ଲେଖାଇବାକୁ ଉତ୍ସାହିତ କରାଯାଇଛି। ଶିକ୍ଷା ସହ ମାଗଣା ଭୋଜନ ଓ ମାସିକ ଭତ୍ତାର ଲୋଭ ଦେଖାଯାଉଛି। ଏହା ବ୍ୟତୀତ ଏହି ସଂଗଠନଗୁଡ଼ିକ ଇସଲାମିକ ନୀତି ଉପରେ ଆଧାରିତ ଯୁଦ୍ଧ ତାଲିମ ପ୍ରଦାନ କରୁଛନ୍ତି। ଏହି ଆତଙ୍କବାଦୀ ସଂଗଠନର ସଦସ୍ୟମାନେ ଭାଷଣ ଦେବା ପାଇଁ ପିଓକେର ସରକାରୀ ଓ ବେସରକାରୀ ବିଦ୍ୟାଳୟ ପରିଦର୍ଶନ କରୁଛନ୍ତି। ଆତଙ୍କବାଦୀ ଥିମ୍ ଥିବା ପୋଷାକ ପ୍ରତିଯୋଗିତା ଏବଂ କାଶ୍ମୀରରେ ନିହତ ଆତଙ୍କବାଦୀଙ୍କୁ ଗୌରବାନ୍ୱିତ କରିବା ତଥା ମୁସଲମାନ ଅତ୍ୟାଚାରର ମନଗଢ଼ା କାହାଣୀ ପ୍ରଚାର କରିବା ପାଇଁ ନାଟକ ମଞ୍ଚସ୍ଥ କରାଯାଉଛି। ଆତଙ୍କବାଦୀ ସଂଗଠନଗୁଡ଼ିକ ଗତ ବର୍ଷ ସେପ୍ଟେମ୍ବରରେ ବିଦ୍ୟାଳୟରେ ଆତଙ୍କବାଦୀ ମାନସିକତା ସୃଷ୍ଟି କରିବା ପାଇଁ ଷଡ୍ ?ଯନ୍ତ୍ର ଆରମ୍ଭ କରିଥିଲେ ଏବଂ ଅନ୍ୟ ଆତଙ୍କବାଦୀ ସଂଗଠନ ଅପେକ୍ଷା ଜୈସ-ଏ-ମହମ୍ମଦ ଏହି ପ୍ରୟାସରେ ଅଧିକ ସକ୍ରିୟ ରହିଛି। ଲସ୍କର-ଏ-ତୋଇବାର କାର୍ଯ୍ୟକଳାପ ଏହାର ସହଯୋଗୀ ସଂସ୍ଥା ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ସୀମିତ। ଜୈସ-ଏ-ମହମ୍ମଦ ସରକାରୀ, ବେସରକାରୀ ଓ ଅନ୍ୟାନ୍ୟ ବିଦ୍ୟାଳୟରେ ମଧ ନିଜର ପ୍ରଭାବ ବିସ୍ତାର କରୁଛି। ଛାତ୍ରମାନଙ୍କ ପାଇଁ ବିଦ୍ୟାଳୟ ବାହାରେ ଜିହାଦୀ କାର୍ଯ୍ୟକ୍ରମ ଚାଲିଛି। ଏହି ସଂଗଠନଗୁଡ଼ିକ ମୁଖ୍ୟତଃ ଆର୍ଥିକ ଅନଗ୍ରସର ପରିବାରକୁ ଟାର୍ଗେଟ୍ କରନ୍ତି। ପିଓକେର ଅନେକ ଅଭିଭାବକ ସେମାନଙ୍କ ପିଲାମାନଙ୍କୁ ବର୍ତ୍ତମାନର ବିଦ୍ୟାଳୟରୁ ନାମ କଟାଇ ବାହାବଲପୁର, ଲାହୋର, ମୁରିଦକେ ଓ କରାଚୀରେ ଥିବା ଏହି ଆତଙ୍କବାଦୀ ବିଦ୍ୟାଳୟକୁ ପଠାଇଛନ୍ତି।

## ପାନେଟାଙ୍କ ଚେତାବନୀ:ହର୍ମୁଜ ପ୍ରଣାଳୀ ସଙ୍କଟ ପାଇଁ କେବଳ ଟ୍ରମ୍ପ ଦାୟୀ

ୱାସିଂଟନ: ଆତଙ୍କବାଦୀ ଓସାମା ବିନ୍ ଲାଦେନକୁ ନିପାତ କରିବା ଅଭିଯାନର ମୁଖ୍ୟ ଚେହେରା ତଥା ପୂର୍ବତନ ସିଆଇଏ ନିର୍ଦ୍ଦେଶକ ଲିଓନ ପାନେଟା ବର୍ତ୍ତମାନର ହର୍ମୁଜ ପ୍ରଣାଳୀ ସଙ୍କଟ ପାଇଁ ସିଧାସଳଖ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ କାଠଗଡ଼ାରେ ଠିଆ କରିଛନ୍ତି। ପାନେଟାଙ୍କ ଏହି ବିଶ୍ଳେଷଣ କେବଳ ଏକ ସାଧାରଣ ସମାଲୋଚନା ନୁହେଁ, ବରଂ ଏହା ଆମେରିକାର ବୈଦେଶିକ ନୀତି ଏବଂ ସାମରିକ ରଣନୀତିର ଏକ ଗଭୀର ବିଫଳତାକୁ ଦର୍ଶାଉଛି। ଯେଉଁଠାରେ ଆମେରିକା ପୂର୍ବରୁ ନିଜର ସହଯୋଗୀ ଗୋଷ୍ଠୀ (ନାଟୋ) ସହ ମିଶି ଯୁଦ୍ଧ କରୁଥିଲା, ଆଜି ଟ୍ରମ୍ପଙ୍କ ଦୁର୍ବଳ ନୀତି ଯୋଗୁଁ ବିଶ୍ୱର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଜଳପଥରେ ଆମେରିକୀୟ ନୌସେନା ଅସହାୟ ହୋଇପଡ଼ିଛି। ପାନେଟାଙ୍କ ମତରେ, ଟ୍ରମ୍ପଙ୍କ ଅପରିପକ୍ୱ ନିଷ୍ପତ୍ତି ଏବଂ ସହଯୋଗୀ ରାଷ୍ଟ୍ରଙ୍କ ପ୍ରତି ଥିବା ତାଚ୍ଛଲ୍ୟଭରା ମନୋଭାବ ଯୋଗୁଁ ଆଜି କୌଣସି ବିଶ୍ୱଶକ୍ତି ଆମେରିକାକୁ ସାହାଯ୍ୟ କରିବାକୁ ଆଗେଇ ଆସୁନାହାନ୍ତି, ଯାହା ସମଗ୍ର ବିଶ୍ୱର ଅର୍ଥନୀତିକୁ ବିପର୍ଯ୍ୟୟ ଆଡ଼କୁ ଠେଲି ଦେଇଛି। ଲିଓନ ପାନେଟା ଏକ ସାକ୍ଷାତକାରରେ ସ୍ପଷ୍ଟ କରିଛନ୍ତି ଯେ, ଇରାନ ସହିତ ଚାଲିଥିବା ଏହି ସାମରିକ ଉତ୍ତେଜନା ମଧ୍ୟରେ ରାଷ୍ଟ୍ରପତିଙ୍କ ପାଖରେ କୌଣସି 'ଏକଜିଟ୍ ଷ୍ଟ୍ରାଟେଜି' ବା ଯୁଦ୍ଧରୁ ବାହାରିବାର ଯୋଜନା ନାହିଁ। ସେ କହିଛନ୍ତି ଯେ, ନିଜର ଗର୍ବ ଏବଂ କଂଗ୍ରେସକୁ ଅନ୍ଧାରରେ ରଖି ନିଷ୍ପତ୍ତି ନେବା ଫଳରେ ଟ୍ରମ୍ପ ଆମେରିକାର ଗରିମାକୁ କ୍ଷୁଣ୍ଣ କରିଛନ୍ତି। ବାଣିଜ୍ୟିକ ଜାହାଜଗୁଡ଼ିକୁ ସୁରକ୍ଷା ଦେବାରେ ଆମେରିକା ନୌସେନାର ବିଫଳତା ହେଉଛି ଏକ ବଡ଼ ରଣନୈତିକ ପରାଜୟ। ପାନେଟା ଟ୍ରମ୍ପଙ୍କୁ ପରାମର୍ଶ ଦେଇଛନ୍ତି ଯେ, ଯଦି ସେ ପ୍ରକୃତରେ ସ୍ଥିତି ସୁଧାରିବାକୁ ଚାହୁଁଛନ୍ତି, ତେବେ ପ୍ରଥମେ ନିଜେ ନେତୃତ୍ୱ ନେଇ ଇରାନର ଆକ୍ରମଣ କ୍ଷମତାକୁ ଦୁର୍ବଳ କରନ୍ତୁ, ଯାହା ଦ୍ୱାରା ଅନ୍ୟ ମିତ୍ର ଦେଶମାନେ ଆଶ୍ୱସ୍ତ ହୋଇ ସାମିଲ ହେବେ। କେବଳ ଧମକ କିମ୍ବା ଟ୍ୱିଟ୍ ମାଧ୍ୟମରେ ହର୍ମୁଜ ପ୍ରଣାଳୀ ଭଳି ସମ୍ବେଦନଶୀଳ ସ୍ଥାନରେ ଶାନ୍ତି ଫେରିବ ନାହିଁ ବୋଲି ସେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ପରିପ୍ରେକ୍ଷୀରେ, ପାନେଟାଙ୍କ ଏହି ବୟାନ ଟ୍ରମ୍ପ ପ୍ରଶାସନ ଉପରେ ଚାପ ବଢ଼ାଇବା ସହ ଆଗାମୀ ଦିନରେ ଆମେରିକାର ସାମରିକ ପଦକ୍ଷେପ କ'ଣ ହେବ, ତାହା ଉପରେ ସମସ୍ତଙ୍କ ନଜର ରହିଛି।

## ପଶ୍ଚିମ ଏସିଆକୁ ଏୟାର ଇଣ୍ଡିଆର ୨୫୦୦ ଉଡ଼ାଣ ବାତିଲ

ନୂଆଦିଲ୍ଲୀ: ଟାଟା ଗ୍ରୁପ୍ ଅଧୀନରେ ପରିଚାଳିତ ଏୟାର ଇଣ୍ଡିଆ ପକ୍ଷରୁ ଗତ ତିନି ସପ୍ତାହରେ ପଶ୍ଚିମ ଏସିଆକୁ ୨୫୦୦ ବିମାନର ଉଡ଼ାଣ ବାତିଲ କରାଯାଇଛି। ଇରାନ ସଙ୍କଟ ପାଇଁ କମ୍ପାନି ଏବେ ନିଜ କ୍ଷମତାର ୩୦ ପ୍ରତିଶତ ଉପଯୋଗ କରିପାରୁଥିବା ସିଇଓ କ୍ୟାମ୍ପବେଲ ୱିଲସନ କହିଛନ୍ତି। କର୍ମଚାରୀମାନଙ୍କୁ ସେ ଜଣାଇଛନ୍ତି ଯେ ଯୁଦ୍ଧ ପ୍ରଭାବରେ ପଶ୍ଚିମ ଏସିଆର ବିଭିନ୍ନ ବିମାନବନ୍ଦର ଓ ଆକାଶ ମାର୍ଗ ବନ୍ଦ ରହୁଥିବାରୁ କମ୍ପାନିକୁ ଉଡ଼ାଣ ବାତିଲ କରିବାକୁ ପଡୁଛି। ସୁରକ୍ଷା ପ୍ରତି ମଧ ଧ୍ୟାନ ଦେବାକୁ ପଡୁଛି। ମଧ୍ୟପ୍ରାଚ୍ୟ ସଙ୍କଟ ପରଠାରୁ ଏହି ସମସ୍ୟା ଆରମ୍ଭ ହୋଇଛି। ବିମାନ ଇନ୍ଧନ ଦର ଦ୍ୱିଗୁଣିତ ହୋଇଥିବାରୁ ବିମାନ ଶିଳ୍ପ ଉପରେ ତାହାର ଆର୍ଥିକ ପ୍ରଭାବ ମଧ ପଡୁଛି। ତାହା ଆସନ୍ତା ମାସଠାରୁ କମ୍ପାନିକୁ ପ୍ରକୃତରେ ପ୍ରଭାବିତ କରିବା ଆରମ୍ଭ କରିବ ବୋଲି ସେ କହିଛନ୍ତି। ବର୍ଦ୍ଧିତ ଖର୍ଚ୍ଚର କିଛି ଅଂଶ ଭରଣା କରିବାକୁ କମ୍ପାନି ଇନ୍ଧନ ସରଚାର୍ଜ ଲଗାଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ପାକିସ୍ତାନ ଆକାଶମାର୍ଗକୁ ବନ୍ଦ ରଖିଥିବାରୁ ଭାରତରୁ ବ୍ରିଟେନ, ୟୁରୋପ ଓ ଉତ୍ତର ଆମେରିକା ଯାଉଥିବା ବିମାନଗୁଡ଼ିକୁ ଲମ୍ବା ଯାତ୍ରା କରିବାକୁ ପଡୁଥିଲା। ଇରାନ ସଙ୍କଟ ପରେ ସେହି ବିମାନଗୁଡ଼ିକର ଯାତ୍ରା ଆହୁରି ଲମ୍ବା ହୋଇଛି।

## ଯୁଦ୍ଧରେ ହାରିବା ଭଳି ସ୍ଥିତିରେ ଡାର୍ଟି ବମ୍ ବ୍ୟବହାର କରିବ କି ଇରାନ ?



ତେହେରାନ: ଆମେରିକା-ଇସ୍ରାଏଲ-ଇରାନ ଯୁଦ୍ଧ ଚତୁର୍ଥ ସପ୍ତାହରେ ପହଞ୍ଚିସାରିଛି। ଇରାନ ମଧ୍ୟପ୍ରାଚ୍ୟରେ ବ୍ୟାପକ ପ୍ରତିଶୋଧ ଆରମ୍ଭ କରିଛି। କିନ୍ତୁ ଏପର୍ଯ୍ୟନ୍ତ ଏହା ସାମରିକ କ୍ଷତି ଓ ସମନ୍ୱିତ ଆକ୍ରମଣର ଚାପ ଦୃଷ୍ଟିରୁ ରଣନୀତିକ ଭାବରେ ହାରିବା ସ୍ଥିତିରେ ଥିବା ଜଣାପଡିଛି। ତଥାପି ତେହେରାନ ପାଖରେ ଆଉ ଏକ ଅସ୍ତ୍ର ଅଛି ଯାହାକୁ ଏହା ଶତ୍ରୁର ବଡ଼ କ୍ଷତି ଘଟାଇବା ପାଇଁ ବ୍ୟବହାର କରିପାରିବ। ତାହା ହେଉଛି ବ୍ୟାପକ ଅଞ୍ଚଳରେ ତେଜସ୍କ୍ରିୟ ବିକିରଣକ୍ଷମ 'ଡାର୍ଟି ବମ୍'।

ମଧ୍ୟପ୍ରାଚ୍ୟରେ କ୍ରମାଗତ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ଆକ୍ରମଣ ସତ୍ତ୍ୱେ ତେହେରାନ ଏପର୍ଯ୍ୟନ୍ତ ୱାସିଂଟନ ଓ ଜେରୁଜେଲମରେ ବ୍ୟାପକ କ୍ଷତି କରିବାର ଇଚ୍ଛା ପୂରଣ କରିବାରେ ବିଫଳ ହୋଇଛି। ଡାର୍ଟି ବମ୍ ବ୍ୟବହାର କରି ସେ ଏହି ଲକ୍ଷ୍ୟ ପୂରଣ କରିପାରିବ। ଏହିପରି ଅସ୍ତ୍ର ତେହେରାନର କ୍ରମବର୍ଦ୍ଧିଷ୍ଣୁ କଠୋରପନ୍ଥୀ ନେତୃତ୍ୱକୁ ପୂର୍ଣ୍ଣ ଆଣବିକ ଯୁଦ୍ଧର ଆଶ୍ରୟ ନ ନେଇ ବ୍ୟାପକ କ୍ଷତି କରିବାର ଏକ ଉପାୟ ପ୍ରଦାନ କରିପାରେ।

ଏକ ଡାର୍ଟି ବମ୍ ହେଉଛି ଏକ ତେଜସ୍କ୍ରିୟ ବିକିରଣ ଉପକରଣ। ଏକ ପାରମ୍ପରିକ ବୋମା ଭିତରେ ତେଜସ୍କ୍ରିୟ ପଦାର୍ଥ ଭର୍ତ୍ତି କରି ଏହା ନିର୍ମାଣ କରାଯାଏ। ଏହି ବୋମା ବିସ୍ଫୋରଣ ପରେ ଆଖପାଖ ଅଞ୍ଚଳକୁ ଦୂଷିତ କରିଥାଏ। ତୁରନ୍ତ ପ୍ରଭାବ ଦୃଷ୍ଟିରୁ ଆଣବିକ ଅସ୍ତ୍ର ଅପେକ୍ଷା ଏହା ବହୁତ କମ୍ ବିନାଶକାରୀ, ଏହା କୃଷି ଜମି ଓ ଜଳ ଉତ୍ସକୁ ପ୍ରଦୂଷିତ କରି ଗୁରୁତର ଦୀର୍ଘକାଳୀନ କ୍ଷତି ଘଟାଇପାରେ ଏବଂ ସଂସ୍ପର୍ଶରେ ଆସିଥିବା ଲୋକଙ୍କ ମଧ୍ୟରେ କର୍କଟ ଓ ଆକ୍ୟୁଟ୍ ରେଡିଏସନ ସିଣ୍ଡ୍ରୋମ୍ (ଏଆର୍‌ଏସ୍) ଭଳି ରୋଗର ଆଶଙ୍କା ବଢାଇପାରେ। ଏଆର୍‌ଏସ୍ ଅସ୍ଥି ମଜ୍ଜା, ପାକସ୍ଥଳୀ ଓ ହୃଦ୍‌ଯନ୍ତ୍ର ପ୍ରଣାଳୀକୁ କ୍ଷତି ପହଞ୍ଚାଇଥାଏ, ଯାହା ସଂକ୍ରମଣ, ଆଭ୍ୟନ୍ତରୀଣ ରକ୍ତସ୍ରାବ ଓ ଅଙ୍ଗ ବିଫଳତା ସୃଷ୍ଟି କରିପାରେ। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଅନୁଯାୟୀ, ଦୀର୍ଘକାଳୀନ ସଂସ୍ପର୍ଶରେ ଆସିବା ଦ୍ୱାରା ଲ୍ୟୁକେମିଆ, କର୍କଟ, ହୃଦ୍ ?ରୋଗ ଓ ମୋତିଆବିନ୍ଦୁ ହେବାର ଆଶଙ୍କା ବଢିପାରେ।

ହଁ, ପାରିବ। ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସି ଅନୁଯାୟୀ, ତେହେରାନରେ ୪୪୦ କିଲୋଗ୍ରାମ୍ ଉଚ୍ଚ ସମୃଦ୍ଧ ୟୁରାନିୟମ୍ ଅଛି ଯାହା ୬୦ପ୍ରତିଶତ ୟୁରାନିୟମ୍ -୨୩୫ ସମୃଦ୍ଧ ହୋଇଛି। ଏକ ଆଣବିକ ଯୁଦ୍ଧାସ୍ତ୍ର ସାଧାରଣତଃ ୯୦ ପ୍ରତିଶତ ପର୍ଯ୍ୟନ୍ତ ସମୃଦ୍ଧ ହେବା ଆବଶ୍ୟକ କରୁଥିବାବେଳେ ଯଦି ଇରାନ ଚାହିବ ୬୦ ପ୍ରତିଶତ ସମୃଦ୍ଧ ୟୁରାନିୟମ୍ ଦ୍ୱାରା ଉଭୟ ଡାର୍ଟି ବମ୍ ଓ ପାରମ୍ପରିକ ଆଣବିକ ଅସ୍ତ୍ର ତିଆରି କରିପାରିବ। ବାସ୍ତବରେ, ଏକ ଡାର୍ଟି ବମ୍ ନିର୍ମାଣ ପାଇଁ ଇରାନର ସମ୍ଭାବ୍ୟ କ୍ଷମତା ମଧ ଆମେରିକା ଆକ୍ରମଣର ଅନ୍ୟତମ କାରଣ।

ଇରାନ ଆଜିଯାଏ ଏହା କରିନାହିଁ କାରଣ ଏହା ବ୍ୟାପକ ପ୍ରତିଶୋଧକୁ ଆମନ୍ତ୍ରଣ କରିବ, ଯେଉଁଥିରେ ଅନ୍ୟ ଦେଶମାନେ ବି ଯୋଗ ଦେଇପାରନ୍ତି। କିନ୍ତୁ ହାରିବା ସ୍ଥିତିରେ ବି ହାର ମାନିବାକୁ ଚାହୁଁ ନ ଥିବା ଇରାନ ନାଚାର ଅବସ୍ଥାରେ ଯାହା କିଛି ବି କରିପାରେ। ଏଭଳି ଅଶଙ୍କା ଅମୂଳକ ନୁହେଁ। ତେବେ ଇରାନ ପାଖରେ ପ୍ରକୃତରେ ଏକ ଡାର୍ଟି ବମ୍ ଅଛି କି ନାହିଁ ଏବଂ ଏହା ବ୍ୟବହାର କରିବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ।

## ଡିପ୍-ଟେକ୍' ଇନୋଭେସନକୁ ବିଶ୍ୱ ଦରବାରରେ ପହଞ୍ଚାଇବ 'ଭାରତ ଇନୋଭେଟ୍ସ'

ମୁମ୍ବାଇ: 'ଭାରତ ଇନୋଭେଟ୍ସ' ଆମ ଦେଶର 'ଡିପ୍-ଟେକ୍' ଇନୋଭେସନକୁ ବିଶ୍ୱ ଦରବାରରେ ପହଞ୍ଚାଇବ ବୋଲି ରବିବାର ଆଇଆଇଟି ବମ୍ବେ ପରିସରରେ ଆୟୋଜିତ 'ଭାରତ ଇନୋଭେଟ୍ସ ଡିପ୍-ଟେକ୍ ପ୍ରି-ସମିଟ୍ - ୨୦୨୬'ର ଉଦ୍ ?ଯାପନୀ ସମାରୋହରେ ଯୋଗଦେଇ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଫ୍ରାନ୍ସର ନିସ୍ ସହରରେ ଆୟୋଜିତ ହେବାକୁ ଥିବା ଆନ୍ତର୍ଜାତୀୟ 'ଭାରତ ଇନୋଭେଟ୍ସ ୨୦୨୬' ସମ୍ମିଳନୀ ପୂର୍ବରୁ ଏହି ଦୁଇ ଦିନିଆ ପ୍ରି-ସମିଟ୍ ଏକ ଗୁରୁତ୍ୱପୂର୍ଣ୍ଣ ମଞ୍ଚ ଭାବେ ଉଭା ହୋଇଛି। କାର୍ଯ୍ୟକ୍ରମ ଅବସରରେ ଶ୍ରୀ ପ୍ରଧାନ ଶିକ୍ଷ ଜଗତର ପ୍ରତିଷ୍ଠିତ ବ୍ୟକ୍ତିବିଶେଷ ଏବଂ ନିବେଶକମାନଙ୍କ ସହ ଏକ ଗୋଲଟେବୁଲ ବୈଠକରେ ଆଲୋଚନା କରିଥିଲେ। ଡିପ୍-ଟେକ୍ କ୍ଷେତ୍ରରେ ନବସୃଜନ, ଶିଳ୍ପ ଓ ଶିକ୍ଷାନୁଷ୍ଠାନ ମଧ୍ୟରେ ସହଭାଗିତା ଏବଂ ଷ୍ଟାର୍ଟଅପ୍ ଗୁଡ଼ିକ ପାଇଁ ସ୍ଥାୟୀ ପୁଞ୍ଜିନିବେଶ ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି।

# ୫ ସ୍ୱର୍ଣ୍ଣ ସହିତ ୧୭ ପଦକ ପାଇଲା ଓଡିଶା




ଭୁବନେଶ୍ୱର,୨୨।୩: ୨୪ତମ ଜାତୀୟ ପାରା ଆଥଲେଟିକ୍ ଚ୍ୟାମ୍ପିୟାନସିପ ଆଜି ସ୍ଥାନୀୟ କଳିଙ୍ଗ ଷ୍ଟାଡିଅମ ଠାରେ ଉଦଯାପିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚ଼ରଣ ମାଝୀ ଯୋଗଦେଇ ସମସ୍ତ ବିଜେତା ଆଥଲେଟମାନଙ୍କୁ ପୁରସ୍କୃତ କରିବା ସହିତ ଆଗାମୀ ସମୟରେ ସମସ୍ତ ଖେଳରେ ନିଜର ପରିଶ୍ରମ ଅବ୍ୟାହତ ରଖିବାପାଇଁ ପରାମର୍ଶ ଦେଇଥିଲେ। ହାର ଜିତ ତ ସବୁ ଖେଳାଳି ଜୀବନରେ ଆସିଥାଏ। କିନ୍ତୁ ପ୍ରକୃତ ଜୀବନର ସଂଘର୍ଷକୁ ଜିତିଯାଇଥିବା ବିଜେତା ହେଉଛନ୍ତି ଆପଣମାନେ। କାରଣ ଆପଣମାନେ ନିଜର ଦୁର୍ବଳତାକୁ ନିଜର ଶକ୍ତି କରିଦେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସମସ୍ତ ଖେଳାଳିଙ୍କୁ ସମ୍ବୋଧନ କରି କହିଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ସମସ୍ତ ଆଥଲେଟ ମାନଙ୍କୁ ଆଗାମୀ ଏସିଆନ ପାରା ଗେମ୍ସ ରେ ଦେଶ ପାଇଁ ଗୌରବ ଆଣିବାକୁ କହିଥିଲେ ଏବଂ ଏହି ଅବସରରେ ଓଡିଶା କଣ୍ଟିଜେଣ୍ଟର ୪୦ଜଣ ଆଥଲେଟଙ୍କୁ ମୁଖ୍ୟମନ୍ତ୍ରୀ ସ୍ୱତନ୍ତ୍ର ଅଭିନନ୍ଦନ ଜଣାଇଥିଲେ। ନିଜ ଅଭିଭାଷଣରେ ଅଲିମ୍ପିକ ପଦକ ବିଜେତା ପ୍ରମୋଦ ଭଗତ ଓ ଭି. ରମେଶ ରାଓଙ୍କ ପରି କ୍ରୀଡାବିତଙ୍କ ପଥ ଅନୁସରଣ କରି ଉତ୍କର୍ଷ ହାସଲ କରିବା ପାଇଁ ଉଦ୍ୟମ ଜାରି ରଖନ୍ତୁ ବୋଲି ମୁଖ୍ୟମନ୍ତ୍ରୀ କ୍ରୀଡ଼ାବିତ ମାନଙ୍କୁ କହିଥିଲେ। ସେ ଆହୁରି କହିଥିଲେ ଯେ ସଫଳତା ଆପଣମାନଙ୍କୁ ଅପେକ୍ଷା କରି ରହିଛି । ଆପଣଙ୍କୁ କେହି ଅଟକେଇ ପାରିବେ ନାହିଁ। ସୂଚ଼ନା ଯୋଗ୍ୟଯେ ଉକ୍ତ ଚ଼ମ୍ପିୟନସିପ୍ ରେ ୨୮ଟି ରାଜ୍ୟର ୧୪୬୦ ଜଣ ପାରା-ଆଥଲେଟ୍ ଭାଗ ନେଇଥିଲେ। ଆଜି ଉଦଯାପନୀ ଦିବସରେ ମୁଖ୍ୟମନ୍ତ୍ରୀ ଚ଼ମ୍ପିୟାନ ଦଳ ଭାବେ ହରିୟାଣା (ପ୍ରଥମ) (୯୫ଟି ମେଡାଲ), ତାମିଲନାଡୁ (ଦ୍ୱିତୀୟ)(୫୧ଟି ମେଡାଲ) ଏବଂ ଗୁଜୁରାଟ (ତୃତୀୟ) (୩୦ଟି ମେଡାଲ)ଙ୍କୁ ପୁରସ୍କୃତ କରିବା ସହିତ ବିଭିନ୍ନ ସ୍ତରରେ ବିଜେତା ଆଥଲେଟ ମାନଙ୍କୁ ପୁରସ୍କୃତ କରିଥିଲେ। ଏହି ଚ଼ମ୍ପିୟନସିପ୍ ରେ ଓଡ଼ିଶା ୫ଟି ସ୍ୱର୍ଣ୍ଣ ପଦକ ସହିତ ସମୁଦାୟ ୧୭ଟି ମେଡାଲ ପାଇଛି। କାର୍ଯ୍ୟକ୍ରମରେ କ୍ରୀଡା ଓ ଯୁବ ବ୍ୟାପାର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ, କ୍ରୀଡା ବିଭାଗ ସଚ଼ିବ ସଚ଼ିନ ଆର ଯାଦବ, ପାରାଲିମ୍ପିକ କମିଟି ସାଧାରଣ ସମ୍ପାଦକ ଜୟଓ୍ୱାନ୍ତ ଏ. ଐ., ପାରା ଆଥଲେଟିକ୍ସ , ପ୍ରେସିଡେଣ୍ଟଶ୍ରୀ ସତ୍ୟନାରାୟଣ, ପାରା ସ୍ପର୍ଟ୍ସ ଆସୋସିଏସନ ଅଫ୍ ଓଡିଶାର ଅଧ୍ୟକ୍ଷ କମଳାକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ।

# ଆଇପିଏଲ୍‌ରୁ ଆକାଶ ଦୀପ ବାହାର



କୋଲକାତା: ଆଇପିଏଲ୍ ଆରମ୍ଭ ହେବାକୁ ଆଉ ମାତ୍ର ହାତଗଣତି ଦିନ ଥିଲା ବେଳେ କୋଲକାତା ନାଇଟ୍ ରାଇଡର୍ସ (କେକେଆର୍) ପାଇଁ ଦ୍ରୁତ ବୋଲର ସମସ୍ୟା ଦେଖାଦେଲାନି। ଏହାର ତାରକା ବୋଲର ହର୍ଷିତ ରାଣା ଆହତ କାରଣରୁ ବାଦ୍ ପଡିଥିଲା ବେଳେ ମଥୀଶା ପଥିରଣା ଏବେ ଶ୍ରୀଲଙ୍କା କ୍ରିକେଟ୍‌ର ଅନୁମତି ଅପେକ୍ଷାରେ ଅଛନ୍ତି। ଏହା ଭିତରେ ଦଳକୁ ଆଉ ଏକ ଝଟ୍‌କା ଲାଗିଛି। ଏହି ଦଳରେ ଥିବା ଭାରତୀୟ ଦ୍ରୁତ ବୋଲର ଆକାଶ ଦୀପ ଆହତ କାରଣରୁ ଆଇପିଏଲ୍‌ରୁ ବାଦ୍ ପଡିଛନ୍ତି।

ଏହି ୨୯ ବର୍ଷୀୟ ବେଙ୍ଗଲ ଦ୍ରୁତ ବୋଲରଙ୍କୁ ଆବୁଧାବିରେ ହୋଇଥିବା ମିନି ନିଲାମରେ କେକେଆର୍ ୧ କୋଟି ଟଙ୍କାରେ କିଣିଥିଲା। କେକେଆର୍‌ର ଅଭ୍ୟାସ ଶିବିର କୋଲ୍‌କାତାରେ ଚ଼ଳିତ ମାସ ୧୮ ତାରିଖରୁ ଆରମ୍ଭ ହୋଇଥିଲେ ମଧ୍ୟ ଆକାଶ ଦୀପ ଯୋଗ ଦେଇନାହାନ୍ତି। ସଂପ୍ରତି ବେଙ୍ଗାଲୁରୁସ୍ଥିତ ଉତ୍କର୍ଷ କେନ୍ଦ୍ର (ସିଓଇ)ଠାରେ ସେ ପୁନର୍ବାସରେ ଅଛନ୍ତି। ସେ କେବେ ସୁସ୍ଥ ହେବେ ଅନିଶ୍ଚିତତାରେ ଥିବାରୁ ଦଳରୁ ବାଦ୍ ପଡିଛନ୍ତି। ତଥାପି 'ସିଓଇ' ସହ କେକେଆର୍ ଯୋଗାଯୋଗରେ ରହିଛି। ଲଗାତାର ଆହତ ଜନିତ ସମସ୍ୟା ଯୋଗୁଁ ଆକାଶ ଦୀପ ଜାତୀୟ ଦଳ ସହ ଆଇପିଏଲ୍ ଫ୍ରାଞ୍ଚାଇଜିର ମ୍ୟାଚ୍ ଖେଳିବାରୁ ବଞ୍ଚିତ ହେଉଛନ୍ତି।୨୦୨୨ରେ ଆଇପିଏଲ୍‌ପଦାର୍ପଣ କରିଥିବା ଆକାଶ ଦୀପ ମାତ୍ର ୧୪ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲା ବେଳେ ୧୦ ଓ୍ୱିକେଟ୍ ଅକ୍ତିଆର କରିଛନ୍ତି। ଗତ ସଂସ୍କରଣରେ ଲକ୍ଷ୍ନେ ସୁପର ଜାଏଣ୍ଟ୍ସ ତାଙ୍କୁ ୮ କୋଟି ଟଙ୍କାରେ କିଣିଥିଲା। ହେଲେ ଏହି ଦଳ ଗୋଟିଏ ଋତୁ ପରେ ତାଙ୍କୁ ଛାଡି ଦେଇଥିଲା। କେକେଆର୍ ମାର୍ଚ୍ଚ ୨୯ ତାରିଖରେ ଓ୍ୱାଙ୍ଖଡେରେ ଘରୋଇ ଦଳ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷରେ ଖେଳି ଆଇପିଏଲ୍ ଆରମ୍ଭ କରିବ। ଏହା ପୂର୍ବରୁ ଦଳ ହର୍ଷିତ ଓ ଆକାଶ ଦୀପଙ୍କ ବିକଳ୍ପ ସନ୍ଧାନରେ ଅଛି।

# ଭାରତ ଗସ୍ତ ପୂର୍ବରୁ ଅଷ୍ଟ୍ରେଲିଆର ବ୍ୟସ୍ତସୂଚ଼ୀ

ନୂଆଦିଲ୍ଲୀ,୨୨।୩: ଭାରତ ଗସ୍ତରେ ଆସିବା ପୂର୍ବରୁ ଅଷ୍ଟ୍ରେଲିଆ ବ୍ୟସ୍ତବହୁଳ ଖେଳସୂଚ଼ୀରେ ସାମିଲ ହେବ। ରବିବାର କ୍ରିକେଟ୍ ଅଷ୍ଟ୍ରେଲିଆ ଏହାର ୨୦୨୬-୨୭ ଅନ୍ତର୍ଜାତୀୟ ଖେଳସୂଚ଼ୀ ଘୋଷଣା କରିବା ପରେ ଏହା ସ୍ପଷ୍ଟ ହୋଇଛି। ଘୋଷିତ ଖେଳସୂଚ଼ୀ ଦେଖିଲେ ଆହତ ଖେଳାଳିମାନଙ୍କୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଖୁବ୍ କମ୍ ସୁଯୋଗ ରହିବ।

ସୂଚ଼ନାଯୋଗ୍ୟ, ଅଷ୍ଟ୍ରେଲିଆ କ୍ରିକେଟ୍ ଦଳ ୨୦୨୭ ଜାନୁଆରି ଦ୍ୱିତୀୟାର୍ଦ୍ଧରୁ ଭାରତ ଗସ୍ତରେ ଆସି ୫ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ଶୃଙ୍ଖଳା (ବର୍ଡର-ଗାଭାସ୍କର ଟ୍ରଫି) ଖେଳିବ। ପ୍ୟାଟ୍ କମିନ୍ସଙ୍କ ନେତୃତ୍ୱାଧୀନ ଅଭିଜ୍ଞ ଅଷ୍ଟ୍ରେଲିଆ ଦଳର ଅଧିକାଂଶ ବରିଷ୍ଠ ଖେଳାଳିଙ୍କ କ୍ୟାରିୟର୍ ପାଇଁ ଏହି ଶୃଙ୍ଖଳା ନିର୍ଣ୍ଣାୟକ ସାବ୍ୟସ୍ତ ହେବ। ମୋଟ ଉପରେ ମାତ୍ର ୧୪ ସପ୍ତାହ ଭିତରେ ଅଷ୍ଟ୍ରେଲିଆକୁ ୧୦ ଟେଷ୍ଟ୍ ଖେଳିବାକୁ ପଡିବାକୁ ଥିବାରୁ ଟେଷ୍ଟ୍ କ୍ରିକେଟ୍ ଇତିହାସରେ ଏହା ମଧ୍ୟ ସବୁଠାରୁ ଗାମ୍ଭୀର୍ଯ୍ୟପୂର୍ଣ୍ଣ ହେବ।ଏହି ୧୦ ଟେଷ୍ଟ୍ ବ୍ୟତୀତ ଜୁନ୍‌ରୁ ଅଗଷ୍ଟ ଭିତରେ ଇଂଲଣ୍ଡ ସହ ୫ ମ୍ୟାଚ୍ ଖେଳିବା ପରେ ଯଦି ବିଶ୍ୱ ଟେଷ୍ଟ୍ ଚ୍ୟାମ୍ପିଅନସିପ୍ ଫାଇନାଲ୍ ଯୋଗ୍ୟତା ଅର୍ଜନ କରିବ ତେବେ ଜୁନ୍‌ରେ ଖେଳିବ।ଚ଼ଳିତ ବର୍ଷ ଅଗଷ୍ଟରୁ ବାଂଲାଦେଶ ବିପକ୍ଷରେ ୨ଟି ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ୍ ଶୃଙ୍ଖଳାରୁ ଆରମ୍ଭ ହୋଇ ଏହା ମାର୍ଚ୍ଚ ୨୦୨୭ ପର୍ଯ୍ୟନ୍ତ ଲମ୍ବିବ।

ମେଲ୍‌ବର୍ଣ୍ଣରେ ଇଂଲଣ୍ଡ ବିପକ୍ଷରେ ଗୋଲାପି ବଲ୍‌ରେ (ଦିବାରାତ୍ର) ଖେଳି ନିଜ ୧୫୦ତମ ଟେଷ୍ଟ୍ ବାର୍ଷିକୀ ବି ପାଳନ କରିବ। ଏହାରି ଭିତରେ ନ୍ୟୁଜିଲାଣ୍ଡ ବିପକ୍ଷରେ ୪ ମ୍ୟାଚ୍ ବିଶିଷ୍ଟ ଘରୋଇ ଟେଷ୍ଟ୍ ଶୃଙ୍ଖଳା ବି ମାସ ଭିତରେ ନିର୍ଧାର୍ଯ୍ୟ ରହିଛି। ଏହା ଠିକ୍ ଭାରତ ଗସ୍ତ ପୂର୍ବରୁ ଖେଳିବ ଡିସେମ୍ବର-ଜାନୁଆରି ମାସରେ। ଏହା ପୂର୍ବରୁ ଅବଶ୍ୟ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଘରୋଇ ଟେଷ୍ଟ୍ ଶୃଙ୍ଖଳା ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅକ୍ଟୋବର ମାସରେ ଖେଳିବ କଙ୍ଗାରୁ ଦଳ। ତେବେ ଭାରତ ଗସ୍ତ ଷ୍ଟିଭ୍ ସ୍ମିଥ୍, ମିଚେଲ୍ ଷ୍ଟାର୍କ, ଜୋସ୍ ହାଜେଲଉଡ୍, ନାଥନ୍ ଲାୟନଙ୍କ ପାଇଁ ନିଶ୍ଚିତ ନୂଆ ଆହ୍ୱାନ ରଖିବ। ଏମାନେ କେବେ ଭାରତ ମାଟିରେ ଟେଷ୍ଟ ଶୃଙ୍ଖଳା ଜିତିପାରିନାହାନ୍ତି।

# ମହିଳା ବିଶ୍ୱକପ୍ ପାଇଁ ଫିଫାର ଆସିଲା ନୂଆ ନିୟମ

ଜୁରିଚ୍,୨୨।୩: ବିଶ୍ୱ ଫୁଟ୍‌ବଲ ପରିଚ଼ାଳନା ସଂସ୍ଥା 'ଫିଫା'ର ଏକ ନୂଆ ନିୟମ ଅନୁମୋଦନ ଲାଭ କରିଛି। ଏଣିକି ମହିଳା ବିଶ୍ୱକପ୍ ଓ ଅନ୍ୟ ଟୁର୍ନାମେଣ୍ଟଗୁଡ଼ିକରେ ମହିଳା ଫୁଟ୍‌ବଲ କୋଚ୍‌ମାନେ ଅଧିକ ସୁଯୋଗ ପାଇବେ। ଫିଫା କହିଛି, ମହିଳା ଟୁର୍ନାମେଣ୍ଟଗୁଡ଼ିକରେ ପ୍ରତ୍ୟେକ ଦଳରେ ଅତିକମ୍‌ରେ ଜଣେ ମୁଖ୍ୟ କୋଚ୍ କିମ୍ବା ସହକାରୀ କୋଚ୍ ରହିବେ।୨୦୨୩ ମହିଳା ବିଶ୍ୱକପ୍‌ରେ ଭାଗ ନେଇଥିବା ୩୨ ଦଳ ମଧ୍ୟରୁ ମାତ୍ର ୧୦ଟିରେ ଜଣେ ମହିଳା ମୁଖ୍ୟ କୋଚ୍ ଥିଲେ। ସେମାନଙ୍କ ମଧ୍ୟରେ ଫାଇନାଲରେ ପରାଜିତ ଇଂଲଣ୍ଡ ଦଳର ସାରିନା ଓ୍ୱିଗ୍‌ମାନ ଅନ୍ୟତମ।ଫିଫାର ଚ଼ିଫ୍ ଫୁଟ୍‌ବଲ ଅଫିସର ଜୁଲ୍ ଏଲିସ୍ ତାଙ୍କର ଏକ ବିବୃତିରେ କହିଛନ୍ତି, ଆମକୁ ଅଧିକ କାମ କରିବାକୁ ହେବ,ପରିବର୍ତ୍ତନର ବେଗ ଦ୍ରୁତତର ହେବ। ୟୁରୋପୀୟ ଫୁଟ୍‌ବଲ ପରିଚ଼ାଳନା ସଂସ୍ଥା 'ୟୁଫା' ମହିଳା ଖେଳକୁ ଅଧିକ ଉନ୍ନତ କରିପାରିଛି। ମହିଳା ୟୁରୋପିଆନ ଚ଼ାମ୍ପିୟନଶିପ୍‌ରେ ଭାଗ ନେଉଥିବା ୧୬ଟି ଦଳ ମଧ୍ୟରୁ ଯଦିଓ ୭ଟି ଦଳରେ ଜଣେ ଲେଖାଏ ମହିଳା ମୁଖ୍ୟ କୋଚ୍ ଅଛନ୍ତି, ଯେଉଁ ଦଳରେ ପୁରୁଷ ମୁଖ୍ୟକୋଚ୍ ଅଛନ୍ତି, ସେହି ଦଳରେ ଜଣେ ମହିଳା କୋଚ୍ ଅନିବାର୍ଯ୍ୟ।

# ନ୍ୟୁଜିଲାଣ୍ଡକୁ ହରାଇଲା ଦକ୍ଷିଣ ଆଫ୍ରିକା

ଓ୍ୱେଲିଂଟନ,୨୨।୩: ଏଠାରେ ଖେଳାଯାଇଥିବା ଘରୋଇ ନ୍ୟୁଜିଲାଣ୍ଡ ବିପକ୍ଷ ଚ଼ତୁର୍ଥ ଟ୍ୱେଣ୍ଟି-୨୦କୁ ଦକ୍ଷିଣ ଆଫ୍ରିକା ୧୯ ରନ୍‌ରେ ଜିତି ନେଇଛି। ଫଳରେ ୫ ମ୍ୟାଚ୍ ବିଶିଷ୍ଟ ଶୃଙ୍ଖଳା ୨-୨ ସମାନ ସ୍ତରକୁ ଆସିଛି। ପଞ୍ଚମ ତଥା ନିର୍ଣ୍ଣାୟକ ଟ୍ୱେଣ୍ଟି-୨୦ ବୁଧବାର ଖେଳାଯିବ।

ରବିବାର ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଦକ୍ଷିଣ ଆଫ୍ରିକା ସ୍କାର୍ ବୋର୍ଡରେ ରନ୍ ଯୋଡି ହେବା ପୂର୍ବରୁ ଓ୍ୱିଆନ୍ ମୁଲଡରଙ୍କୁ ହରାଇଥିଲା। ଏହାପରେ ଟୋନି ଡି'ଜର୍ଜି (୨୩) ଓ କନ୍‌ନୋର ଇଷ୍ଟରହୁଇଜେନ୍ (୫୭) ଦ୍ୱିତୀୟ ଓ୍ୱିକେଟ୍‌ରେ ୮୧ ରନ୍ ଯୋଡି ପାଳି ସମ୍ଭାଳି ନେଇଥିଲେ। ରବିନ ହେର୍ମାନ (୨୮ଅ), ଡିଆନ୍ ଫୋରେଷ୍ଟର (୧୯) ଓ ଜାସନ ସ୍ମିଥ୍ (୧୯) ଭଲ ଖେଳିବାରୁ ଦଳ ୫ ଓ୍ୱିକେଟ୍ ହରାଇ ୧୬୪ ରନ୍‌ର ସମ୍ମାନଜନକ କରିପାରିଥିଲା।

ନ୍ୟୁଜିଲାଣ୍ଡର କାଇଲ ଜାମିସନ ୨ ଓ୍ୱିକେଟ୍ ନେଇଥିଲେ। ଜବାବରେ ନ୍ୟୁଜିଲାଣ୍ଡର ଆରମ୍ଭ ଭଲ ହୋଇଥିଲେ ମଧ୍ୟ



ନିୟମିତ ଓ୍ୱିକେଟ୍ ହରାଇ ୧୮.୫ ଓଭରରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ଟିମ୍ ରବିନସନ ୩୨ ଓ ଡାନେ କ୍ଲିଭର ୨୬ ରନ୍ କରିଥିଲା ବେଳେ ଭ୍ରମଣକାରୀ ଦଳ ପକ୍ଷରୁ ଗେରାଲ୍ଡ କୋଏଜି ୩ ଏବଂ ଓଟ୍‌ନେଲ୍ ବାର୍ଟମାନ, ପ୍ରିନେଲାନ ସୁବ୍ରାୟେନ୍ ଓ କେଶବ ମହାରାଜ ୨ ଲେଖାଏଁ ଓ୍ୱିକେଟ୍ ଅକ୍ତିଆର କରିଥିଲେ। ଦକ୍ଷିଣ ଆଫ୍ରିକାର ଓ୍ୱିକେଟ୍‌ରକ୍ଷକ ଇଷ୍ଟରହୁଇଜେନ୍ (୫୭ ରନ୍, ୨ କ୍ୟାଚ୍) ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ପାଇଥିଲେ।

# ତାରକା ତୀରନ୍ଦାଜ ଗଢୁଛି ଓଡିଶା ଟାଟା ଆର୍‌ଚେରୀ ଏଚ୍‌ପିସି

ଭୁବନେଶ୍ୱର,୨୨।୩: ଓଡିଶାର ଜନଜାତି ବହୁଳ ଅଞ୍ଚଳରେ ଧନୁ ଓ ତୀର କେବଳ ଏକ ଅସ୍ତ୍ର ନୁହେଁ, ବରଂ ଏହା ସେମାନଙ୍କ ସଂସ୍କୃତି, ଜୀବିକା ଏବଂ ପରିଚ଼ୟ ସହ ଜଡିତ। ଆଜି ସେହି ପାରମ୍ପରିକ ଦକ୍ଷତାକୁ ବିଶ୍ୱସ୍ତରୀୟ କ୍ରୀଡା ପ୍ରତିଭାରେ ରୂପାନ୍ତରିତ କରିବା ପାଇଁ ରାଜ୍ୟରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହୋଇଛି। ଟାଟା ଷ୍ଟିଲ୍ ଏବଂ ଓଡିଶା ସରକାରଙ୍କ ମିଳିତ ସହଯୋଗରେ କେନ୍ଦୁଝରଠାରେ ପ୍ରତିଷ୍ଠିତ 'ଓଡିଶା ଟାଟା ଆର୍‌ଚେରୀ ହାଇ ପରଫର୍ମାନ୍ସ ସେଣ୍ଟର' (ଓଟିଏଏଚ୍‌ପିସି) ଏବେ ଦେଶର ଭବିଷ୍ୟତର ତାରକା ତୀରନ୍ଦାଜଙ୍କୁ ବିଶ୍ୱସ୍ତରୀୟ ପ୍ରତିଯୋଗିତା ପାଇଁ ପ୍ରସ୍ତୁତ କରୁଛି। କେନ୍ଦୁଝରର ଶଙ୍କରପୁରଠାରେ ଅବସ୍ଥିତ ଏହି କେନ୍ଦ୍ର ୨୦୨୪ ଏପ୍ରିଲରୁ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇଛି। ପ୍ରାୟ ତିନି ଦଶନ୍ଧି ପୂର୍ବରୁ ଜାମସେଦପୁରଠାରେ ଟାଟା ଆର୍‌ଚେରୀ ଏକାଡେମୀ ପ୍ରତିଷ୍ଠା ହୋଇଥିଲା, ଯାହା ଭାରତର ପ୍ରଥମ ସଂଗଠିତ ଧନୁର୍ବିଦ୍ୟା ପ୍ରଶିକ୍ଷଣ କେନ୍ଦ୍ର ଭାବେ ଜଣାଶୁଣା।



ଓଡିଶାରେ ଧନୁର୍ବିଦ୍ୟାର ବିକାଶକୁ ଆହୁରି ସୁଦୃଢ଼ କରିବା ପାଇଁ ୨୦୨୩ ଡିସେମ୍ବର ମାସରେ ଟାଟା ଷ୍ଟିଲ୍ ଏବଂ ଓଡିଶା ସରକାରଙ୍କ ମଧ୍ୟରେ ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା। ଏହି ସହଭାଗିତାର ମୁଖ୍ୟ ଲକ୍ଷ୍ୟ ହେଉଛି ଆଗାମୀ ପାଞ୍ଚ ବର୍ଷ ମଧ୍ୟରେ ଏକ ସୁସଂଗଠିତ ପ୍ରତିଭା ଅନ୍‌ୱେଷଣ ପ୍ରକ୍ରିୟା ମାଧ୍ୟମରେ ତୃଣମୂଳସ୍ତରରୁ ପ୍ରତିଭାବାନ ଖେଳାଳିଙ୍କୁ ଚ଼ିହ୍ନଟ କରି ସେମାନଙ୍କୁ ଉଚ୍ଚ଼କୋଟିର ପ୍ରଶିକ୍ଷଣ ପ୍ରଦାନ କରାଯିବ। ଟାଟା ଷ୍ଟିଲ୍‌ର କ୍ରୀଡା ବିଭାଗ ଚ଼ିଫ୍ ମୁକୁଲ ବିନାୟକ ଚୌଧୁରୀଙ୍କ କହିବା ଅନୁଯାୟୀ, ଏହି କେନ୍ଦ୍ରଗୁଡିକର ମୁଖ୍ୟ ଲକ୍ଷ୍ୟ ହେଉଛି ଆଥଲେଟ୍‌ଙ୍କ ସର୍ବାଙ୍ଗୀନ ବିକାଶ କରିବା ଏବଂ ଦେଶ ପାଇଁ ଗୌରବ ଆଣିବା ଭଳି ଏକ ଶକ୍ତିଶାଳୀ ପାଇପ୍‌ଲାଇନ୍ ପ୍ରସ୍ତୁତ କରିବା। ଏହିଭଳି ଭାବେ କେନ୍ଦୁଝରର ହାଇ ପରଫର୍ମାନ୍ସ ସେଣ୍ଟର ଏବଂ ମୟୂରଭଞ୍ଜର ତୃଣମୂଳ କେନ୍ଦ୍ର ମିଳିତ ଭାବେ ଓଡିଶାକୁ ବିଶ୍ୱ ଧନୁର୍ବିଦ୍ୟା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଦେବାକୁ ଲକ୍ଷ୍ୟ ରଖିଛନ୍ତି।

ଏବେ କେନ୍ଦୁଝର ଜିଲ୍ଲାର ଶଙ୍କରପୁର ସ୍ଥିତ ଏହି ହାଇ-ପରଫର୍ମାନ୍ସ ସେଣ୍ଟରରେ ଦୁର୍ଗମ ଅଞ୍ଚଳରୁ ଚ଼ୟନ ହୋଇଥିବା ୨୪ ଜଣ କ୍ୟାଡେଟ୍ (୧୨ ବାଳକ ଓ ୧୨ ବାଳିକା) ଅଭ୍ୟାସ କରୁଛନ୍ତି। ମାତ୍ର ଦୁଇ ବର୍ଷ ମଧ୍ୟରେ ଏହି କେନ୍ଦ୍ରର ତୀରନ୍ଦାଜ ରାଜ୍ୟ ଓ ଜାତୀୟସ୍ତରରେ ୨୦ ପଦକ ଜିତିବାରେ ସଫଳ ହୋଇଛନ୍ତି। ଯେଉଁଥିରେ ୮ ସ୍ୱର୍ଣ୍ଣ, ୮ ରୌପ୍ୟ ଏବଂ ୪ କାଂସ୍ୟ ପଦକ ସାମିଲ ରହିଛି। ଏହି କେନ୍ଦ୍ରର ୧୪ ଜଣ କ୍ରୀଡାବିତ୍ ଜାତୀୟସ୍ତରୀୟ କ୍ରୀଡାରେ ଭାଗ ନେବାର ସୁଯୋଗ ପାଇଛନ୍ତି। ଆଗାମୀ ଦିନରେ ଏହି କ୍ୟାଡେଟ୍‌ମାନେ ଗୁରୁତ୍ୱପୂର୍ଣ୍ଣ ପ୍ରତିଯୋଗିତାରେ ନିଜର କଳା ପ୍ରଦର୍ଶନ କରିବାକୁ ପ୍ରସ୍ତୁତ ହେଉଛନ୍ତି। ମାର୍ଚ୍ଚ ୨୫ରୁ ଏପ୍ରିଲ ୩ ପର୍ଯ୍ୟନ୍ତ ଛତିଶଗଡର ରାୟପୁରଠାରେ ଅନୁଷ୍ଠିତ ହେବାକୁ ଥିବା ପ୍ରଥମ 'ଖେଲୋ ଇଣ୍ଡିଆ ଟ୍ରାଇବାଲ ଗେମ୍ସ' ଏବଂ ମାର୍ଚ୍ଚ ୨୬ରୁ ଏପ୍ରିଲ ୭ ପର୍ଯ୍ୟନ୍ତ ଆନ୍ଧ୍ରପ୍ରଦେଶର ଗୁଣ୍ଟୁରଠାରେ ହେବାକୁ ଥିବା 'ଅଣ୍ଡର-୧୦, ୧୩ ଓ ୧୫ ବର୍ଗର ଜାତୀୟ ଆର୍‌ଚେରୀ ଚ଼ାମ୍ପିଅନସିପ୍''ରେ ଓଡିଶାର ଏହି ପ୍ରତିଭାମାନେ ଅଂଶଗ୍ରହଣ କରିବେ। ଏହି ସଫଳତା ପଛରେ ମାଲକାନଗିରିର ଅର୍ଜୁନ ଖରା ଏବଂ ଯାଜପୁରର ସୀତା ହେମ୍ବ୍ରମଙ୍କ ଭଳି ଅନେକ ସଂଘର୍ଷର କାହାଣୀ ରହିଛି, ଯେଉଁମାନେ ଆର୍ଥିକ ଅନଟନ ଓ ପାରିବାରିକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ଆଜି ଜାତୀୟସ୍ତରରେ ନିଜର ପରିଚ଼ୟ ସୃଷ୍ଟି କରିପାରିଛନ୍ତି।

ମାଲକାନଗିରିର ଏକ ନକ୍ସଲ ପ୍ରଭାବିତ ଗାଁର ଚ଼ାଷୀ ପରିବାରରୁ ଆସିଥିବା ୨୨ ବର୍ଷୀୟ ଯୁବକ ଅର୍ଜୁନ ଖରା ଦିନେ କ୍ରୀଡା କ୍ଷେତ୍ରରେ ନିଜର ଭବିଷ୍ୟତ ବିଷୟରେ କଳ୍ପନା ମଧ୍ୟ କରିନଥିଲେ। କିନ୍ତୁ ଆଜି ପେସାଦାର ପ୍ରଶିକ୍ଷଣ ଏବଂ ଅତ୍ୟାଧୁନିକ ସୁବିଧା ସୁଯୋଗ ପାଇ ସେ ଜାତୀୟସ୍ତରରେ ନିଜର ପରାକାଷ୍ଠା ଦେଖାଇବା ସହ ଭାରତର ପ୍ରତିନିଧିତ୍ୱ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେହିପରି ଯାଜପୁରର ୧୬ ବର୍ଷୀୟା ସୀତା ହେମ୍ବ୍ରମ, ଅଳ୍ପ ବୟସରୁ ପିତାମାତାଙ୍କୁ ହରାଇବା ପରେ ସାନ ଭଉଣୀର ଦେଖାଶୁଣା ଦାୟିତ୍ୱ ବି ତୁଲାଉଛନ୍ତି। ସେ ଧନୁର୍ବିଦ୍ୟା ମାଧ୍ୟମରେ ନିଜ ଜୀବନର ଏକ ନୂଆ ଉଦ୍ଦେଶ୍ୟ ଖୋଜି ପାଇଛନ୍ତି। ସେ ନିଜର ସମସ୍ତ ପ୍ରତିକୂଳ ପରିସ୍ଥିତିକୁ ଏକ ବଡ ସଫଳତାର ସ୍ୱପ୍ନରେ ପରିଣତ କରିଛନ୍ତି। କେନ୍ଦୁଝର କେନ୍ଦ୍ରରେ ପ୍ରଶିକ୍ଷଣ ଉପରେ ଗୁରୁତ୍ୱ ଦିଆଯାଉଥିବା ବେଳେ ଟାଟା ଷ୍ଟିଲ୍ ଏହି ସମୟରେ ତୃଣମୂଳ ସ୍ତରରୁ ପ୍ରତିଭାମାନଙ୍କୁ ଆଗକୁ ଆଣିବା ପାଇଁ ମଧ୍ୟ କାର୍ଯ୍ୟ କରୁଛି। ମୟୂରଭଞ୍ଜ ଜିଲ୍ଲାର ପାହାଡପୁରଠାରେ ଏସଏଲଏସ ସ୍କୁଲ ସହଯୋଗରେ ୨୦୨୫ ମେ ମାସରୁ ଏକ 'ଆର୍‌ଚେରୀ ଫିଡର୍ ସେଣ୍ଟର' ସ୍ଥାପନ କରାଯାଇଛି। ଏଠାରେ ୧୨ ବର୍ଷରୁ କମ୍ ବୟସର ୨୦ ଜଣ ଛାତ୍ରଛାତ୍ରୀଙ୍କୁ ଆଧୁନିକ କୌଶଳ ସହ ଶୃଙ୍ଖଳା, ଟିମ୍‌ଓ୍ୱାର୍କ ଓ ଆତ୍ମବିଶ୍ୱାସ ବୃଦ୍ଧି ସମ୍ପର୍କରେ ଶିକ୍ଷା ଦିଆଯାଉଛି।

# ଜାପାନ ଏସୀୟ ମହିଳା ଫୁଟବଲ୍ ବିଜେତା

ସିଡ୍‌ନୀ,୨୨।୩: ଚ଼ଳିତ ମହିଳା ଏସିଆନ କପ୍ ଫୁଟବଲ ଟୁର୍ନାମେଣ୍ଟରେ ଜାପାନ ଚ଼ାମ୍ପିୟନ ହୋଇଛି। ଶନିବାର ଷ୍ଟାଡିୟମ ଅଷ୍ଟ୍ରେଲିଆରେ ଅନୁଷ୍ଠିତ ଫାଇନାଲରେ ମାଇକା ହାମାନୋଙ୍କ ଗୋଲ ବଳରେ ଜାପାନ ୧-୦ ଗୋଲରେ ଅଷ୍ଟ୍ରେଲିଆକୁ ପରାସ୍ତ କରି ଏହି ସଫଳତା ପାଇଛି।

୨୧ ବର୍ଷୀୟା ହାମାନୋ ୧୭ତମ ମିନିଟ୍‌ରେ ମିଡ୍ ଫିଲ୍ଡରୁ ପାଇଥିବା ପାସକୁ ଗୋଲରେ ପରିଣତ କରିଥିଲେ, ଯାହା କି ଦଳର ବିଜୟ ଲାଗି ଯଥେଷ୍ଟ ସାବ୍ୟସ୍ତ ହୋଇଥିଲା। ମହିଳା ଏସିଆନ କପ୍ ଟୁର୍ନାମେଣ୍ଟର ଗତ ୪ ସଂସ୍କରଣରେ ଏହା ଜାପାନର ତୃତୀୟ ଟାଇଟଲ। ଏଥିପୂର୍ବରୁ ଜାପାନ ୨୦୧୪ ଓ ୨୦୧୮ରେ ଚ଼ାମ୍ପିୟନ ହୋଇଥିଲା। ଉଭୟ ଥର ଫାଇନାଲରେ ଅଷ୍ଟ୍ରେଲିଆ ପରାସ୍ତ ହୋଇଥିଲା। ଏସିଆର ଟପ୍ ମହିଳା ଦଳ ଜାପାନ ଏହି ଟୁର୍ନାମେଣ୍ଟରେ ୬ ମ୍ୟାଚ୍ ଖେଳିଥିବା ବେଳେ ମାତ୍ର ଗୋଟିଏ ଗୋଲ ବରଣ କରିଥିଲା। ଏହି ଟୁର୍ନାମେଣ୍ଟରୁ ଆସନ୍ତା ବର୍ଷ ବ୍ରାଜିଲରେ ହେବାକୁ ଥିବା ମହିଳା ଫିଫା ବିଶ୍ୱକପ୍ ଲାଗି ୬ ଦଳ ଯୋଗ୍ୟତା ହାସଲ କରିଛନ୍ତି। ମିଡିଲ ଇଷ୍ଟରେ ଯୁଦ୍ଧ ଚ଼ାଲୁଥିବା ବେଳେ ଇରାନ ଏହି ୧୨ ଦଳ ବିଶିଷ୍ଟ ଟୁର୍ନାମେଣ୍ଟରେ ଖେଳୁଥିବାରୁ ଏହା ଚ଼ର୍ଚ୍ଚାର ବିଷୟ ପାଲଟି ଥିଲା। ଇରାନ ଦଳର ୭ ଖେଳାଳି ପ୍ରାରମ୍ଭିକ ଭାବେ ଅଷ୍ଟ୍ରେଲିଆରେ ଆସାଇଲମ ଲାଗି ଅନୁରୋଧ କରିଥିଲେ। ହେଲେ ଅଷ୍ଟ୍ରେଲିଆ ସରକାରଙ୍କ ଅନୁମତି ପରେ ସେମାନଙ୍କ ମଧ୍ୟରୁ ୫ ଜଣ ଦଳ ସହ ଫେରି ଯାଇଥିଲେ।

## ୧୫ ବର୍ଷୀୟା ଫାନିଙ୍କ ରେକର୍ଡ

# ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟ ଶତକ ମାରିବାରେ ସର୍ବକନିଷ୍ଠ



ଲଗୋସ: ରୱାଣ୍ଡାର ମାତ୍ର ୧୫ ବର୍ଷୀୟା କ୍ରିକେଟର୍ ଫାନି ଉତାଗୁସିମାନିଦେ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ନୂଆ ଇତିହାସ ରଚ଼ିଛନ୍ତି। ଏହି ମ୍ୟାଚ୍‌ରେ ପଦାର୍ପଣ କରିଥିବା ଫାନି ଶତକ ଅର୍ଜନ କରିବା ସହ ନୂଆ ରେକର୍ଡର ଅଧିକାରୀ ହୋଇଥିଲେ। ସର୍ବକନିଷ୍ଠ ଖେଳାଳି ଭାବେ ଟ୍ୱେଣ୍ଟି-୨୦ରେ ସେ ଏହି ସଫଳତା ପାଇଛନ୍ତି। ତାଙ୍କର ଏହି ରେକର୍ଡ ଭରା ଶତକ ବଳରେ ରୱାଣ୍ଡା ଏହି ନାଇଜେରିଆ ଆମନ୍ତ୍ରିତ ମହିଳା ଟ୍ୱେଣ୍ଟି-୨୦ର ଘାନା ବିପକ୍ଷ ମ୍ୟାଚ୍‌କୁ ୧୨୨ ରନ୍‌ରେ ଜିତି ନେଇଥିଲା। ୧୫ ବର୍ଷ ୨୨୩ ଦିନ ବୟସର ଫାନି ଏହି ମ୍ୟାଚ୍‌ରେ ୬୫ ବଲ୍‌ରୁ ୧୧୧ ରନ୍‌ର ଅପରାଜିତ ପାଳି ଖେଳିଥିଲେ। ଏଥିସହ ସେ ସର୍ବକନିଷ୍ଠ ଖେଳାଳି ଭାବେ ଶତକ ଅର୍ଜନ କରିଥିବା ଉଗାଣ୍ଡାର ପ୍ରେସ୍କାଭିଆ ଆଲାକୋ (୧୬ ବର୍ଷ ୨୩୩ ଦିନ)ଙ୍କୁ ପଛରେ ପକାଇଥିଲେ। ଆଲାକୋ (୧୧୬ ରନ୍) କିଗାଲିରେ ୨୦୧୯ରେ ମାଲି ବିପକ୍ଷରେ ଏହି ରେକର୍ଡ କରିଥିଲେ। ଫାନି ମଧ୍ୟ ଏହି ଫର୍ମାଟ୍‌ରେ ଅନ୍ତର୍ଜାତୀୟ ପଦାର୍ପଣରେ ଶତକ ହାସଲ କରିବାରେ ପ୍ରଥମ ମହିଳା ହୋଇଛନ୍ତି। ପୁରୁଷ ଟ୍ୱେଣ୍ଟି—୨୦ ଅନ୍ତର୍ଜାତୀୟରେ ଶତକ ହାସଲ କରିବାରେ ଫ୍ରାନ୍ସର ଗୁସ୍ତାଭ ମ୍ୟାକେନ (୧୮ ବର୍ଷ ୨୮୦ ଦିନ)ଙ୍କ ନାମରେ ସର୍ବକନିଷ୍ଠ ରେକର୍ଡ ରହିଛି।

# କୋହଲିଙ୍କ ଲଣ୍ଡନ୍ ଫ୍ଲାଇଟ୍‌କୁ ନେଇ ଗୁଜବ

ନୂଆଦିଲ୍ଲୀ,୨୨।୩: ଲଣ୍ଡନରୁ ଆଇପିଏଲ୍ ଖେଳିବାକୁ ଆସିବା ଓ ଯିବା ଲାଗି ରୟାଲ୍ ଚ଼ାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ମାଲିକଙ୍କଠାରୁ ଏହି ଦଳର ବରିଷ୍ଠ ବ୍ୟାଟର୍ ବିରାଟ କୋହଲି ସ୍ୱତନ୍ତ୍ର ବିମାନ ଦାବି କରିଛନ୍ତି ବୋଲି ରିପୋର୍ଟ ପ୍ରକାଶ ପାଇଥିଲା। କୋହଲି କିନ୍ତୁ ଏହି ଖବରକୁ ହସରେ ଉଡାଇ ଦେଇଛନ୍ତି। ଇନ୍‌ଷ୍ଟାଗ୍ରାମ ପୃଷ୍ଠାରେ ଦୁଇଟି କେତୁକିଆ ଇମୋଜି ଛାଡି ଏହା ଖବର ନୁହେଁ, ନିଛକ ଗୁଜବ ବୋଲି ସ୍ପଷ୍ଟ କରି ଦେଇଛନ୍ତି ସେ। ଏହି ରିପୋର୍ଟରେ ଆହୁରି କୁହାଯାଇଥିଲା ଯେ ଯିବା ଆସିବା ଲାଗି ସ୍ୱତନ୍ତ୍ର ବିମାନ ଦାବି କରିବା ସହ ଦୁଇଟି ମ୍ୟାଚ୍ ମଧ୍ୟରେ ତିନି ଦିନରୁ ଅଧିକ ବ୍ୟବଧାନ ଥିଲେ ଲଣ୍ଡନ ଯାଇ ନିଜ ପରିବାରକୁ ଭେଟିବାର ସର୍ତ୍ତ ମଧ୍ୟ ରଖିଥିଲେ କୋହଲି।



ଏଥିନେଇ ସାମାଜିକ ଗଣମାଧ୍ୟମରେ ଚ଼ର୍ଚ୍ଚା ଜୋର ଧରିବାରୁ କୋହଲି ବାଧହୋଇ ସ୍ପଷ୍ଟୀକରଣ ଦେଇଥିବା ଜଣାପଡିଛି। ସୂଚ଼ନାଯୋଗ୍ୟ ଯେ ଆଇପିଏଲ୍ ଆରମ୍ଭରୁ ଆର୍‌ସିବି ଦଳ ସହ ଅଛନ୍ତି କୋହଲି। ଗତବର୍ଷ ସେ ଏହି ଦଳ ସହ ନିଜର ପ୍ରଥମ ଆଇପିଏଲ୍ ଟ୍ରଫି ଜିତିଥିଲେ। ଚ଼ଳିତ ବର୍ଷ ସେ ଆଇପିଏଲ୍ ଇତିହାସର ପ୍ରଥମ ବ୍ୟାଟର୍ ଭାବେ ୯,୦୦୦ ରନ୍‌ର ମାଇଲ୍‌ଖୁଣ୍ଟ ଛୁଇଁବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ଐତିହାସିକ ରେକର୍ଡଠାରୁ ସଂପ୍ରତି ସେ ମାତ୍ର ୩୩୯ ରନ୍ ଦୂରରେ ରହିଛନ୍ତି। ସଂପ୍ରତି ଏହି ତାରକା ବ୍ୟାଟର୍ ଭାରତ ଛାଡି ପରିବାର ସହ ଲଣ୍ଡନରେ ବସବାସ କରୁଛନ୍ତି।

Printed _ Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 _ Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL iµû\K: iêeRòZþ Kêcûe ]k